

ମୁମ୍ବାଇରେ 'ପେଡ୍ଡି'ର ଟ୍ରେଲର୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-316 ♦FRIDAY ♦15 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୧୬ ♦ଶୁକ୍ରବାର ♦୧୫ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ସାରା ରାଜ୍ୟରେ ତେଲ ଆତଙ୍କ

## ଅଧା ପେଟ୍ରୋଲ ପମ୍ପରେ 'ନୋ ଷ୍ଟକ୍' ବୋର୍ଡ





- ପମ୍ପ ଆଗରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି
- ବାଇକକୁ ୧୦୦, କାରକୁ ୫୦୦ ଟଙ୍କାର ତେଲ
- ରାଜ୍ୟରେ ଗଡ଼ିଲା ନାହିଁ ୨୦୦୦ରୁ ଊର୍ଦ୍ଧ୍ୱ ବସ୍
- ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ବନ୍ଦ: ସଂଘ

■ ଭୁବନେଶ୍ୱର, ୧୪।୫ (ସମିସ): ରାଜ୍ୟରେ ତୀବ୍ର ହୋଇଛି ତେଲ ସଙ୍କଟ। ଗତ ୪-୫ ଦିନ ହେବ କୋରାପୁଟ, ରାୟଗଡା, କଳାହାଣ୍ଡି, ସୁନ୍ଦରଗଡ, ଗଞ୍ଜାମ ଏବଂ ଝାରସୁଗୁଡା ଆଦି ଜିଲାଗୁଡିକରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ସାରା ରାଜ୍ୟକୁ ବ୍ୟାପିଛି। ରାଜଧାନୀଠାରୁ ରାଉରକେଲା, ବାଲେଶ୍ୱରରୁ ମାଲକାନଗିରି ଯାଏ ଅଧିକାଂଶ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ। ପେଟ୍ରୋଲ ଓ ଡିଜେଲ ନ ଥିବାରୁ ଅଧିକାଂଶ ପେଟ୍ରୋଲ ପମ୍ପ 'ନୋ ଷ୍ଟକ୍' ବୋର୍ଡ ଲଗାଇଛନ୍ତି। ଯେଉଁଠି ତେଲ ଷ୍ଟକ ଅଛି, ସେଠାରେ ଲାଗିଛି ଗ୍ରାହକଙ୍କ ଲମ୍ବା ଧାଡ଼ି। ରାଜଧାନୀରେ ଏପରି ଚିତ୍ର ଦେଖିବାକୁ ମିଳିଥିବା ବେଳେ ଉପାନ୍ତ ଅଞ୍ଚଳରେ ସ୍ଥିତି ଅତ୍ୟନ୍ତ ସଙ୍ଗୀନ। ଅଧିକାଂଶ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ଡିଜେଲ ଅଭାବରୁ ରାଜ୍ୟରେ ପ୍ରାୟ ୨୦୦୦ ବସ୍ ଚଳାଚଳ ବନ୍ଦ ରହିଛି। ସ୍ଥିତି ନ ସୁଧୁରିଲେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ବସ୍ ମାଲିକ ସଂଘ ଚେତାବନୀ ଦେଇଛି।

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନଜରରେ ରଖି ପେଟ୍ରୋଲ ଓ ଡିଜେଲ୍ ନିୟନ୍ତ୍ରଣ କରିବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ ପରେ ତେଲକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଆଗକୁ କାଲେ ତେଲ ମିଳିବନି, ତେଲ ଦର ବଢ଼ିଯିବ, ସେଇ ଆଶଙ୍କାରେ ଅନେକ ସ୍ଥାନରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡିକରେ ଷ୍ଟକ୍ ଶେଷ ହୋଇଯାଉଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ, ରାଉରକେଲା, ବାଲେଶ୍ୱର, ଜୟପୁର, ଅନୁଗୋଳ, ଭଦ୍ରକ, ସମ୍ବଲପୁର, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆଦି ସହରଗୁଡିକରେ ସ୍ଥିତି ବହୁତ ଖରାପ। କେତେକ ସ୍ଥାନରେ ମୋଟର ସାଇକେଲ୍ ପିଛା ୧୦୦ ଟଙ୍କାର ଏବଂ କାର ପିଛା ୫୦୦ ଟଙ୍କାର ତେଲ ଦିଆଯାଉଛି। ଭୁବନେଶ୍ୱରର ଖଣ୍ଡଗିରି ସ୍ଥିତ ପେଟ୍ରୋଲ ପମ୍ପରେ ବାଇକ୍, ▶ପୃଷ୍ଠା-୭

# ପାଇକାରୀ ମୁଦ୍ରାସ୍ଫୀତି ୪୨ ମାସରେ ସର୍ବାଧିକ

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏପ୍ରିଲ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ଦ୍ରୁତ ବୃଦ୍ଧି ଘଟିଛି। ଦେଶରେ ଏପ୍ରିଲ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୮.୩%ରେ ପହଞ୍ଚିଛି, ଯାହା ବର୍ତ୍ତମାନ ସ୍ଥିତିରେ ସର୍ବାଧିକ। ଏହି ବୃଦ୍ଧିର ମୁଖ୍ୟ କାରଣ, ଇନ୍ଧନ ଏବଂ ଅଶୋଧିତ ତୈଳ ମୂଲ୍ୟରେ ହୋଇଥିବା ବୃଦ୍ଧି। ଯାହାର ପ୍ରଭାବ ଅର୍ଥନୀତି ଉପରେ ଦେଖିବାକୁ ମିଳୁଛି। ଏଥିଯୋଗୁଁ ପାଇକାରୀ ମୁଦ୍ରାସ୍ଫୀତି ବର୍ତ୍ତମାନ ୪୨ ମାସରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ୩.୮୮%ରୁ ବଢ଼ି ଏପ୍ରିଲରେ ୮.୩% ହୋଇଛି। ଆହୁରି ମଧ୍ୟ ଏହି ତଥ୍ୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ଥିବା ବଡ଼ ପାର୍ଥକ୍ୟକୁ ଦର୍ଶାଉଛି। ବିଶେଷଜ୍ଞ କହିଛନ୍ତି, ବିଶ୍ୱରେ ସାମଗ୍ରୀ ଏବଂ ଶକ୍ତିର ଉଚ୍ଚ ଦାମ୍ ଘରୋଇ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପକାଉଛି। ଫଳରେ ଏବେ ଉତ୍ପାଦନକାରୀଙ୍କ ଖର୍ଚ୍ଚ ଦ୍ରୁତ ଭାବରେ ବଢ଼ୁଛି। ଯାହାର ପ୍ରଭାବ ସାଧାରଣ ଲୋକଙ୍କ

**ଏପ୍ରିଲରେ ୮.୩%**

**ଆଗକୁ ଅସମ୍ଭାଳ ହେବ ବଜାର ସ୍ଥିତି**

**ପୁଣି ବଢ଼ିବ ଖୁଚୁରା ମୁଦ୍ରାସ୍ଫୀତି**

ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୩.୪୮%କୁ ବୃଦ୍ଧି ପାଇଛି। ଯେତେବେଳେକି ମାର୍ଚ୍ଚରେ ଏହା ୩.୪୦% ରହିଥିଲା। ଏଥିରେ ସବୁଠାରୁ ବଡ଼ କଥା ହେଉଛି, ୨୦୨୫ ଅକ୍ଟୋବରରେ ଦେଶରେ ▶ପୃଷ୍ଠା-୭

## ଦିଲ୍ଲୀରେ ଲଜ୍ଜା

# ଚଳନ୍ତା ବସ୍‌ରେ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୪।୫ (ଏଜେନ୍ସି): ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଏକ ଚଳନ୍ତା ସ୍ଲିପର ବସରେ ଜଣେ ମହିଳାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ୨୦୧୨ର କୁଖ୍ୟାତ ନିର୍ଭୟା ମାମଲାକୁ ପୁଣି ମନେ ପକାଇ ଦେଇଛି। ପୋଲିସ ଏହି ମାମଲାରେ ବିହାରରୁ ପଞ୍ଜୀକୃତ ହୋଇଥିବା ବସକୁ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଇ ୧୧ ତାରିଖ ରାତିରେ ଜଣେ ମହିଳା କାମ ସାରି ଫେରୁଥିବା ସମୟରେ ବସର ଜଣେ କର୍ମଚାରୀଙ୍କୁ ସମୟ ପଚାରିଥିଲେ। କିନ୍ତୁ ସେହି ବ୍ୟକ୍ତି ଜଣକ ତାଙ୍କୁ ଜବରଦସ୍ତି ବସ୍ ଭିତରକୁ ଟାଣି ନେଇଥିଲେ। ବସଟି ନାଙ୍ଗଲୋଇ ଆଡ଼କୁ ଯାଉଥିବା ବେଳେ ଚଳନ୍ତା ଗାଡ଼ିରେ ଡ୍ରାଇଭର ଓ ହେଲ୍ପର ମହିଳାଙ୍କୁ ଦୁଇ ଘଣ୍ଟା ଧରି ଯୌନ ନିର୍ଯାତନା ଦେଇଥିଲେ। ବସର କାଚ ସିଲ୍ ଥିବାରୁ ଏବଂ ପରଦା ଲାଗିଥିବାରୁ ବାହାର ଲୋକ କିଛି ଜାଣିପାରି ନଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ଦିଲ୍ଲୀ ପୋଲିସ ବସଟିକୁ ଚିହ୍ନଟ କରିଛି। ▶ପୃଷ୍ଠା-୭

# ୩୦ରୁ ଓଡ଼ିଶାରେ ଏସ୍‌ଆଇଆର୍

**ଘର ଘର ବୁଲି ତଥ୍ୟ ଯାଞ୍ଚ କରିବେ ୩୮୧୨୩ ବିଏଲ୍ଓ**

**ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ବୁଥ୍‌ସ୍ତରୀୟ ଏଜେଣ୍ଟ**

**ଜୁଲାଇ ୫ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା**

■ ଭୁବନେଶ୍ୱର, ୧୪।୫ (ସମିସ): ଭାରତୀୟ ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଓଡ଼ିଶାରେ ଚଳିତ ମାସ ୩୦ ତାରିଖରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଆଇଆର୍) ଆରମ୍ଭ ହେବା ନେଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସ୍‌ଆଇଆର୍ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ରାଜ୍ୟରେ ଏସ୍‌ଆଇଆର୍ ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ନିୟୋଜିତ ହୋଇଥିବା ବେଳେ ସେମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ, ଚଳିତ ମେ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ▶ପୃଷ୍ଠା-୭




# କାଳବୈଶାଖୀର ତାଣ୍ଡବ

## ଉତ୍ତରପ୍ରଦେଶରେ ଶତାଧିକ ମୃତ



- ଛାରଖାର ହେଲା ୫ଟି ଜିଲ୍ଲା
- ଛପର ସହ ମଣିଷକୁ ବି ଉଡ଼ାଇଲା
- ଶୋକ ପ୍ରକାଶ କଲେ ପୁଟିନ

ଲକ୍ଷ୍ନୌ, ୧୪।୫(ଏଜେନ୍ସି): ଗ୍ରୀଷ୍ମର ପ୍ରଚଣ୍ଡ ଦାହ ମଧ୍ୟରେ ପ୍ରକୃତିର ଆକସ୍ମାତ ରୁଦ୍ର ରୂପ ସମଗ୍ର ଉତ୍ତର ପ୍ରଦେଶକୁ ସ୍ତବ୍ଧ କରିଦେଇଛି। ଏକ ଶକ୍ତିଶାଳୀ ଓ ପ୍ରଳୟଙ୍କରୀ ଘୂର୍ଣ୍ଣିଝଡ଼ ଯୋଗୁଁ ରାଜ୍ୟର ୨୫ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାଞ୍ଚଟି ଜିଲ୍ଲାରେ ମୃତ୍ୟୁର ବିଭୀଷିକା ରଚନା କରିଛି। ମାତ୍ର କିଛି ମିନିଟର ଏହି କରାଳ ତାଣ୍ଡବରେ ଅଦ୍ୟାବଧି ୧୧୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗତ ବୁଧବାର ଅପରାହ୍ନରେ ଭାଦୋହୀ, ଫତେପୁର, ବୁଦାଉନ, ଚନ୍ଦୌଲି ଏବଂ ସୋନଭଦ୍ର ଜିଲ୍ଲା ଉପରେ ପ୍ରକୃତିର କୋପ ବର୍ଷିଥିଲା। ଭାଦୋହୀ ଜିଲ୍ଲାରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର ଥିଲା। ଘଣ୍ଟାପ୍ରତି ୫୦ରୁ ୧୦୦ କିଲୋମିଟର ବେଗରେ ପ୍ରବାହିତ ଧୂଳିଝଡ଼ ଓ ବଜ୍ରପାତର ସମ୍ମିଳିତ ପ୍ରକୋପରେ ଶତାଧିକ ବୃକ୍ଷ ଉପୁଡ଼ି ପଡ଼ିବା ସହ ଅନେକ କଞ୍ଚାଘର ଭୁଶୁଡ଼ି ପଡ଼ିଛି। କେତେକ ସ୍ଥାନରେ ଘର ଛପର ସହିତ ମଣିଷକୁ ବି ଉଡ଼ାଇ ଦେଇଛି। ବରେଲି ଅଞ୍ଚଳରେ ଘୂର୍ଣ୍ଣିଝଡ଼ରେ ଆଜବେଷ୍ଟସ ଛାତ ସହିତ ମଣିଷ ପବନରେ ଉଡ଼ିଯାଉଥିବାର ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଘୂର୍ଣ୍ଣିଝଡ଼ରେ ବର୍ତ୍ତମାନ ସୁଦ୍ଧା ୧୧୧ ଜଣ ପ୍ରାଣ ହରାଇଥିବାର ଖବର ମିଳିଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଘର କାନ୍ଥ ପଡ଼ି କିମ୍ବା ବଜ୍ରପାତର ଶିକାର ହୋଇଥିବା ଜଣାପଡ଼ିଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁପି ବିପର୍ଯ୍ୟୟ ପାଇଁ ଟ୍ୱିଟ୍ କରି ଶୋକ ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟକୁ ବାର୍ତ୍ତା ପଠାଇ ଶୋକ ଜଣାଇବା ସହିତ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଓ ବନ୍ଧୁଜନଙ୍କ ପ୍ରତି ସେ ସମବେଦନା ବ୍ୟକ୍ତ କରିଛନ୍ତି।


ପାଣିପାଗ ବିଶେଷଜ୍ଞଙ୍କ ମତରେ, ଭୂପୃଷ୍ଠର ଅତ୍ୟଧିକ ଉତ୍ତାପ ଏବଂ ବାୟୁମଣ୍ଡଳର ଉପରିଭାଗରେ ଥିବା ଶୀତଳ ବାୟୁ ମଧ୍ୟରେ ସୃଷ୍ଟ ତୀବ୍ର ପାର୍ଥକ୍ୟ ଯୋଗୁଁ ଏହି ଭୟଙ୍କର 'କନଭେକ୍ଟିଭ୍' ବା ପରିଚଳନ ପ୍ରକ୍ରିୟା ସୃଷ୍ଟି ହୋଇଥିଲା। ପଶ୍ଚିମା ପ୍ରଭାବ (ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ) ଏବଂ ସ୍ଥାନୀୟ ଚକ୍ରବାତର ମିଶ୍ରଣରେ ଆକାଶରେ ବିଶାଳକାୟ କୃଷ୍ଣମେଘ ସୃଷ୍ଟି ହୋଇ ପ୍ରବଳ ବେଗରେ ନିମ୍ନଗାମୀ ବାୟୁ ପ୍ରବାହ ଘଟାଇଥିଲା, ଯାହା ଭୂପୃଷ୍ଠରେ ଏକ ବିସ୍ଫୋରକ ସ୍ଥିତି ସୃଷ୍ଟି କରିଥିଲା। ବାରମ୍ବାର ମେ' ମାସରେ ଏଭଳି ପ୍ରଳୟଙ୍କରୀ ବାତ୍ୟା ହେବା ପଛରେ ଜଳବାୟୁ ପରିବର୍ତ୍ତନକୁ ଏକ ମୁଖ୍ୟ କାରଣ ଭାବେ ଗ୍ରହଣ କରାଯାଉଛି। ବାୟୁମଣ୍ଡଳର ବୃଦ୍ଧି ପାଉଥିବା ତାପମାତ୍ରା ଏହି ଶକ୍ତିଶାଳୀ ଝଡ଼ ପାଇଁ ଇନ୍ଧନ ସଦୃଶ କାର୍ଯ୍ୟ କରୁଛି। ବିଶେଷ କରି ସିନ୍ଧୁ-ଗଙ୍ଗା ସମତଳ ଅଞ୍ଚଳରେ ଶୁଷ୍କ ବାୟୁ ଏବଂ ଆଦ୍ରତା ମଧ୍ୟରେ ସଂଘର୍ଷ ଯୋଗୁଁ ଏଭଳି ମରଣାନ୍ତକ ପରିସ୍ଥିତି ବାରମ୍ବାର ଉପୁଜୁଛି। ପ୍ରକୃତିର ଏହି ଆକସ୍ମିକ ପ୍ରଳୟ ମନୁଷ୍ୟ ସମାଜକୁ ପୁଣିଥରେ ସତର୍କ କରାଇ ଦେଇଛି।



## ୧୦ ଦିନର କଳ୍ପନାଜଳ୍ପନାର ଅନ୍ତ

# କେରଳର ନୂଆ ମୁଖ୍ୟମନ୍ତ୍ରୀ ହେବେ ସାଥୀସନ

ତିରୁଅନନ୍ତପୁରମ, ୧୪।୫(ଏଜେନ୍ସି): କେରଳ ରାଜନୀତିରେ ଦୀର୍ଘ ୧୦ ଦିନ ଧରି ଲାଗି ରହିଥିବା ଅନିଶ୍ଚିତତାର କଳାବାଦଲ ଶେଷରେ ଅପସାରିତ ହୋଇଛି। ଗଣତାନ୍ତ୍ରିକ ସାମ୍ମୁଖ୍ୟର ବିପୁଳ ବିଜୟ ପରେ କେରଳର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ଭି.ଡି. ସାଥୀସନଙ୍କ ନାମ ଉପରେ ଦଳୀୟ ହାଇକମାଣ୍ଡ ମୋହର ମାରିଛନ୍ତି। ଅନ୍ୟତମ ଦାବିଦାର କେସି ବେଣୁଗୋପାଳ ଏବଂ ରମେଶ ଚେନ୍ନିଥାଲାଙ୍କୁ ପଛରେ ପକାଇ ସାଥୀସନ ଶାସନ ଗାଦିରେ ବସିବାକୁ ଯାଉଛନ୍ତି। ଆଜି ରାଜ୍ୟପାଳଙ୍କୁ ଭେଟି




ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ସେ ୧୮ ତାରିଖରେ ଶପଥ ଗ୍ରହଣ କରିବେ।

ଗତ କିଛି ଦିନ ଧରି ଦଳ ମଧ୍ୟରେ ଚାଲିଥିବା ଘମାଘୋଟ ଆଲୋଚନା ଓ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଆଧାରରେ କଂଗ୍ରେସ ସଭାପତି ଏହି ନିଷ୍ପତ୍ତି ନେଇଛନ୍ତି। ନୂଆଦିଲ୍ଲୀଠାରେ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ସାଥୀସନଙ୍କୁ ବିଧାୟକ ଦଳର ନେତା ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ, ସାଥୀସନ ପାରାଭୁର ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ଛଅ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଛନ୍ତି। ବିଗତ ପାଞ୍ଚ ବର୍ଷ ଧରି ବିରୋଧୀ ଦଳ ନେତା ଭାବେ ଶାସକ ପକ୍ଷକୁ ଘେରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୨୬ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ୧୦୨ଟି ଆସନରେ ଐତିହାସିକ ସଫଳତା ପଛରେ ସାଥୀସନଙ୍କ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ରହିଥିଲା। ଦୁର୍ନୀତି ଏବଂ କୁଶାସନ ବିରୋଧରେ ସେ ଜନମତ ଏକତ୍ରିତ କରିବାରେ ସଫଳ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହେବା ପରେ ସାଥୀସନ କହିଛନ୍ତି ଯେ, ଏହା କେରଳ ପାଇଁ ଏକ ନୂତନ ଯୁଗର ଆରମ୍ଭ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ପାଳନ କରାଯିବ। ଯଦିଓ ଦଳ ମଧ୍ୟରେ କିଛି ବିଧାୟକ ବେଣୁଗୋପାଳଙ୍କ ସପକ୍ଷରେ ଥିଲେ, ତଥାପି ସାଥୀସନଙ୍କ ସାଧାରଣ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ପରାଜିତ ଦାବିଦାରମାନେ ମଧ୍ୟ ଦଳର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ସାଥୀସନଙ୍କ ପାଇଁ ଏହି ସଫଳତା ସହଜ ନଥିଲା। ଦୀର୍ଘ ଦଶନ୍ଧିର ବାମପନ୍ଥୀ ଶାସନର ଅନ୍ତ ଘଟାଇ କେରଳରେ ଏକ ସ୍ୱଚ୍ଛ ଓ ପ୍ରଗତିଶୀଳ ପ୍ରଶାସନ ଗଠନ କରିବା ଏବେ ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ।

# ୩୦ ମଇରୁ ତୃତୀୟ ପର୍ଯ୍ୟାୟ ଏସ୍‌ଆଇଆର; ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ଚଳିତମାସ ୩୦ ତାରିଖରୁ ତୃତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଜି ଘୋଷଣା କରିଛନ୍ତି ଭାରତୀୟ ନିର୍ବାଚନ କମିସନ। ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ହେବ। ତେବେ କେତେକ କାରଣ ଯୋଗୁଁ ବର୍ତ୍ତମାନ ପାଇଁ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଜନଗଣନା ସହିତ ଏସ୍‌ଆଇଆର ପ୍ରକ୍ରିୟା ଏକ ସମୟରେ ଚାଲୁ ରହିବ। ଏହି ପର୍ଯ୍ୟାୟରେ ପ୍ରାୟ ୩ ଲକ୍ଷ ୯୪ ହଜାର ବୁଥ୍ ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ପ୍ରାୟ ୩୬ କୋଟି ୭୩ ଲକ୍ଷ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ।

ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଚଳିତ ମଇ ମାସ ୨୦ ତାରିଖରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ। ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍‌ଓଙ୍କୁ ତାଲିମ ଦିଆଯିବ। ଏହି ପ୍ରକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମରେ ମଇ ୩୦ ତାରିଖରୁ ବିଏଲ୍‌ଓ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ। ଜୁନ୍ ୨୮ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବାପରେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶ ପାଇବ। ଏହା ଉପରେ ଆପତ୍ତି ଅଭିଯୋଗ ପାଇଁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି। ଡ୍ରାଫଟ ରୋଲ ପ୍ରକାଶ ପାଇବା ସହିତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଆପତ୍ତି ଅଭିଯୋଗର ସମାଧାନ ସେପଟେମ୍ବର ୨ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି କମିସନ କହିଛନ୍ତି। ସେପଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେହିଭଳି ଉତ୍ତରାଖଣ୍ଡରେ ୮ ଜୁନ, ଆନ୍ଧ୍ର ଓ ହରିଆଣାରେ ୧୫ ଜୁନ, ତେଲେଙ୍ଗାନା ଓ ପଞ୍ଜାବରେ ୨୫ ଜୁନ ଏବଂ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ଝାଡ଼ଖଣ୍ଡରେ ୩୦ ଜୁନରୁ ଘରକୁ ଘର ଯାଞ୍ଚ ଆରମ୍ଭ ହେବ। ଜାତୀୟ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲୁ ରହିଥିବାରୁ ଏବଂ ପାର୍ବତ୍ୟ ଅଞ୍ଚଳରେ ପ୍ରତିକୂଳ ପାଗ ତଥା ବରଫପାତ ଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଏବଂ ଲଦାଖକୁ ବର୍ତ୍ତମାନ ପାଇଁ ଏହି ପ୍ରକ୍ରିୟାରୁ ବାଦ୍ ଦିଆଯାଇଛି। ଏହି ତିନୋଟି ଅଞ୍ଚଳ ପାଇଁ ପରବର୍ତ୍ତୀ ସମୟରେ ପୃଥକ ଭାବେ କାର୍ଯ୍ୟସୂଚୀ ଜାରି କରାଯିବ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏଥିରେ ସହଯୋଗ କରିବାକୁ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ୧୨ଟି ରାଜ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ସଂଶୋଧନ ସମୟରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୨.୦୪ କୋଟି ଏବଂ ପଶ୍ଚିମବଙ୍ଗରୁ ୯୧ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିଲା। ତାମିଲନାଡୁରେ ମଧ୍ୟ ୯୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କଟାଯାଇଛି।



# ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

## ନିର୍ବାଚନ କମିସନ ଚୟନ ପ୍ରକ୍ରିୟାରୁ ପ୍ରଧାନବିଚାରପତି ବାଦ୍ କାହିଁକି?

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଏବଂ ନିର୍ବାଚନ କମିସନର (ଇସି) ମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଚୟନ କମିଟିର ସ୍ୱଚ୍ଛତାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ପ୍ରକ୍ରିୟାରେ କାର୍ଯ୍ୟପାଳିକାର ଅତ୍ୟଧିକ ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ଦତ୍ତ ପ୍ରଶ୍ନ କରିଥିଲେ ଯେ, ଯଦି ସିବିଆଇ ନିର୍ଦ୍ଦେଶକ ଚୟନ କମିଟିରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ସଦସ୍ୟ ରହିପାରୁଛନ୍ତି, ତେବେ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରୁଥିବା ନିର୍ବାଚନ କମିସନରଙ୍କ ଚୟନ କମିଟିରେ କାହିଁକି ଜଣେ ସ୍ୱାଧୀନ ସଦସ୍ୟ ନାହାନ୍ତି। ଏଥିରୁ ପ୍ରଧାନ ବିଚାରପତିଙ୍କୁ କାହିଁକି ବାଦ୍ ଦିଆଯାଇଛି? ବର୍ତ୍ତମାନର ନିୟମ ଅନୁଯାୟୀ, ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଅଛନ୍ତି। ସୁପ୍ରିମ କୋର୍ଟ କହିଛନ୍ତି ଯେ ଏଭଳି ସ୍ଥିତିରେ ନିଷ୍ପତ୍ତି ସ୍ୱାଭାବିକ ଭାବେ ୨:୧ ବହୁମତରେ ହେବ, କାରଣ କ୍ୟାବିନେଟ୍ ମନ୍ତ୍ରୀ

### ସବୁକିଛି ନିୟନ୍ତ୍ରଣ କରୁଛି କାର୍ଯ୍ୟପାଳିକା

ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଯିବାର ସମ୍ଭାବନା କମ୍। ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିୟନ୍ତ୍ରଣରେ ରହିଯାଉଛି। କୋର୍ଟ ପଚାରିଥିଲେ ଯେ କମିଟିରେ ଜଣେ ସ୍ୱାଧୀନ ସଦସ୍ୟଙ୍କ ପରିବ।।ର୍ତ୍ତେ ସରକାରଙ୍କ ମନ୍ତ୍ରୀଙ୍କୁ କାହିଁକି ରଖାଯାଇଛି? ଜଷ୍ଟିସ୍ ଦତ୍ତ କହିଛନ୍ତି ଯେ ସଂସଦ ପାଖରେ ଆଇନ ପ୍ରଣୟନ କରିବାର କ୍ଷମତା ଅଛି, କିନ୍ତୁ ସୁପ୍ରିମକୋର୍ଟ ହେଉଛନ୍ତି ସର୍ବୋଚ୍ଚ ଅଦାଲତ ଏବଂ ଆଇନର ବ୍ୟାଖ୍ୟା କରିବାର ଅଧିକାର କୋର୍ଟଙ୍କ ପାଖରେ ରହିଛି। ଆଟର୍ଣ୍ଣି ଜେନେରାଲ୍ ଆର ଭେଙ୍କଟରମଣିଙ୍କୁ ଏହି ପ୍ରସଙ୍ଗରେ କଡ଼ା ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ ଏଭଳି ବ୍ୟବସ୍ଥା ଦ୍ୱାରା 'ସବୁକିଛି କାର୍ଯ୍ୟପାଳିକା ନିୟନ୍ତ୍ରଣ କରୁଥିବା' ଭଳି ମନେ ହେଉଛି। ନିର୍ବାଚନ କମିସନରଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି କିପରି ସମ୍ପୂର୍ଣ୍ଣ ନିରପେକ୍ଷ ହେବ, ତାହାକୁ ନେଇ କୋର୍ଟ ଏହି ଶୁଣାଣି କରୁଛନ୍ତି। ସୂଚନାଯୋଗ୍ୟ ଯେ ନିର୍ବାଚନ କମିସନ ବାଛିବା ପ୍ରକ୍ରିୟାରେ ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା ଲାଗି କୋର୍ଟ ପୂର୍ବରୁ ପ୍ରସ୍ତାବ ଦେଇଥିଲେ। ମାତ୍ର ସରକାର ଏଥିରେ ସଂଶୋଧନ କରି ପ୍ରଧାନ ବିଚାରପତିଙ୍କ ବଦଳରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସଭ୍ୟ ଭାବେ ଅବସ୍ଥାପିତ କରିଛନ୍ତି।

# ଓମାନ୍ ଉପକୂଳରେ ଡ୍ରୋନ୍ ମାଡ଼, ବୁଡ଼ିଗଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ/ଅହମ୍ମଦାବାଦ, ୧୪।୫(ଏଜେନ୍ସି): ଓମାନର ଉତ୍ତର ଉପକୂଳରେ ଏକ ଭାରତୀୟ ପଣ୍ୟବାହୀ ଜାହାଜ 'ହାଜି ଅଲି' ଉପରେ ସନ୍ଦିଗ୍ଧ ଡ୍ରୋନ୍ କିମ୍ବା ମିସାଇଲ୍ ମାଡ଼ ହେବା ଫଳରେ ଏହା ସମୁଦ୍ରରେ ବୁଡ଼ି ଯାଇଛି। ଭାରତ ସରକାର ଏହି ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ଏବଂ ଅଗ୍ରହଣୀୟ ବୋଲି କହିଛନ୍ତି। ବୁଧବାର ଭୋର ପ୍ରାୟ ୩:୩୦ ସମୟରେ ଓମାନର ଲିମା ନିକଟରେ ଏହି ଆକ୍ରମଣ ହୋଇଥିଲା। ଜାହାଜଟି ସୋମାଲିଆରୁ ଶାରଜା ଅଭିମୁଖେ ଗୋରୁଗାଇ ନେଇ ଯାଉଥିଲା। କୌଣସି ଏକ ବିସ୍ଫୋରକ ବସ୍ତୁ (ସମ୍ଭବତଃ ଡ୍ରୋନ୍) ବାଜିବା ପରେ ଜାହାଜରେ ନିଆଁ ଲାଗିଯାଇଥିଲା। ଏହାପରେ ଜାହାଜଟି ନିଜର ସନ୍ତୁଳନ ହରାଇ ସମୁଦ୍ରରେ ବୁଡ଼ି ଯାଇଥିଲା। ଜାହାଜରେ ଥିବା ୧୪ ଜଣ ଭାରତୀୟ ନାବିକ ତୁରନ୍ତ ଲାଇଫ୍ ବୋଟ୍ ସାହାଯ୍ୟରେ ବାହାରକୁ ଆସିଥିଲେ। ଓମାନ କୋଷ୍ଟଗାର୍ଡ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଦୀବା ବନ୍ଦରକୁ ନେଇଛନ୍ତି। ସମସ୍ତ ନାବିକ ସୁରକ୍ଷିତ ଥିବା ଜାହାଜ ମାଲିକ ନିଶ୍ଚିତ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଏହି ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ମନ୍ତ୍ରଣାଳୟ କହିଛି ଯେ, ବାଣିଜ୍ୟିକ ଜାହାଜ ଏବଂ ସାଧାରଣ ନାବିକମାନଙ୍କୁ ଟାର୍ଗେଟ୍ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଏହା ସମୁଦ୍ରରେ ମୁକ୍ତ ପରିବହନ ଏବଂ ବାଣିଜ୍ୟ ପାଇଁ ଏକ ବଡ଼ ବିପଦ। ଇରାନ୍ ଏବଂ ଆମେରିକା ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ଲାଗି ରହିଥିବା ଉତ୍ତେଜନା କାରଣରୁ ଏହି ଅଞ୍ଚଳରେ ଜାହାଜଗୁଡ଼ିକ ବିପଦ ମଧ୍ୟରେ ରହିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ଗୁଜରାଟର ଏହା ଦ୍ୱିତୀୟ ଜାହାଜ ଯାହା ଏହି ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଛି।

# ଦିଲ୍ଲୀରେ 'ୱାର୍କ ଫ୍ରମ୍ ହୋମ୍', 'ନୋ କାର୍ ଡେ'

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ବିଶ୍ୱସ୍ତରୀୟ ଅନିଶ୍ଚିତତା ଏବଂ ଇନ୍ଧନ ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଦୃଷ୍ଟିରେ ରଖି ଦିଲ୍ଲୀର ବିଜେପି ନେତୃତ୍ୱାଧୀନ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗୁରୁବାର ସରକାରୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ନୂତନ ନିୟମାବଳୀ ଜାରି କରିଛନ୍ତି, ଯାହା ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ। ସରକାରୀ କର୍ମଚାରୀମାନେ ସପ୍ତାହକୁ ଦୁଇ ଦିନ ଘରୁ କାମ (ଡବ୍ଲ୍ୟୁଏଫ୍‌ଏଚ୍) କରିବେ। ମୁଖ୍ୟମନ୍ତ୍ରୀ ନିଜର ସରକାରୀ କାରକେଡ୍‌କୁ ୬୦ ପ୍ରତିଶତ ହ୍ରାସ କରିଛନ୍ତି। ବର୍ତ୍ତମାନ ତାଙ୍କ ସହିତ ମାତ୍ର ୪ଟି ଗାଡ଼ି ରହିବ, ଯେଉଁଥିରୁ ୨ଟି ଇଲେକ୍ଟ୍ରିକ୍ ଗାଡ଼ି (ଇଭି)। ପ୍ରତି ସୋମବାରକୁ 'ମଣ୍ଡେ ମେଟ୍ରୋ' ଭାବେ ପାଳନ କରାଯିବ। ସମସ୍ତ ମନ୍ତ୍ରୀ ଏବଂ ସରକାରୀ କର୍ମଚାରୀ ମେଟ୍ରୋରେ ଯାତାୟାତ କରିବେ। ସରକାରୀ କର୍ମଚାରୀଙ୍କ ପାଇଁ ପରିବହନ ଭତ୍ତା ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଆସନ୍ତା ଏକ ବର୍ଷ ପାଇଁ ସରକାରୀ ବିଦେଶ ଗସ୍ତ ଉପରେ ପ୍ରତିବନ୍ଧକ ଲଗାଯାଇଛି। ସେହିଭଳି ଆସନ୍ତା ୬ ମାସ ପର୍ଯ୍ୟନ୍ତ କୌଣସି ନୂତନ ଗାଡ଼ି କିଣାଯିବ ନାହିଁ। ସରକାରୀ ଅଫିସରେ ଇଉ ର ତାପମାତ୍ରା ୨୪ ରୁ ୨୬ ଡିଗ୍ରୀ ମଧ୍ୟରେ ରଖାଯିବ ଏବଂ ଅନାବଶ୍ୟକ ବିଦ୍ୟୁତ ଖର୍ଚ୍ଚ ରୋକିବା ପାଇଁ 'ମାଷ୍ଟର ସୁଇଚ୍' ଲଗାଯିବ। ସରକାର ଜନସାଧାରଣଙ୍କୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଗାଡ଼ି ବ୍ୟବହାର ନକରିବାକୁ (ନୋ ଭେଇକିଲ ଡେ) ନିବେଦନ କରିଛନ୍ତି। ଏହି ଅବସରରେ ଦେଶ ଗଠନ ଏବଂ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଶପଥ ପାଠ କରାଯିବା ସହ ୯୦ ଦିନର ଏକ ସଚେତନତା ଅଭିଯାନ ଚଲାଯିବ। ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ପଶ୍ଚିମ ଏସିଆର ସଂଘର୍ଷ ଯୋଗୁଁ ଭାରତୀୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବକୁ ରୋକିବା ପାଇଁ ସାଧାରଣ ନାଗରିକଙ୍କୁ ଇନ୍ଧନ ବଞ୍ଚାଇବା ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ଦିଲ୍ଲୀ ସରକାରଙ୍କ ଏହି ପଦକ୍ଷେପ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। । ଆଜି ଠାରୁ ଆନ୍ଧ୍ରପ୍ରଦେଶରେ ମଧ୍ୟ ଏଭଳି କଟକଣା ଆରମ୍ଭ ହୋଇଯାଇଛି।

# ଭୋଟର ତାଲିକାରୁ ବାଦ୍ ପଡ଼ିଲେ ମିଳିବନି ସରକାରୀ ସୁବିଧା

ନୂଆଦିଲ୍ଲୀ, ୧୪।୫(ଏଜେନ୍ସି): ନିର୍ବାଚନ କମିଶନଙ୍କ ଦ୍ୱାରା ପରିଚାଳିତ ବିଶେଷ ଗହନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଏବେ କେବଳ ଭୋଟର ତାଲିକାରେ ସୀମିତ ନ ରହି ସରକାରୀ ଯୋଜନାର ସ୍ୱଚ୍ଛତା ପାଇଁ ବ୍ୟବହୃତ ହେବାକୁ ଯାଉଛି। ପଶ୍ଚିମବଙ୍ଗ ଓ ବିହାର ସରକାର ଏହି ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତିମାନଙ୍କୁ

### ନିର୍ବାଚନ ପରେ ଏସ୍‌ଆଇଆର ଚଡ଼କ

ସମସ୍ତ ସରକାରୀ ସୁବିଧା ଓ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିକଟରେ ଅନୁଷ୍ଠିତ ଏହି ସଂଶୋଧନ ପ୍ରକ୍ରିୟାରେ ଲକ୍ଷ ଲକ୍ଷ ମୃତ, ନକଲି ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ହଟାଇ ଦିଆଯାଇଛି। ବିହାରରେ ପ୍ରାୟ ୬୫ ଲକ୍ଷ ଏବଂ ପଶ୍ଚିମବଙ୍ଗରେ ପ୍ରାୟ ୯୧ ଲକ୍ଷ ନାମ କଟାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କୁ ଆଉ ସରକାରୀ ରାସନ କିମ୍ବା ଅନ୍ୟାନ୍ୟ ଆର୍ଥିକ ସହାୟତା ମିଳିବ ନାହିଁ। ଏପରିକି ସେମାନଙ୍କ ବ୍ୟାଙ୍କ ଖାତା ମଧ୍ୟ ରଦ୍ଦ କରାଯାଇପାରେ। ସେହିପରି ପଶ୍ଚିମବଙ୍ଗର ନବନିର୍ବାଚିତ ବିଜେପି ସରକାର ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ କୌଣସି ଅନୁପ୍ରବେଶକାରୀ କିମ୍ବା ଅଣ-ଭାରତୀୟଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରେ ଚାଲୁଥିବା ଯୋଜନାର ଲାଭ ଉଠାଇବାକୁ ଦିଆଯିବ ନାହିଁ। ରାଜ୍ୟର ନୂତନ 'ଅନ୍ନପୂର୍ଣ୍ଣା ଭଣ୍ଡାର' ଯୋଜନାରେ କେବଳ ଯୋଗ୍ୟ ମହିଳାମାନଙ୍କୁ ସାମିଲ କରାଯିବ। ଏହି ପଦକ୍ଷେପ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର ରୋକାଯାଇପାରିବ ବୋଲି ପ୍ରଶାସନ ଆଶା ରଖିଛି। ତେବେ ଏହାକୁ ନେଇ ରାଜନୈତିକ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ଦଳଗୁଡ଼ିକ ଏହାକୁ ସାଧାରଣ ଜନତାଙ୍କ ଅଧିକାର ଉପରେ କୁଠାରଘାତ ବୋଲି ଦର୍ଶାଇଛନ୍ତି। ସରକାରୀ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖରେ ସେବା ପହଞ୍ଚାଇବା ପାଇଁ ଏହି ନୂତନ ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ। ଯଦିଓ ଏହାକୁ ନେଇ ବିବାଦ ଦେଖାଦେଇଛି, ତଥାପି ଏହା ଜାଲିଆତି ରୋକିବାରେ ସହାୟକ ହେବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ପୋଷ୍ଟର ଓ ବ୍ୟାନର ମନା

ଚେନ୍ନାଇ, ୧୪।୫(ଏଜେନ୍ସି): ତାମିଲନାଡୁରେ ଏଣିକି ସର୍ବସାଧାରଣସ୍ଥାନରେପୋଷ୍ଟରଓବ୍ୟାନରଲଗାଇବାଉପରେ କଟକଣା ଜାରି କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ସୁପରଷ୍ଟାର୍ ବିଜୟ। ସର୍ବସାଧାରଣ ସ୍ଥାନରେ ବ୍ୟାନର/ପୋଷ୍ଟର ଲଗାଇ।।ଲେ ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ କୁହାଯାଇଛି ଯେ, ଜନ୍ମଦିନ କିମ୍ବା ପାରିବାରିକ ଉତ୍ସବ ସମୟରେ ରାସ୍ତାଘାଟରେ ବ୍ୟାନର ଲଗାଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକମାନଙ୍କ କଲ୍ୟାଣ ପାଇଁ ଏହି ସରକାର ଗଠିତ ହୋଇଥିବାରୁ ଜନସାଧାରଣଙ୍କୁ ଅସୁବିଧାରେ ପକାଇବା ଭଳି କାର୍ଯ୍ୟ ଗ୍ରହଣୀୟ ହେବ ନାହିଁ।

## ସ୍କୁଲରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ

କୋଲକାତା, ୧୪।୫(ଏଜେନ୍ସି): ପଶ୍ଚିମବଙ୍ଗର ବିଜେପି ସରକାର ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଜାତୀୟ ଗାନ 'ବନ୍ଦେ ମାତରମ୍' ଗାନ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତିଦିନ ସକାଳେ ଶ୍ରେଣୀ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସ୍କୁଲ ପ୍ରାର୍ଥନା ସଭାରେ ଏହି ସଙ୍ଗୀତର ସମସ୍ତ ୬ଟି ଯାକ ସ୍ତବକ ବୋଲାଯିବ।

## କର୍ଣ୍ଣାଟକରେ ହିଜାବ୍ ବ୍ୟାନ୍ ପ୍ରତ୍ୟାହାର

ବେଙ୍ଗାଲୁରୁ, ୧୪।୫(ଏଜେନ୍ସି): କର୍ଣ୍ଣାଟକ ସରକାର ଶିକ୍ଷାନୁଷ୍ଠାନରେ 'ହିଜାବ୍ ବ୍ୟାନ୍' ଆଦେଶକୁ ପ୍ରତ୍ୟାହାର କରିଛନ୍ତି। ଏଣିକି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ୟୁନିଫର୍ମ ସହିତ କିଛି ସୀମିତ ପାରମ୍ପରିକ ଏବଂ ଧାର୍ମିକ ସଙ୍କେତ ପରିଧାନ କରିପାରିବେ। ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ୍ (ମୁଣ୍ଡ କପଡ଼ା), ପଗଡ଼ି, ଜୈନେଉ (ପଇତା), ଶିବଧାରା ଏବଂ ରୁଦ୍ରାକ୍ଷ ପରିଧାନ କରିବାକୁ ଅନୁମତି ଦିଆଯାଇଛି। ପୂର୍ବତନ ବିଜେପି ସରକାର ଏହି କଟକଣା ଲଗାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଆଇନଶୃଙ୍ଖଳା ସମୀକ୍ଷା ବୈଠକ

# ଲୋକଙ୍କର ବିଶ୍ୱାସଭାଜନ ହେବାକୁ ପୁଲିସକୁ ପରାମର୍ଶ



- କ୍ରାଇମ୍ ମ୍ୟାପିଙ୍ଗ୍, ଗୁଇନ୍ଦା ତଥ୍ୟ, କଡା ପାଟ୍ରୋଲିଙ୍ଗ୍ ଉପରେ ଗୁରୁତ୍ୱ
- ଅପରାଧୀ ଓ ବାଲି ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ସମିସ): ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅପରାଧୀଙ୍କ ମଧ୍ୟରେ ପୁଲିସ କିଭଳି ଭୟ ସୃଷ୍ଟି କରା ଯାଇପାରିବ। ଏଥିପାଇଁ ବିଗତ ଦିନ ଗୁଡ଼ିକରେ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସ ଏବଂ ସାଧାରଣ ପ୍ରଶାସନ ପରସ୍ପର ସହଯୋଗରେ କିଭଳି ଭାବେ ଆଇନ୍ ଶୃଙ୍ଖଳା ବଜାୟ ରଖି ପରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପୁଲିସକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଙ୍ଗ୍ କରିବା ଆବଶ୍ୟକ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବାରେ ସହାୟତା ମିଳିପାରିବ। ପୁଲିସ ପାଟ୍ରୋଲିଙ୍ଗ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ସହ ସର୍ବସାଧାରଣରେ ପୁଲିସର ଉପସ୍ଥିତି ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ସଂଗଠିତ ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ପାଇଁ ପୁଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆ ମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜିଲ୍ଲାପାଳ ଓ ଏସ୍‌ପି ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନେ ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ବିଭିନ୍ନ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିୟମିତ ଭାବେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଧୁନିକ ଯୁଗର ପରିସ୍ଥିତିକୁ ଦେଖି ପୁଲିସ ନବସୃଜନ ବା ଇନୋଭେଟିଭ୍ ଢଙ୍ଗରେ ଅପରାଧ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ଡିଜି ୱାଇବି ଖୁରାନିଆ ପୁଲିସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନ, ପୁଲିସ ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାପାଳ ଓ ଏସ୍‌ପି ମାନେ ସାମିଲ ହୋଇଥିଲେ।



ବାଲେଶ୍ୱର ଜିଲ୍ଲାର ନବଗଠିତ ବିଜେଡି ଟିମ୍ ଆଜି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସଂଗଠନକୁ ସୁଦୃଢ଼ କରିବା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଧାୟକ ରୋହିତ ଯୋଶେଫ ତିର୍କିଙ୍କ ନେତୃତ୍ୱରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡି ନେତା

## ତାତି ସାଙ୍ଗକୁ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର,୧୪।୫(ସମିସ): ରାଜ୍ୟରେ ଏବେ ଦୁଇ ପ୍ରକାର ପାଗ ଅନୁଭୂତ ହେଉଛି। ଦିନରେ ଅଧିକାଂଶ ସ୍ଥାନରେ ଖରାର ପ୍ରଭାବ ରହୁଥିବା ବେଳେ ଅପରାହ୍ଣ ପରେ ଅନେକ ସ୍ଥାନରେ କାଳବୈଶାଖୀ ବର୍ଷା ଅନୁଭୂତ ହେଉଛି। ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଏଭଳି ସ୍ଥିତି ଆହୁରି ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବୁଧବାର ଦିନରେ ଅସହ୍ୟ ଖରା ଗରମ ଓ ଗୁଳୁଗୁଳିରେ ସାରା ଓଡିଶା ଶିଝିଥିବା ବେଳେ ବିଳମ୍ବିତ ରାତିରେ ଅନେକ ସ୍ଥାନରେ ପ୍ରବଳ କାଳବୈଶାଖୀ ହୋଇଥିଲା। ଗୁରୁବାର ମଧ୍ୟ କିଛି ସ୍ଥାନରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଢେଙ୍କାନାଳରେ ପ୍ରବଳ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ ଜାରି କରିବା ସହ ଏଥିପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗୁରୁବାର ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ବଲାଙ୍ଗିରରେ ତାପମାତ୍ରା ୪୦.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବଢ଼ିବାକୁ ଥିବାରୁ ଗରମ ଗୁଳୁଗୁଳି ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର କହିଛି।

**ଗୁମର ଖୋଲିଲା ତଥ୍ୟ ଅନୁସନ୍ଧାନ ରିପୋର୍ଟ**

## ଜିତୁ ମୁଣ୍ଡାଙ୍କୁ ମିଳୁ ନ ଥିଲା ରାସନ କି ଭତ୍ତା

ଭୁବନେଶ୍ୱର,୧୪।୫(ସମିସ): ଭଉଣୀର କଙ୍କାଳ ବୋହି ଚର୍ଚ୍ଚାକୁ ଆସିଥିବା କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ପ୍ରତି ପ୍ରଶାସନିକ ଅବହେଳାର ତାଲିକା ଫର୍ଦ୍ଦ ପରେ ଫର୍ଦ୍ଦ ଲମ୍ବି ଚାଲିଛି। କିପରି ଜିତୁ ମୁଣ୍ଡା ମାସ ମାସ ଧରି ବ୍ୟବସ୍ଥାଗତ ଅବହେଳାର ସମ୍ମୁଖୀନ ହୋଇଥିଲେ, ତାହା ପୁଣି ଥରେ ରାଜ୍ୟବାସୀଙ୍କୁ ଚକିତ କରିଛି। ଜଣେ ଗରିବ ଆଦିବାସୀ ସବୁ ଦିଗରୁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ କିପରି ବାୟୋମେଟ୍ରିକ୍ ବାହାନାରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ୍ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଦିଆଯାଉ ନ ଥିଲା, ତାହା ଏବେ ସାମନାକୁ ଆସିଛି।

ରାଜ୍ୟର ଦୁଇ ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ 'ଖାଦ୍ୟ ଅଧିକାର ଅଭିଯାନ' ଓ 'ରି-ଥିଙ୍କ ଆଧାର' ପକ୍ଷରୁ ଗଠିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଦ୍ୱାରା ସଂଗୃହିତ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଡିଆନାଳି ଗ୍ରାମର ଆଦିବାସୀ ଜିତୁ ମୁଣ୍ଡାଙ୍କୁ ୨୭ ଏପ୍ରିଲ୍ ୨୦୨୬ରେ ତାଙ୍କ ସ୍ୱର୍ଗତ ଭଉଣୀ କାଲ୍‌ରା ମୁଣ୍ଡାଙ୍କ କଙ୍କାଳ ଧରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ତାଙ୍କ ଖାତାରେ ଜମା ଥିବା ଅର୍ଥ ଉଠାଇବା ପାଇଁ ଯାଇଥିଲେ। ପୂର୍ବରୁ ସରକାର ମୁଣ୍ଡା ପରିବାରକୁ ସମ୍ପୂର୍ଣ୍ଣ ଅବହେଳା କରିଥିବା ବେଳେ ଭୂମିହୀନ ବିଧବା କାଲ୍‌ରା ମୁଣ୍ଡା ଓ ତାଙ୍କ ଭାଇ ଜିତୁ, ଦୁହେଁ ବୟସ୍କ ଓ ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ କୌଣସି ସହାୟତା କରାଯାଇ ନ ଥିଲା। ସେମାନେ ଦୁଇଟି ବଳଦ ବିକ୍ରି କରି ବହୁ ପରିଶ୍ରମରେ ଜମା କରିଥିବା ୧୯,୬୦୦ ଟଙ୍କା ପାଇବାକୁ ଶେଷରେ ଜିତୁଙ୍କୁ ଏଭଳି ଚରମ ପଦକ୍ଷେପ ନେବାକୁ ପଡ଼ିଥିଲା। ଏହା ପଛର କାରଣ ଭାବେ କାଲରା ମୁଣ୍ଡାଙ୍କ ମୃତ୍ୟୁ ୨୬ ଜାନୁଆରୀ ୨୦୨୬ ରେ ହେବା ପରେ ସ୍ଥାନୀୟ ଅଧିକାରୀମାନଙ୍କୁ ମୃତ୍ୟୁ ବିଷୟରେ ଜଣାଇବା ସତ୍ତ୍ୱେ ତାଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ତିନି ମାସରୁ ଅଧିକ ସମୟ ପାଇଁ ରୋକ ରଖାଯାଇଥିଲା ବୋଲି ଦର୍ଶାଯାଇଛି। ଏହାସହିତ ଜିତୁ ମୁଣ୍ଡାଙ୍କ ପରିଚୟ, ବାସସ୍ଥାନ, ବୟସ ଏବଂ ଅଭାବଗ୍ରସ୍ତତା ଗାଁରେ ଜଣାଶୁଣା ଥିଲେ ମଧ୍ୟ ସେ ତାଙ୍କର ବାୟୋମେଟ୍ରିକ୍ସ-ସଂଲଗ୍ନ ଆଧାର ପରିଚୟପତ୍ର ଦେଖାଇ ପାରି ନଥିବାରୁ ତାଙ୍କୁ ରାସନ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ପ୍ରଦାନ କରାଯାଇ ନ ଥିଲା।

'ଖାଦ୍ୟ ଅଧିକାର ଅଭିଯାନ' ଓ 'ରି-ଥିଙ୍କ ଆଧାର' ଏହି ଘଟଣାରେ କ୍ଷେତ୍ରସ୍ତରକୁ ଯାଇ ବିସ୍ତୃତ ତଥ୍ୟ ସଂଗ୍ରହ କରିବା ପରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାରେ ନିରପେକ୍ଷ ନ୍ୟାୟିକ ଏବଂ ପ୍ରଶାସନିକ ତଦନ୍ତ ଆବଶ୍ୟକତା ରହିଛି। କାଲରା ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ସହ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଧିକାରୀଙ୍କ ଆଚରଣ ଓ ଜିତୁ ମୁଣ୍ଡାଙ୍କ ଖାଦ୍ୟ ସୁରକ୍ଷା ଏବଂ ପେନସନ ଅଧିକାରରୁ ବଞ୍ଚିତ କରିବା ଘଟଣାରେ ଦାୟି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପେନସନଭୋଗୀ, ରାସନ କାର୍ଡଧାରୀ, ବୃଦ୍ଧ, ବିଧବା ଏବଂ ଦୁର୍ବଳ ବର୍ଗଙ୍କ ସହ ଜଡ଼ିତ ସମସ୍ତ ମାମଲାର ସାତ ଦିନ ମଧ୍ୟରେ ମୃତ୍ୟୁ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ ବାଧ୍ୟତାମୂଳକ କରାଯିବାକୁ ମଧ୍ୟ ଦାବି ହୋଇଛି। ଜିତୁ ମୁଣ୍ଡାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଗମ୍ଭୀର ଭାବେ ଅପପୁଷ୍ଟରେ ରହିଛନ୍ତି। ତେଣୁ ତାଙ୍କ ପରିବାରର ସଦସ୍ୟମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା, ପେନ୍‌ସନ, ସ୍ୱାସ୍ଥ୍ୟ ସେବା ଓ ଆବାସ ସହାୟତା ତ୍ୱରିତ ଭାବେ ଜାରି କରିବାକୁ ଦାବି ହୋଇଛି।

**■ ତୈଳ ସଙ୍କଟ ନେଇ ମୁଖ୍ୟ ସଚିବଙ୍କ ସଙ୍କେତ**

## ବାଧ୍ୟତାମୂଳକ ହୋଇପାରେ ପବ୍ଲିକ୍ ଟ୍ରାନ୍ସପୋର୍ଟ

ଭୁବନେଶ୍ୱର,୧୪।୫(ସମିସ): ଦେଶରେ ତୈଳ ସଙ୍କଟ ଦେଖାଦେଇଥିବା ବେଳେ ଯଥାସମ୍ଭବ କମ୍ ପେଟ୍ରୋଲ, ଡିଜେଲ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପ୍ରରିପେକ୍ଷୀରେ ପେଟ୍ରୋଲ-ଡିଜେଲ ବ୍ୟବହାର ନେଇ ରାଜ୍ୟରେ କୌଣସି ବଡ଼ ନିଷ୍ପତ୍ତି ଆସିପାରେ। ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଙ୍କେତ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ଏନେଇ ସୂଚନା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ନିଜ କାରକେଡର ଗାଡ଼ିକୁ ଅଧା କରିଛନ୍ତି। ଆଗକୁ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କିଛି ନିର୍ଦ୍ଦେଶ ଜାରି ହୋଇପାରେ। ସରକାରୀ ଗାଡ଼ି ପାଇଁ ବି କିଛି କଟକଣା ଆସିପାରେ। ପବ୍ଲିକ ଟ୍ରାନ୍ସପୋର୍ଟ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

**ବାଲିଅନ୍ତା ଭିଡ଼ ହତ୍ୟା ମାମଲା**

## ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୪।୫ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ରଣଜିତ ପାତ୍ର ଓରଫ୍ ଚିନୁ (୨୪)। ସେ କଟକ ସଦର ଥାନା ଗଙ୍ଗେଶ୍ୱରଗଡ଼ା ଅଞ୍ଚଳରେ ରହୁନ୍ତି। ଚିନୁକୁ କ୍ରାଇମ୍‌ବ୍ରାଞ୍ଚ ଭିଡ଼ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଛି। କ୍ରାଇମବ୍ରାଞ୍ଚ ସୂଚନାନୁସାରେ, ଚିନୁ ଜିଆର୍‌ପି କନ୍‌ଷ୍ଟେବଲ ସୌମ୍ୟରଞ୍ଜନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ନିର୍ଦ୍ଦୟ ଭାବେ ଲଗାତାର ପିଟି ଚାଲିଥିଲା। ସୌମ୍ୟ ବନ୍ଧା ହୋଇଥିଲା ବେଳେ ସେ ଏଭଳି ଆକ୍ରମଣ କରିଥିଲା। ଚିନୁ ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ପୂର୍ବରୁ ୧୧ଜଣଙ୍କୁ କମିଶନରେଟ୍ ପୁଲିସ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ଗିରଫଦାରୀ ସଂଖ୍ୟା ଆଗକୁ ବଢ଼ିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦେଇଛି। ଏହି ମାମଲାରେ ଆହୁରି ୧୨ରୁ ୧୩ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ବିନୟତୋଷ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମିଛ କର୍ମଚାରୀ; ସତ ଦରମା: ୫୧.୫୩ ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍

**କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀ ଗିରଫ**



କଟକ,୧୪।୫(ସମିସ): କଟକ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ଘଟିଥିବା ଏକ ବଡ଼ଧରଣର ସରକାରୀ ଅର୍ଥ ତୋଷରପାତର ପର୍ଦ୍ଦାଫାସ କରିଛି ଭିଜିଲାନ୍ସ। ପ୍ରାୟ ୫୧.୫୩ ଲକ୍ଷ ଟଙ୍କା ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ଆଜି କାର୍ଯ୍ୟାଳୟର କର୍ମଚାରୀ ସୁଭାଷ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ସୁଭାଷ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନ୍‌ରେ ଥିବା ବେଳେ ଏଚ୍‌ଆରଏମ୍‌ଏସ୍ ଏବଂ ଆଇଏଫ୍‌ଏମ୍‌ଏସ୍ ପୋର୍ଟାଲ୍ ପରିଚାଳନା ଦାୟିତ୍ୱରେ ଥିଲେ। ଏହି ସମୟରେ ସେ କାର୍ଯ୍ୟାଳୟର ଡିଡିଓ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର୍)ଙ୍କ ଲଗ-ଇନ୍ ଆଇଡି ବ୍ୟବହାର କରିଥିଲେ। ସରକାରୀ ଏଆରଏମଏସ ପୋର୍ଟାଲ୍‌ରେ ସେ ୪ଜଣ ବାହାର ବ୍ୟକ୍ତିଙ୍କ ନାମକୁ ସରକାରୀ କର୍ମଚାରୀ ଭାବେ ଦର୍ଶାଇ ଦରମା ପାଇବାକୁ ଯୋଗ୍ୟ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ବ୍ୟକ୍ତିମାନଙ୍କ ନାମରେ ଦରମା ବାବଦକୁ ଟଙ୍କା ଆସିବା ପରେ, ସେହିଦିନ ହିଁ ସମସ୍ତ ଅର୍ଥ ସୁଭାଷ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିନେଇଥିଲେ। ଗତ ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ମୋଟ ୫୧ଲକ୍ଷ ୫୩ ହଜାର ୬୪୦ ଟଙ୍କାର ବେଆଇନ କାରବାର ହୋଇଥିଲା। ଭିଜିଲାନ୍ସର ତଦନ୍ତ ଅନୁସାରେ, ଏହି ଦୁର୍ନୀତି ଏକ ଅତ୍ୟାଧୁନିକ ଡିଜିଟାଲ୍ ପଦ୍ଧତିରେ କରାଯାଇଥିଲା। ଦରମା ବଣ୍ଟନ ରେକର୍ଡରେ ଅନିୟମିତତା ଦେଖାଦେବା ପରେ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଭିଜିଲାନ୍ସ ଜାଲରେ କାଡା ଯନ୍ତ୍ରୀ

ଭଦ୍ରକ/ହାଟଡିହୀ, ୧୪।୫ (ସମିସ): ଭଦ୍ରକ କାଡା (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ ବା ସିଏଡିଏ) ଡିଭିଜନର ଇଞ୍ଜିନିୟର ବିଜୟ କୁମାର ମହାନ୍ତିଙ୍କ ଘରେ ଗୁରୁବାର ସକାଳେ ଭିଜିଲାନ୍ସ ଚଢ଼ଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି।

ସୂଚନାଯୋଗ୍ୟ, ଭଦ୍ରକ ସହର ଉପକଣ୍ଠ ଆରଡି ଛକ ସାମରାଇପୁରଠାରେ ୩୫୦୦ ବର୍ଗଫୁଟ୍‌ର ୩ମହଲା କୋଠା, ଭଦ୍ରକ ନରୀପୁରସ୍ଥିତ କାଡା ଅଫିସ୍ (କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଡିଭିଜନ) କାର୍ଯ୍ୟାଳୟ ସହ ତାଙ୍କ ପୈତୃକ ଘର ବାଲେଶ୍ୱର ବସ୍ତା ନରସିଂଡିଆସ୍ଥିତ ୨୬୦୦ ବର୍ଗଫୁଟ୍‌ର ଦୁଇମହଲା କୋଠା ଘରେ ଏକସଙ୍ଗେ ଭିଜିଲାନ୍ସ ଚଢ଼ଉ କରିଥିଲା। ଭଦ୍ରକ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ଦୁଷ୍ମନ୍ତ ନାୟକଙ୍କ ନେତୃତ୍ୱରେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଦ୍ୱାରା ଚଢ଼ଉ ଜାରି ରହିଥିଲା। ସେହିଭଳି କନିଷ୍ଠ ଯନ୍ତ୍ରୀ ବିଜୟ ମହାନ୍ତିଙ୍କ ଭୁବନେଶ୍ୱର ମଳିପଡ଼ାରେ ଥିବା ସମ୍ପର୍କୀୟଙ୍କ ଘରେ ଓ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ ହୋଇଥିଲା। ଭିଜିଲାନ୍ସ ବିଭାଗ ସୂଚନାନୁଯାୟୀ, ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ନାମରେ ୭ଟି ମୂଲ୍ୟବାନ ପ୍ଲଟ(ଜମି) ରହିଛି। ସେଗୁଡ଼ିକ ମଧ୍ୟରେ ଭଦ୍ରକ, ଭୁବନେଶ୍ୱର ଉପକଣ୍ଠ, ବସ୍ତା ଓ ରାସଗୋବିନ୍ଦପୁରରେ ମୋଟ ୭ଟି ପ୍ଲଟ୍ ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଭଦ୍ରକ ସମରାଇପୁରରେ ପ୍ରାୟ ୩୫୦୦ ବର୍ଗଫୁଟ୍ ଅଞ୍ଚଳରେ ଥିବା ଏକ ୩ ମହଲା ବିଲ୍ଡିଂ ଓ ବାଲେଶ୍ୱର ଜିଲ୍ଲା ବସ୍ତା ନରସିଂହଡିହାରେ ଗାଁରେ ପ୍ରାୟ ୨୬୦୦ ବର୍ଗଫୁଟ୍ ବିଶିଷ୍ଟ ଏକ ୨ ମହଲା ଘର ଚିହ୍ନଟ କରାଯାଇଛି। ଏହାଛଡ଼ା ଚଢ଼ଉ ସମୟରେ ନଗଦ ୧ ଲକ୍ଷ ୭୩ ହଜାର ୧୮୦ ଟଙ୍କା, ୩୫୦ ଗ୍ରାମ୍ ସୁନା ଅଳଙ୍କାର, ୧୯ ଲକ୍ଷ ୪୬ ହଜାର ୩୭୧ ଟଙ୍କାର ବ୍ୟାଙ୍କ ଜମା, ୩ଟି ଦୁଇଚକିଆ ଯାନ ଓ ପ୍ରାୟ ୮ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଜବତ ହୋଇଛି।



# ମିଳୁନି ତେଲ; ଗଡ଼ିଲାନି ୨ ହଜାର ବସ୍

- ଦିନ ତମାମ ବନ୍ଦ ରହିଲା ଅଧିକାଂଶ ପେଟ୍ରୋଲ ପମ୍ପ
- ସାବିତ୍ରୀ ପୂର୍ବରୁ ଲୋକେ ହୀନସ୍ତା



କଟକ, ୧୪।୫ (ସମିସ): ଆଉ ଦିନକ ପରେ ସାବିତ୍ରୀ ବ୍ରତ ପଡୁଥିବା ବେଳେ ଆଜି ଗାଡ଼ିରେ ପେଟ୍ରୋଲ –ଡିଜେଲ ପକାଇବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସାବିତ୍ରୀ କିଣାକିଣି ଅବା ସାବିତ୍ରୀଭାର ନେଇ ଲୋକେ ଘରୁ ବାହାରି ଆସି ବାଟରେ ଥିବା ଟାଙ୍କିରେ ତେଲ ପକାଇବା ପାଇଁ ଚିନ୍ତା କରିଥିଲେ। ହେଲେ ଆଜି କଟକ ସହର ସମେତ ବିଭନ୍ନ ସ୍ଥାନରେ ଥିବା ତେଲ ଟାଙ୍କିରେ ତୈଳ ସଙ୍କଟ ଜନିତ ସମସ୍ୟା ପାଇଁ ସେମାନେ ହନ୍ତସନ୍ତ ହୋଇଥିବା ପରିଲକ୍ଷିତ ହୋଇଛି। ଏପରିକି, ବାଟରେ ତେଲ ସରିଯିବାରୁ ଶତାଧିକ ଲୋକ ଗାଡ଼ି ଗଡ଼ାଇ ଗଡ଼ାଇ ଯାଉଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସେହିଭଳି ତୈଳ ସଙ୍କଟକୁ ନେଇ ଚିନ୍ତାରେ ପଡିଛନ୍ତି ରାଜ୍ୟର ଘରୋଇ ବସ୍ ମାଲିକ। ଏବେ ରାଜ୍ୟରେ ମୋଟ ୧୪ହଜାର ଘରୋଇ ବସ୍ ଚାଲିଥିବା ବେଳେ ତେଲ ନ ମିଳିବାରୁ ପ୍ରାୟ ୨୦୦୦ ବସ୍ ଆଜି ଚଳାଚଳ କରିପାରିନଥିବା ଜଣାପଡ଼ିଛି। ଗ୍ରାମାଞ୍ଚଳରେ ତେଲ ନ ମିଳିବାରୁ ବସ୍‌ଗୁଡ଼ିକ ଆସିପାରୁନାହିଁ ବୋଲି କହିଛନ୍ତି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଏଭଳି ସ୍ଥିତି ଲାଗି ରହିଲେ, ଆଉ ୫-୬ ଦିନରେ ବସ୍ ଚଳାଚଳ ବନ୍ଦ ହୋଇଯିବାର ଆଶଙ୍କା ଉପୁଜିଛି। ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସେ ନିବେଦନ କରିଛନ୍ତି। ପବ୍ଲିକ୍ ଟ୍ରାନ୍ସପୋର୍ଟ ପାଇଁ କାର୍ଡ ବ୍ୟବସ୍ଥା କରି ଡିଜେଲ ଦେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।


ଗତ ତିନି-ଚାରି ଦିନ ହେବ, ଓଡ଼ିଶାର ଉପାନ୍ତ କେତେକ ସ୍ଥାନରେ ପେଟ୍ରୋଲ ଏବଂ ଡିଜେଲ ସଂକଟ ଦେଖାଦେଇଥିଲା। ଆଜି କଟକ ସହରରେ ଦିନ ୧୧ଟା ପରଠାରୁ ତେଲ ମିଳିନଥିଲା। ସହରରେ ୩୦ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଏଥିମଧ୍ୟରୁ ୭୦ପ୍ରତିଶତ ପେଟ୍ରୋଲ ପମ୍ପ ଦିନ ୨ଟା ପରଠାରୁ ବନ୍ଦ ହୋଇଯାଇଥିଲା। ଯେଉଁ ହାତଗଣତି କେତୋଟି ଖୋଲାଥିଲା, ସେଗୁଡ଼ିକରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଜରୁରୀ କାମ ପାଇଁ ଘରୁ ବାହାରିଥିବା ଲୋକମାନେ ତେଲ ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ଭିଡ଼ ଜମାଇଥିଲେ। ପରେ ଅନେକ ସ୍ଥାନରେ ଷ୍ଟକ୍ ଶେଷ ହୋଇଯାଇଥିବା ଖବର ମିଳିଛି। ତେବେ ସରକାର ଏହାକୁ ଖଣ୍ଡନ କରିବା ସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ତେଲ ମହଜୁଦ ଥିବା ନେଇ ସଫେଇ ଦେଉଥିବା ବେଳେ ବାସ୍ତବରେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା।

କଟକର କିଛି ପେଟ୍ରୋଲ ପମ୍ପରେ ତେଲ ସରିଯିବା ପରେ ବାରିକେଡ୍ ଲଗାଯାଇଥିବା ଦେଖିବାକୁ ମିଳିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ କିଛି ଡିଲର୍ ତେଲ ଦୁଇଚକିଆ ଯାନ ପାଇଁ ସର୍ବାଧିକ ୨୦୦ଟଙ୍କା ଓ ଚାରି ଚକିଆ ଯାନ ପାଇଁ ସର୍ବାଧିକ ୧,୦୦୦ ଟଙ୍କାର ତେଲ ଦେଇଥିଲେ।

ପେଟ୍ରୋଲ ପମ୍ପ କର୍ମଚାରୀଙ୍କ କହିବା ଅନୁସାରେ, ପୂର୍ବରୁ ତେଲ ପକାଇବାକୁ ୫ ମିନିଟ୍ ଲାଗୁଥିବା ବେଳେ ଏବେ ଏକ ଘଣ୍ଟାରୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଏହାକୁ ନେଇ ଗ୍ରାହକ ଏବଂ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହେଉଛି। ଅବଶ୍ୟ ବିଗତ ତିନି ଦିନରେ ତେଲ ବିକ୍ରିରେ ୫୦% ବୃଦ୍ଧି ଘଟିଛି ବୋଲି ଡିଲର୍‌ମାନେ କହୁଛନ୍ତି। ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ୩-୪ ଦିନର ଷ୍ଟକ୍ ରଖିବାକୁ କହୁଥିବା ବେଳେ ଏବେ ମାତ୍ର ୨ଦିନର ଷ୍ଟକ୍ ରଖିବାକୁ କହୁଛନ୍ତି, ଯାହାକି ସମସ୍ୟାକୁ ବଢ଼ାଇଦେଇଛି।

### ମାଲ ପରିବହନ ବାଧାପ୍ରାପ୍ତ

ତୈଳ କମ୍ପାନୀଗୁଡ଼ିକର ମନମାନି ପାଇଁ ଡିଜେଲ ଅଭାବ ସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ମାଲ ପରିବହନ କେତେକାଂଶରେ ବାଧାପ୍ରାପ୍ତ ହୋଇଛି ବୋଲି କହିଛନ୍ତି ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ଅଧ୍ୟକ୍ଷ ରବିନାରାୟଣ ଶତପଥୀ। ଶ୍ରୀ ଶତପଥୀ କହିଛନ୍ତି ଯେ ତେଲ ମହଜୁଦ ଥିଲେ ବି ଟାଙ୍କିଗୁଡ଼ିକୁ କମ୍ପାନୀ ପକ୍ଷରୁ ଯୋଗାଣ ମନମାନି ଢଙ୍ଗରେ କରାଯାଉଛି। ଟ୍ରକ୍ ଓ ଅନ୍ୟ ମାଲବାହୀ ଭାରୀଯାନରେ ଅତିକମରେ ୫-୬ ହଜାର ଟଙ୍କାର ଡିଜେଲ ପଡ଼ିଥାଏ। ଏବେ ବିଭିନ୍ନ ଟାଙ୍କିରେ ଏହାକୁ ନିୟନ୍ତ୍ରିତ କରାଯାଇ ୧ ହଜାର ଟଙ୍କାର ଦିଆଯାଉଛି। ଫଳରେ ମାଲବାହୀ ଗାଡ଼ିଗୁଡ଼ିକ ଗଡ଼ିବା ଧୀରେଧୀରେ ବନ୍ଦ ହେଲାଣି। ଆଉ ତିନି ଚାରି ଦିନ ଏଭଳି ସ୍ଥିତି ଲାଗି ରହିଲେ, ଓଡ଼ିଶାକୁ ବାହାରୁ ଆସୁଥିବା ଅଣ୍ଡା, ଖାଇବା ତେଲ, ଡାଲି, ଔଷଧ ଓ ପନିପରିବା ଭଳି ଅତି ଆବଶ୍ୟକ ସାମଗ୍ରୀ ଆମଦାନୀ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି।



# ମରଣଯନ୍ତା ପାଲଟିଛି ଖଜୁରିଯୋଡ଼ା ପୋଲ

## ବିପଦଜ୍ଜନକ ଭାବେ ବାହାରିଛି ଲୁହା ରଡ୍ ; ନିରବ ପୂର୍ତ୍ତ ବିଭାଗ

କିଶୋରନଗର,୧୪।୫(ସମିସ):

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଅଞ୍ଚଳରେ ଥିବା ଖଜୁରୀଯୋଡ଼ା ପୋଲ ଏବେ ମରଣଯନ୍ତା ପାଲଟିଛି। ପୋଲର କଂକ୍ରିଟ୍ ସ୍ତର ଭୁଶୁଡ଼ି ଯାଇଥିବା ବେଳେ ସେଥିରୁ ପ୍ରାୟ ୨ ଫୁଟ ଉଚ୍ଚର ଲୁହା ରଡ୍ ବିପଦଜ୍ଜନକ ଭାବେ ବାହାରକୁ ବାହାରି ରହିଛି। ଯାହା ଫଳରେ ଯେ କୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ପୋଲ ଉପର ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ସହ ବହୁ ଭାରୀଯାନ ତଥା ଆମ୍ବୁଲାନ୍ସ ଯାତାୟାତ କରୁଛି। ପୋଲ ମଝିରେ ବାହାରି ଥିବା ଲୁହା ରଡ୍ ଯୋଗୁ ଗାଡ଼ିର ଚକ ଫାଟିବା ସହ ଗୁରୁତର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷ କରି ରାତି ସମୟରେ ଏହି ରଡ୍ ଗୁଡ଼ିକ ଦୃଶ୍ୟମାନ ହେଉ ନଥିବାରୁ ବାଇକ୍ ଆରୋହୀଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ବାବଦରେ ବାରମ୍ବାର ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ନିରବଦ୍ରଷ୍ଟା ସାଜିଛନ୍ତି। ଯଦି ଯୁଦ୍ଧକାଳୀନ ଭିତ୍ତିରେ ଏହି ପୋଲର କ୍ଷତିଗ୍ରସ୍ତ ଅଂଶକୁ ମରାମତି କରା ନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାସ୍ତା ମଝିରେ ନଳକୂପ; ଯାତାୟାତରେ ଅସୁବିଧା

କିଶୋରନଗର,୧୪।୫(ସମିସ): ଆଠମଲ୍ଲିକ ଉପଖଣ୍ଡ ରାଣିଆକଟାଠାରୁ ଠାକୁରଗଡ଼ ପୂର୍ତ୍ତ ବିଭାଗର ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଲିହା ରାସ୍ତା ମଝିରେ ନଳକୂପଟି ରହିଛି। ରାସ୍ତା ସମ୍ପ୍ରସାରଣ ବେଳେ ନଳକୁପକୁ ହଟାଇ ଅନ୍ୟତ୍ର ଖୋଳି ସ୍ଥାପନ କରାଗଲା ନାହିଁ। ଯାହାକି ଯିବା ଆସିବାରେ ଅସୁବିଧା ହେଉଛି ଏବଂ ମହିଳାମାନେ ପାଣି ନେବା ବେଳେ ଗହଳି ହେଉଥିବାରୁ ଗୋଟିଏ ଗାଡ଼ି ଗଲେ ଆଉ ଗୋଟେ ଯାଇପାରୁନାହିଁ। ନଳକୂପଟି ରାସ୍ତା ମଝିରୁ ହଟାଇବାକୁ ସାଧାରଣରେ ଦାବି ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେଲେ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟି ଜୀବନ ହାନୀ ହେବା ଆଶଙ୍କା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



■ ସାବିତ୍ରୀ ଭାର ନେଇ ଯାଉଥିବାବେଳେ ଦୁର୍ଘଟଣା

# ବାପ ମୃତ; ଅଳ୍ପକେ ବର୍ତ୍ତିଗଲେ ଝିଅ

ଅନୁଗୋଳ,୧୪।୫(ସମିସ): ଗୁରୁବାର ଦିନ ୫୫ନଂ. ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା ଘଟି ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ଜରପଡ଼ା ଥାନା ଅନ୍ତର୍ଗତ ମୁଣ୍ଡାସାହିର ଅନିଲ ପ୍ରଧାନ।



ପ୍ରକାଶ ଯେ, ଗୁରୁବାର ଦିନ ୧୨ଟାରେ ଜରପଡ଼ା ଥାନା ଅନ୍ତର୍ଗତ ମୁଣ୍ଡାସାହିର ଅନିଲ ପ୍ରଧାନ ନିଜ ଝିଅକୁ ସାଙ୍ଗରେ ଧରି ଏକ ବାଇକ୍‌ରେ ଅନୁଗୋଳ କୁମଣ୍ଡରେ ରହୁଥିବା ଭଉଣୀ ଘରକୁ ସାବିତ୍ରୀ ଭାର ନେଇ ଆସୁଥିଲେ। ୫୫ନଂ. ଜାତୀୟ ରାଜପଥ ଦେଇ ଆସୁଥିବା ବେଳେ ଜରପଡ଼ା ଥାନା ଅନ୍ତର୍ଗତ ସାନ୍ତରାପୁର ଛକଠାରେ ପଛପଟୁ ଦ୍ରୁତ ବେଗରେ ଏକ ବୋଲେରୋ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଶ୍ରୀ ପ୍ରଧାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ଛୋଟ ଝିଅଟି ସାମାନ୍ୟ ଆହତ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲା। ଏହା ଦେଖି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଜରପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ଜରପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଚାଲିଛି।

# ରେଳ ଫାଟକ ଦେଉଛି ଯନ୍ତ୍ରଣା; ବିଭିନ୍ନ ମହଲରେ ଅସନ୍ତୋଷ

ତାଳଚେର,୧୪।୫(ସମିସ): ତାଳଚରେ ବାଇପାସ୍ ଛକଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ



ରେଲୱେ ଫାଟକ ରହିଛି। ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆର୍‌ଆଇ, ରେଭିନ୍ୟୁ ଅଫିସ୍, ପୋଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭାମାନେ ମଧ୍ୟ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି, ଗୁରୁତ୍ୱପୂର୍ଣ୍ଣ ଯାନ ଗୁଡ଼ିକ ଯଥା- ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ବହୁ ସମୟ ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି। ଏପରି ସମସ୍ୟା ଉପୁଜୁଛି ଯେ, ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଠିଆ ହେବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟିଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ଟିଏ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ଦିଗରେ ନା ଏମ୍‌ସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ ସାମାନ୍ୟତମ ତତ୍ପରତା ଦେଖାଉନଥିବା ଦୁର୍ଭାଗ୍ୟର ବିଷୟ। ତେଣୁ ଏସମସ୍ୟାର ସମାଧାନକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି।

# ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

ଢେଙ୍କାନାଳ,୧୪।୫(ସମିସ): ସ୍ଥାନୀୟ ମହିଷାପାଟ ନିକଟ ୫୫ ନଂ. ଜାତୀୟ ରାଜପଥ ନିକଟରେ ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ନିଜ ସ୍କୁଟର ଯୋଗେ ଯାଉଥିବାବେଳେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଗୁରୁତର ଆହତ ହୋଇ ପ୍ରିୟବ୍ରତ ତଳେ ପଡ଼ିଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡ, ଗାଲ, ହାତ ଓ ଗୋଡ଼ରେ ଗଭୀର କ୍ଷତ ରହିଛି। ଏନେ ଟାଉନ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଣିହାଁ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଅଳିଆ ଗଦା

● ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ

କଣିହାଁ,୧୪।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କାର୍ଯ୍ୟାଳୟ ସାମ୍ନା ପାଲଟିଲାଣି ଡମ୍ପିଂୟାର୍ଡ। ଦିନକୁ ଦିନ ଅଳିଆ ଆବର୍ଜନା ଏଠାରେ ଗଦା ହୋଇ ପଡ଼ି ରହୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଗଦା ଗଦା ଅଳିଆ ଆବର୍ଜନା ସହ ମଦ ବୋତଲ, କୋରେକ୍ସ ବୋତଲ ଓ ବିଭିନ୍ନ ପ୍ଲାଷ୍ଟିକ ବର୍ଜ୍ୟ ପଦାର୍ଥ ପଡ଼ି ରହୁଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅନ୍ୟପଟେ ବ୍ଲକ କାର୍ଯ୍ୟାଳୟକୁ ସରସ ଓ ସୁନ୍ଦର କରିବାକୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ରଙ୍ଗ କାମ ସହ ଦାମୀ କାଚ ଲଗାଇ କାର୍ଯ୍ୟାଳୟକୁ ସଜାଯାଉଥିବା ବେଳେ, ମୁଖ୍ୟ ଫାଟକ ସାମ୍ନାରେ ଅଳିଆ ଆବର୍ଜନାର ଗଦା ପଡ଼ି ରହିବା ସ୍ୱଚ୍ଛତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଏହି କାର୍ଯ୍ୟାଳୟକୁ ଆସୁଥିବା ବେଳେ, ପ୍ରବେଶ ପଥରେ ଏଭଳି ଦୁର୍ଗନ୍ଧମୟ ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ଲକ ପ୍ରଶାସନ କେବଳ ବାହ୍ୟ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ଧ୍ୟାନ ଦେଉନାହିଁ।



ବିଶେଷକରି କୋରେକ୍ସ ଓ ମଦ ବୋତଲ ସହ ବ୍ଲକ ସମ୍ମୁଖରେ ଥିବା ପରିବା ଦୋକାନ, ମାଛ ଓ କୁକୁଡ଼ା ଦୋକାନରୁ ବାହାରୁଥିବା ଆବର୍ଜନା ପଡୁଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବାବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସରକାର "ସ୍ୱଚ୍ଛ ଭାରତ ମିଶନ' ମାଧ୍ୟମରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ସରକାରୀ କାର୍ଯ୍ୟାଳୟ ସାମ୍ନାରେ ଏଭଳି ପରିସ୍ଥିତି ଦେଖି ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଶୀଘ୍ର ଆବର୍ଜନା ସଫା କରିବା ସହ ବ୍ଲକ ପରିସରରେ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଆମ୍ବୁଲାନ୍ସ ନାଁରେ ପେଟ୍ରୋଲ କଳାବଜାରି ଅଭିଯୋଗ

ବଅଁରପାଳ,୧୪।୫(ସମିସ): ବଅଁରପାଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ମିଳୁନଥିବା ଅଭିଯୋଗ ହେଉଛି। ସକାଳ ୬ ଟାରେ ପେଟ୍ରୋଲ ଦିଆ ଯାଉଥିବା ବେଳେ ଦିନ ୯ ବେଳେ ପେଟ୍ରୋଲ ନଥିବା ଆଳ ଦେଖାଇ ଗାଡି ଗୁଡ଼ିକ ଫେରାଇ ଦିଆଯାଉଛି। ପେଟ୍ରୋଲ ଟାଙ୍କି ମ୍ୟାନେଜରଙ୍କୁ ପଚାରିଲେ, ଡିପୋରୁ ପେଟ୍ରୋଲ ଆସୁନାହିଁ ଗାଡ଼ି ଯାଇଛି ରାତି ସୁଦ୍ଧା ପେଟ୍ରୋଲ ଆସିବ। ଇଣ୍ଡିଆନ ଅଏଲ ଟାଙ୍କିରେ ୧୫୦୦ ଲିଟର ପେଟ୍ରୋଲ ଥିବା ବେଳେ କୌଣସି ଗାଡ଼ିକୁ ତେଲ ଦେଉ ନଥିଲା। ଏହି ଷ୍ଟକ୍ କେବଳ ଆମ୍ବୁଲାନ୍ସ ଗାଡି ପାଇଁ ଅଛି। ସକାଳ ୯ ଟାରୁ ଗାଡ଼ିର ଲମ୍ବା ଲାଇନ୍ ଲାଗିଥିଲେ ସୁଦ୍ଧା କୌଣସି ଗାଡ଼ିକୁ ତେଲ ଦେଉନଥିଲେ। ସନ୍ଧ୍ୟାରେ ତେଲ କଳାବଜାରି ହେବ ବୋଲି କେତେକ ଗ୍ରାହକ ଟାଙ୍କି ପାଖରେ ହୋହଲ୍ଲା କରିଥିଲେ। ପ୍ରକୃତରେ ତେଲ ଆସୁନାହିଁ ନା ଟାଙ୍କିରେ କୃତ୍ରିମ ଅଭାବ ଦେଖାଯାଉଛି ତାହା ଯୋଗାଣ ବିଭାଗ ଅନୁଧ୍ୟାନ କରିବାକୁ ଦାବି ହୋଇଛି।



# ବୃଦ୍ଧା ନିଖୋଜ ନେଇ ଥାନାରେ ଅଭିଯୋଗ

ଅନୁଗୋଳ,୧୪।୫(ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ଗିରାଙ୍ଗ ବାଲିସାହିର ଜନୈକ ବୃଦ୍ଧା ନିଖୋଜ ହୋଇଯାଇଥିବା ନେଇ ବୃଦ୍ଧାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ବଅଁରପାଳ ବ୍ଲକ ଗିରାଙ୍ଗ ବାଲିସାହିର ସୁଷମା ସାମଲ (୫୫) ନିଜ ପଡୋଶୀ ବିଜୟ ଗଡ଼ନାୟକଙ୍କୁ ଧାର ସୂତ୍ରରେ ୧ଲକ୍ଷ ୧୦ହଜାର ଟଙ୍କା ଦେଇଥିଲେ। ବିଜୟଙ୍କ ଘରକୁ ସୁଷମା ଟଙ୍କା ମାଗିବାକୁ ବାରମ୍ବାର ଯାଆନ୍ତି। ମଙ୍ଗଳବାର ସକାଳେ ମଧ୍ୟ ବିଜୟଙ୍କ ଘରକୁ ସୁଷମା ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁଷମା ଘରକୁ ନ ଫେରିବାରୁ ପୁଅ ରଞ୍ଜନ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ୩ ଦିନ ହେବ ସୁଷମାଙ୍କର କୌଣସି ସନ୍ଧାନ ମିଳୁନାହିଁ।



# ୨୦ରେ ଔଷଧ ଦୋକାନ ବନ୍ଦ

ଅନୁଗୋଳ,୧୪।୫(ସମିସ): ବିଭିନ୍ନ ଦାବି ପୂରଣ ନେଇ ଆହ୍ୱାନ ମୋଡ୍‌କୁ ଓହ୍ଲାଇଛି ଜାତୀୟ ଔଷଧ ବିକ୍ରେତା ସଂଘ। ଏହାକୁ ସମର୍ଥନ କରି ଅନୁଗୋଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ଆସନ୍ତା ୨୦ରେ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ସଂଘର ଦାବି ଆପତ୍ତି ନେଇ ଅନୁଗୋଳ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଦେଶରେ ଇ-ଫାର୍ମାସୀର ବ୍ୟାପକ ଅଭିବୃଦ୍ଧି ହେବା ଦ୍ୱାରା ଦେଶର ଲକ୍ଷ ଲକ୍ଷ ଔଷଧ ଦୋକାନୀ ପେଟରେ ଗୋଇଠା ମାଡ଼ ହୋଇଛି ବୋଲି ସଂଘ ଅଭିଯୋଗ କରିଛି। ଏହାଦ୍ୱାରା ଟିକସ ଫାଙ୍କି ସହ ଅବୈଧ ଔଷଧର ବହୁଳ ବିକ୍ରୟ ଦ୍ୱାରା ଔଷଧ ଦୋକାନୀମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିଭଳି କର୍ପୋରେଟ୍ ହାଉସ ଗୁଡ଼ିକ ଔଷଧ ଗୁଡ଼ିକର ମନଇଚ୍ଛା ଦର ବୃଦ୍ଧି କରିବା ଦ୍ୱାରା ଔଷଧ ଶିଳ୍ପରେ ବହୁ ଅନିୟମିତତା ସୃଷ୍ଟି ହେଉଛି। ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କର୍ପୋରେଟ ସଂସ୍ଥା ମନଇଚ୍ଛା ଔଷଧରେ ରିହାତି ଦେବା ଦ୍ୱାରା ଅନ୍ୟ ଔଷଧ ଶିଳ୍ପ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛି। ଏହି ସବୁ କାରଣରୁ ଆସନ୍ତା ୨୦ ଦିନ ଔଷଧ ଦୋକାନ ସମ୍ପୂର୍ଣ୍ଣ ବନ୍ଦ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁଗୋଳ ସଂଘର ସଭାପତି ସୁବୋଧ କୁମାର ମିଶ୍ର, ସମ୍ପାଦକ ନିର୍ମଳ ଚନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ଗିରିଜା



ଦାବି ପୂରଣ ନେଇ ସଂଘ ଦେଲା ସ୍ମାରକପତ୍ର


ନନ୍ଦଙ୍କ ସମେତ ବିପିନ ମହାପାତ୍ର, ଭୀମସେନ ସାହୁ, ବିଜୟାନନ୍ଦ ଚୌଧୁରୀ ପ୍ରମୁଖ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ସିଡିଏମ୍‌ଓ ଡ଼ା ମଦନ ମୋହନ ପ୍ରଧାନ, ଉପଜିଲ୍ଲାପାଳ ଏବଂ ଔଷଧ ନିରୀକ୍ଷକଙ୍କୁ ଭେଟି ବନ୍ଦ ନେଇ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ପୂର୍ବକୁ ଫେରି ଯିବାକୁ ବାଧ କରୁଛି ପରିସ୍ଥିତି

ତାଳଚେର,୧୪।୫(ସମିସ):

ବର୍ତ୍ତମାନ ସାରା ଦେଶରେ ଯେଉଁ ପରିସ୍ଥିତି ଦେଖାଦେଲାଣି ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କୁ ନେଇ ଚଳିବା କଷ୍ଟକର ବ୍ୟାପାର ହୋଇପଡ଼ିଲାଣି। ଦୁନିଆଁ ଯେତିକି ଆଗକୁ ଅଗ୍ରସର ହେଉଛି, ସେହି ଅନୁପାତରେ ଜନସଂଖ୍ୟା, ଜମିବାଡ଼ି ଓ ଖାଦ୍ୟପଦାର୍ଥଠୁ ନେଇ ନିତ୍ୟ ବ୍ୟବହାର ଯୋଗ୍ୟ ଜିନିଷର ଚାହିଦା ବଢ଼ିବା ସହିତ ଚାସବାଷ ମଧ୍ୟ ଦିନକୁ ଦିନ ହ୍ରାସ ହେବାକୁ ଲାଗିଲାଣି ଏବଂ ଆବଶ୍ୟକ ସ୍ଥଳେ ସେତିକି ବ୍ୟବହାର କରିବା ମଧ୍ୟ ସମ୍ଭବପର ହେଉନାହିଁ।

ଆଜକୁ ୭୦ଦଶନ୍ଧି ପଛକୁ ଫେରିଗଲେ ସେତେବେଳେ ଟଙ୍କାର କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଥିଲା, ଅତି ଜରୁରିକାଳୀନ ପରିସ୍ଥିତିରେ କାର୍ଯ୍ୟରେ ଆସୁଥିଲା। ସେତେବେଳେ ଦେଣନେଣର ଭୂମିକା ବହନ କରୁଥିଲା, ଯେପରିକି କିଛି ସାମଗ୍ରୀ ପ୍ରଦାନ କଲେ ପ୍ରତିବ ଦଳରେ ଅନ୍ୟ କିଛି ସାମଗ୍ରୀ ଲୋକ ପାଇ ପାରୁଥିଲେ ଯାହା ଏବେ ତାହା ଆଉ ଦେଖିବାକୁ ମିଳୁନାହିଁ। ସେହି ସମୟରେ ଖାଦ୍ୟର ଅଭାବ ମଧ୍ୟ ରହୁନଥିଲା ଓ ଲୋକେ ସୁସ୍ଥ ଖାଦ୍ୟ, ଭଲ ବାତାବରଣରେ ନିଜକୁ ଅରୋଗ୍ୟ ମନେ କରୁଥିଲେ। ବର୍ତ୍ତମାନ ଯୁଗରେ ଦେଶ ଆଗକୁ ଯାଇଛି ସତ, କିନ୍ତୁ ପ୍ରକୃତି ବାତାବରଣର ସ୍ୱର୍ଷତା ନାହିଁ ଏବଂ ପ୍ରକୃତିର ଶସ୍ୟଶ୍ୟାମଳା, ଜଙ୍ଗଲଜାତ ଦ୍ରବ୍ୟ, ଫଳମୂଳ ଓ ଔଷଧୀୟ ବୃକ୍ଷ ନାହିଁ ଯେଉଁଥି ପାଇଁ ବର୍ତ୍ତମାନର ଯୁବପିଢ଼ି ଓ ପୂର୍ବ ପିଢ଼ିଙ୍କ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଏକଥା ଅନେକ ସମୟରେ ପରିବେଶବିତ୍‌ମାନେ ଆକଳନ କରିଥାନ୍ତି



କି ବର୍ତ୍ତମାନ ପିଢ଼ିଙ୍କ ଆୟୁଷ ଠାରୁ ପୂର୍ବ ପିଢ଼ିଙ୍କ ଆୟୁଷ ଢ଼େର ଅଧିକ ରହୁଥିଲା। ଆମ ତାଳଚେର ମାଟିର ମହକ, ଚାଷ ଉପଯୋଗୀ, ରବି ଫସଲ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ। ଖରା, ବର୍ଷା, ଶୀତ ଦିନ ଗୁଡ଼ିକ ଭଲ ଧାନ ଫସଲ ଅମଳ କରାଯାଉଥିଲା। ଋତୁର ଅବଦାନରେ ପନିପରିବା ଚାଷ ଓ କ୍ରୟ ବିକ୍ରୟ ମଧ୍ୟ ଚାଲୁଥିଲା। ଗ୍ରାମ୍ୟ ଭାଷାରେ ଖାଲି ବାଇଗଣ କିମ୍ବା ପାତଲଘଣ୍ଟା ତା' ସହିତ ବାଡ଼ି ରସୁଣ ଓ ଧନିଆପତ୍ର ଦଳିଚକଟି ଲୋକେ ପଖାଳ କଂସାକୁ ଆଦର କରୁଥିଲେ।

ପୂର୍ବରୁ ଟୁଲ, ମହୁଲ, ସୋରିଷ, ତାଳ ଇତ୍ୟାଦି ଫସଲରୁ ଗ୍ରାମ୍ୟ ଲୋକେ ତେଲ ବାହାର କରି ରୋଷେଇରେ ବ୍ୟବହାର କରୁଥିଲେ ଓ ନିଜେ ନିର୍ଭରଶୀଳ ହୋଇ ପାରୁଥିଲେ। ତାଙ୍କ ପକ୍ଷେ ଏପରି ସମସ୍ୟା ଉପୁଜୁନଥିଲା। କିନ୍ତୁ ଏବେ ସରକାର ଏସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାରେ ବ୍ୟସ୍ତ ରହିଲେଣି, ଖାଦ୍ୟ ପାନୀୟ ଠାରୁ ଯାତାୟତର ବ୍ୟବସ୍ଥା ପର୍ଯ୍ୟନ୍ତ ଏପରିକି, ନିଜର ମନପସନ୍ଦ ମୁତାବକ ଜିନଷପତ୍ର କ୍ରୟ କରିବା ଉପରେ ଧ୍ୟାନ ଦେଇ ଚଳିବାକୁ ଶିଖାଇଲେଣି। ଅଯଥା ଖର୍ଚ୍ଚ ଉପରେ ନିଜେ ଅଙ୍କୁଶ ଲଗାନ୍ତୁ, ଯଦ୍ୱାରା ଆଗକୁ ପରିସ୍ଥିତି ଜଟିଳ ହେଲେ ବି କିଛିକାଂଶରେ ଜନସାଧାରଣ ମୁକ୍ତି ପାଇପାରିବେ। ଅପରପକ୍ଷେ ମଧ୍ୟପ୍ରାଚ୍ୟ ଦେଶ ଗୁଡ଼ିକରେ କନ୍ଦଳ ଓ ଯୁଦ୍ଧ ପରି ସମସ୍ୟା ଉପୁଜୁଥିବାରୁ ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀ ରପ୍ତାନୀ ଓ ଆମଦାନୀରେ ସମସ୍ୟା ସୃଷ୍ଟି ହେଉଛି। ଲୋକଙ୍କ ଗହଣରେ ଜିନିଷପତ୍ର ପହଞ୍ଚି ପାରୁନାହିଁ, ଏହାକୁ ନେଇ ମଧ୍ୟ ସରକାର ଓ ସର୍ବସାଧାରଣ ହଇରାଣ ହରକତ ହେଉଥିବା ମଧ୍ୟ ପରିଲକ୍ଷିତ ହେଉଛି। ଏପରି ସମସ୍ୟାରେ ଲୋକେ ଛନ୍ଦି ହୋଇ ପଡୁଥିଲେ ହେଁ ଜନସଂଖ୍ୟା ଓ ଜମିବାଡ଼ି ଅଭାବ ଜନିତ ଆଉ ଗ୍ରାମୀଣବାସୀ ଚାଷକାର୍ଯ୍ୟକୁ ଫେରି ପାରୁନାହାନ୍ତି। ଯେଉଁଆଡ଼େ ଚାହିଁବ ସିଆଡ଼େ ପକ୍କା ରାସ୍ତା, ଗଛକଟା, କଳକାରଖାନା, ଶିଳ୍ପାନୁଷ୍ଠାନ, ଖଣିଖାଦାନ ଯୋଗୁଁ ଦେଶ ତ ବିକାଶ ଦିଗରେ ଗତି କରୁଛି, ମାତ୍ର ବଂଚିବାର ଉପାୟ ଏବେ ହୋଇଛି ନିରୁପାୟ! ଯାହାକୁ ନେଇ ଆଜି ପରିବେଶବିତ୍ ଓ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି ସେଇ ଗୋଟିଏ କଥା, ପୂର୍ବକୁ ଫେରି ଯିବାକୁ ବାଧ କରୁଛି ପରିସ୍ଥିତି। ବେଳ ଥାଉ ଥାଉ ବନ୍ଧ ବାନ୍ଧରେ କୁମର ପ୍ରଥାକୁ ଅନୁସରଣ କରି ସରକାର କାର୍ଯ୍ୟ କରିଲେ ଆଗମୀ ଦିନ ଗୁଡ଼ିକରେ କୌଣସି ସମସ୍ୟାରେ ଲୋକେ ଛନ୍ଦି ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି।

## ଜମିବାଡ଼ି ବିବାଦ: ଭାଇ ମାଡ଼ରେ ସାନଭାଇର ମୃତ୍ୟୁ

ମହାକାଳପଡ଼ା, ୧୪।୫(ସମିସ): ଜମିବାଡ଼ି ବିବାଦକୁ ନେଇ ବଡ଼ଭାଇ ମାଡ଼ରେ ସାନଭାଇର ମୃତ୍ୟୁ ଘଟିଛି। ବାରଡାଙ୍ଗ ଗ୍ରାମର ଗୋଲେଖ ନାଉରୀ ଓ ତାଙ୍କ ଭାଇଙ୍କ ମଧ୍ୟରେ ଜମିଜମା ବିବାଦକୁ ନେଇ ବିବାଦ ଥିଲା। ଆଜି ଅପରାହ୍ଣରେ ଗୋଲେଖ ତାଙ୍କ ଜମିରେ ମାଟି ପକାଉଥିବା ସମୟରେ ତାଙ୍କ ବଡ଼ଭାଇ ଅଭୟ ନାଉରୀଙ୍କ ପରିବାର ସହିତ ଝଗଡ଼ା ହୋଇଥିଲା। ଝଗଡ଼ା କିଛି ସମୟ ପରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଗୋଲେଖଙ୍କୁ ଆକ୍ରମଣ କରାଯାଇଥିଲା। ଗୁରୁତର ଭାବେ ଗୋଲେଖ ଙ୍କୁ ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହାକାଳପଡ଼ା ପୁଲିସ ବଡ଼ଭାଇ ଅଭୟ ନାଉରୀଙ୍କ ସମେତ ତାଙ୍କ ପତ୍ନୀ ରେଣୁକା ନାଉରୀ ଓ ତାଙ୍କ ବୋହୂକୁ ଉଠାଇ ନେଇଥିବା ଜଣାପଡ଼ିଛି।

## ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲରୁ ଚୋରି

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଅଣ୍ଡରା ବନ୍ଦେ ମାତରମ ନୋଡାଲ ହାଇସ୍କୁଲରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ନେଇ ଚଉଦକୁଲାଟ ଫାଣ୍ଡିରେ ଏତଲା ଦିଆଯାଇଛି। ଆଜି ସକାଳେ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୀର ସେଠୀ ଓ ଅନ୍ୟ ସହକାରୀ ଶିକ୍ଷକ ସ୍କୁଲକୁ ଆସି ଅଷ୍ଟମ ଶ୍ରେଣୀ ଗୃହରେ ଲାଗିଥିବା ସ୍ମାର୍ଟ ବୋର୍ଡ ଓ ଆନୁସଙ୍ଗିକ ସରଞ୍ଜାମ ନ ଥିବା ଓ ଶ୍ରେଣୀ ଗୃହ କବାଟ ତଡ଼ା ଯାଇଥିବା ଦେଖିବାକୁ ପାଇଥିଲେ। ଏହି ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚଉଦକୁଲାଟ ଫାଣ୍ଡିରେ ଏତଲା ଦେଇଛନ୍ତି। ସ୍ଥାନୀୟ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ୫ ବର୍ଷ ପରେ ଗାଁକୁ ଫେରିଲେ ନିଖୋଜ ନାବାଳିକା

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଧୋୟାଞ୍ଚଳର ଜଣେ ନାବାଳିକା ୫ ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି ପରେ ଉକ୍ତ ନାବାଳିକା ଝିଅକୁ ନ ପାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ନିଖୋଜ ମାମଲା ରୁଜୁ କରି ନାବାଳିକାଙ୍କୁ ଖୋଜିବା ଆରମ୍ଭ କରିଥିଲା। ଇତିମଧ୍ୟରେ ୫ ବର୍ଷ ପରେ ନିଖୋଜ ନାବାଳିକା ସାବାଳିକା ହୋଇ ଘରକୁ ଫେରିବା ପରେ ତାଙ୍କୁ ପୁଲିସ ପଟ୍ଟାମୁଣ୍ଡାଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ପରେ ନିଖୋଜ ମାମଲାର ଅନ୍ତ ଘଟିଛି।

## ପଟ୍ଟାମୁଣ୍ଡାଇରେ ପେଟ୍ରୋଲ ଅଭାବ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପେଟ୍ରୋଲ ସଙ୍କଟ ଦେଖାଦେଇଛି। କେତେକ ପମ୍ପରେ ପେଟ୍ରୋଲ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଟାଙ୍କିରେ ଆବଶ୍ୟକ ତେଲ ମିଳୁନାହିଁ। ତେଲ ନ ମିଳିବା ଯୋଗୁଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୁଇଚକିଆ ଯାନଠାରୁ ଆରମ୍ଭ କରି ବିଭିନ୍ନ ଯାନବାହନ ଚାଳିବାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଲୋକମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ହଇରାଣ ହେବା ସହିତ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଲ ସଙ୍କଟ ଦେଖା ଦେଇଥିବାରୁ ଆଗାମୀ ଦିନରେ ବସ ସେବା ସହ ଟ୍ରକ ବନ୍ଦ ହେବା ଆଶଙ୍କା କରାଯାଉଥିବାରୁ ପରିସ୍ଥିତି ଅଧିକ ସଂଗୀନ ହେବା ଦେଖାଯାଉଛି। ପରିବହନ ସେବା ଠପ ହେଲେ ଗୁରୁତର ରୋଗୀ ଚିକିତ୍ସା ପାଇଁ ବାହାରକୁ ଯିବା କଷ୍ଟକର ହେବା ସହିତ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପେଟ୍ରୋଲ ସଂକଟ ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

● ନୀଳକଣ୍ଠପୁର ପଞ୍ଚାୟତ ୧୧ ଓ ୧୨ନଂ ୱାର୍ଡ ଅବହେଳିତ

## ପିଇବା ପାଣି ଓ ଉଜ୍ଜ୍ୱଳ ଆଲୋକରୁ ବଞ୍ଚିତ

ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତର ୧୧ନଂ ଓ ୧୨ନଂ ୱାର୍ଡ ଅବହେଳାର ଶିକାର ହୋଇଛି। ଏହି ଦୁଇଟି ୱାର୍ଡରେ କୌଣସି ସରକାରୀ ଯୋଜନା ଓ ସୁବିଧା ପହଞ୍ଚିନାହିଁ। ପିଇବା ପାଣି ସଙ୍କଟ ଉତ୍କଟ ହୋଇଥିବାବେଳେ ଷ୍ଟ୍ରିଟ୍‌ଲାଇଟ ଜଳୁନାହିଁ। ଅନ୍ୟାନ୍ୟ ସମସ୍ୟା ନ କହିଲେ ଭଲ। ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ପଞ୍ଚାୟତ ସ୍ଥିତି ସଂଗୀନ ହୋଇପଡ଼ିଛି। ନାଏବ ସରପଞ୍ଚ ଦାୟିତ୍ୱରେ ଥିଲେ ମଧ୍ୟ ୧୧ ଓ ୧୨ନଂ ୱାର୍ଡ କଦଳୀବଣ ଗ୍ରାମ ଅବହେଳାର ଶିକାର ହୋଇଛି।

ଏହି ଦୁଇ ୱାର୍ଡରେ ପ୍ରାୟ ୨୦୦ ପରିବାରର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ କୌଣସି ସରକାରୀ ସୁବିଧା ଯୋଗାଇ ଦିଆଯାଉନାହିଁ। ପିଇବା ପାଣି ମିଳୁନଥିବାବେଳେ ଷ୍ଟ୍ରିଟଲାଇଟ ଜଳୁନାହିଁ। ୨୦୨୫ରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ଏହି ଦୁଇଟି ୱାର୍ଡରେ ପାନୀୟଜଳ ଯୋଗାଇବା ପାଇଁ ପାଇପ ବିଛାଯାଇନାହିଁ। ଏହି ଦୁଇଟି ୱାର୍ଡରେ ଥିବା ୩ଟି ନଳକୂପ ଅଚଳ ହୋଇପଡ଼ିଛି। ସମସ୍ତ ସରକାରୀ ଯୋଜନା ଓ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ୧୧ନଂ ଓ ୧୨ନଂ ୱାର୍ଡ ବାସିନ୍ଦା କଷ୍ଟ ଭୋଗୁଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

## ବ୍ଲକ୍ ଓଷ୍ଟା ପକ୍ଷରୁ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାର୍ଶାଘାଇ, ୧୪।୫(ସମିସ): ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକ ଓଷ୍ଟା ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ଲାଭ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାର୍ଶାଘାଇ ବ୍ଲକ ଓଷ୍ଟା ସଭାପତି ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ବିଶିଷ୍ଟ ଅତିଥି ପୂର୍ବତନ ବ୍ଲକ ଓଷ୍ଟା ସମ୍ପାଦକ ନାରାୟଣ ପ୍ରସାଦ ମନ୍ତ୍ରୀ, ସମ୍ମାନିତ ଅତିଥି ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଓଷ୍ଟା ଯୁଗ୍ମସମ୍ପାଦକ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବିଶ୍ୱଜିତ୍ ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ଆଗକୁ ସଫଳତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ପ୍ରସନ୍ନ ପରିଡ଼ା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଫଳ ଛାତ୍ରଛାତ୍ରୀଙ୍କ ପତାମାତା ଓ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

**ସଚେତନ ନାଗରିକଙ୍କ ଅଭିଯୋଗ**

# ଦେଢ଼ୀ ମହାଜନୀ ଫାଶରେ ଗ୍ରାମାଞ୍ଚଳର ମହିଳା

● ମହିଳା ଗୋଷ୍ଠୀଙ୍କୁ ଅର୍ଥ ଲଗାଣକାରୀ ସଂସ୍ଥାର ଋଣ ପ୍ରଦାନ

● ଋଣ ଟଙ୍କା ଆଦାୟ ସମୟରେ କରୁଛନ୍ତି ଜୁଲମ୍

ରାଜକନିକା, ୧୪।୫(ସମିସ)

ଗାଁ ଗାଁରେ ଚାଲିଛି ଦେଢ଼ୀ ମହାଜନୀ। ଏହା କୌଣସି ସାହୁକାରର ଋଣ ନୁହେଁ, ବରଂ ଫାଇନାନ୍ସ କମ୍ପାନୀ ନାଁରେ ବହୁ ଋଣ ଲଗାଣକାରୀ ଘରୋଇ ସଂସ୍ଥା ଋଣ ଦେଇ ଦେଢ଼ ଗୁଣ ପରିମାଣର ସୁଧ ମୂଳ ଆଦାୟ କରୁଛନ୍ତି। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ଘର ପାଖରେ କେବଳ ଆଧାର କାର୍ଡରେ ଋଣ ଯୋଗାଇ ପରେ ଚକ୍ରବୃଦ୍ଧି ସୁଧ ଯୋଡ଼ି ଅର୍ଥ ଆଦାୟର ସୁବିଧା ବାଟ ଆପଣାଉଥିବା କେତେକ ସୁଧଖୋର ସଂସ୍ଥାର ଜୁଲମ ବିରୋଧରେ ସଚେତନ ନାଗରିକ କୃତ୍ତିବାସ ଦାସ ସ୍ୱର ଉଠାଇଛନ୍ତି। ଗାଁ ଗହଳିର ମହିଳାଙ୍କୁ ବହୁ ପରିମାଣର ଋଣ ଯୋଗାଇ ଏଭଳି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ନେଇ ଏବେ ଋଣ ସୁଝିବାକୁ ବାହାର ରାଜ୍ୟକୁ ମହିଳାମାନେ ଦାଦନ ଶ୍ରମିକ ଭାବେ ତ କେଉଁଠି ଚିଙ୍ଗୁଡ଼ି ଚୋପା ଛଡାଇବାକୁ ହେଉ ବା ଟେଲରିଂ, ନଡ଼ିଆ ତୋଳା କାମରେ ନିୟୋଜିତ ହେଉଥିବା ଅଭିଯୋଗ କରିଛନ୍ତି କୃତ୍ତିବାସ। ଏ ନେଇ ସେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଏଲ ଆଣ୍ଡ ଟି, ଅନ୍ନପୂର୍ଣ୍ଣା ଫାଇନାନ୍ସ, ବେଲଷ୍ଟାର ମାଇକ୍ରୋଫାଇନାନ୍ସ, ସମସ୍ତା, ମିଟ ଲ୍ୟାଣ୍ଡ ଭଳି ୧୫ରୁ ଅଧିକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ରାଜକନିକା ବ୍ଲକର ସବୁ ପଞ୍ଚାୟତରେ ଘରେ ଘରେ ମହିଳାଙ୍କୁ ଆକୃଷ୍ଟ କରିବା ଭଳି ମୋଟା ଅଙ୍କର ଋଣ ଦେବାରେ ମସଗୁଲ ରହିଛନ୍ତି। ଘର ପାଖରେ କେବଳ ଆଧାର କାର୍ଡ ଦେଖି ଋଣ ଦେଇ ଚାଲିଛନ୍ତି। କେବଳ ମୋଟା ଅଙ୍କର ସୁଧ ଆଦାୟ ଲକ୍ଷ୍ୟରେ ଏସବୁ ପରିମାଣର ଅର୍ଥ ନେଇ ସଠିକ ସମୟରେ ଉପଯୁକ୍ତ ଚୁକ୍ତି ମୁତାବକ କିସ୍ତିରେ ଶୁଝିବା ସମ୍ଭବ ହେଉ ନ ଥିବାରୁ ଋଣ କରୁଥିବା ମହିଳା ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଉଚ୍ଚ ସୁଧହାର ଓ ଅଘୋଷିତ ବହୁ ପରିମାଣର ଭିତିରିଆ ଖର୍ଚ୍ଚ ଦାବି, ଜଣେ ମହିଳାଙ୍କୁ ବିଭିନ୍ନ ସଂସ୍ଥାର ଏକ ସମୟରେ ବହୁ ପରିମାଣର ଋଣ ଲଗାଣ, ଋଣ ଶୁଝିବାର କୌଣସି ସମ୍ଭାବ୍ୟ ରୋଜଗାର ନ ଦେଖି ପର୍ଯ୍ୟାପ୍ତ ପରିମାଣର ଋଣ ଲଗାଣ, ଋଣ ଆଦାୟ ପାଇଁ ଏଜେଣ୍ଟଙ୍କ ଜୁଲମ ସହ ଗାଳି ଓ ଧମକ ଦେବା, ଋଣ ଶୁଝିବା ସମ୍ଭବ ନ ହେବାରୁ ମାନସିକ ଅବସାଦରେ ମହିଳା ରହିବା ଓ ପରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାର ପ୍ରବଣତା ବଢୁଥିବା ସମ୍ପର୍କରେ କୃତ୍ତିବାସ ଅଭିଯୋଗ କରି ଏଭଳି ସାମାଜିକ ସମସ୍ୟା ବନ୍ଦ ପାଇଁ ନିବେଦନ କରିଛନ୍ତି। ଯଦି ଋଣ ଆବଶ୍ୟକ ରହୁଛି, ତେବେ ଉପଯୁକ୍ତ ସଂସ୍ଥାଠାରୁ ଋଣ ଓ ସୁଧ ସମ୍ପର୍କରେ ସଠିକ ତଥ୍ୟ ଦେଇ ଋଣ ପ୍ରଦାନ, ସମସ୍ତ ଅର୍ଥ ଲଗାଣ ସଂସ୍ଥାର ଆର୍ଥିକ କାରବାରର ସଠିକ ଯାଞ୍ଚ, ଋଣ ଆଦାୟରେ ନିଯୁକ୍ତ କର୍ମଚାରୀଙ୍କ ନିଯୁକ୍ତି ବୈଧତା, ଜୁଲମ ବଦଳରେ ଭଦ୍ର ବ୍ୟବହାର କରିବାକୁ ନିୟମ ପ୍ରଣୟନ କରିବା ପାଇଁ କୃତ୍ତିବାସ ନିବେଦନ କରିଛନ୍ତି। ଅଭିଯୋଗ ଅନୁଯାୟୀ ୫ ଶହ କୋଟିରୁ ଅଧିକ ପରିମାଣର ଅର୍ଥ ଲଗାଣ ଦେଇ ଦୈନିକ ସୁଟ ବୁଟ ପିନ୍ଧି ଏହି ସଂସ୍ଥାର ଏଜେଣ୍ଟଙ୍କ ଜୁଲମ ବଢ଼ିବା ଏକ ସାମାଜିକ ଅବସ୍ଥାର ବ୍ୟତିକ୍ରମ ସାଜିବ, ଋଣ ଆଦାୟ ପାଇଁ ଏଜେଣ୍ଟ ଦିନରାତି ମହିଳାଙ୍କ ଘରେ ଡେରା ପକାଇ ରହିବା ଭଳି ଅପମାନଜନକ ସ୍ଥିତି ସମଗ୍ର ଗାଉଁଲି ଜୀବନକୁ ପ୍ରଭାବିତ କରୁଥିବାରୁ ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ଅନୁଯାୟୀ ସବୁଦିନିଆ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ରାଜକନିକାରେ ପେଟ୍ରୋଲ ସଂକଟ**

## ସବୁ ପମ୍ପରେ ଲମ୍ବା ଲାଇନ




ରାଜକନିକା, ୧୪।୫(ସମିସ): ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତୈଳ ସଙ୍କଟ ଦୂର ପାଇଁ ଯାନବାହନ ଚଳାଚଳକୁ କମ କରିବା, ୱାର୍କ ଫ୍ରମ ହୋମ ସ୍ଥିତି ଭଳି ଘୋଷଣା ପରେ ତୈଳ ଦର ବଢ଼ିବା ଆଶଙ୍କା କରି ଆଜି ରାଜକନିକାର ସମସ୍ତ ପେଟ୍ରୋଲ ପମ୍ପରେ ଅହେତୁକ ଭିଡ଼ ଦେଖିବାକୁ ମିଳିଛି। ରାଜକନିକାର କଣ୍ଟପଡ଼ା, ଓସ୍ତିଆ, ନେତାଜୀ ଛକ, ଅଚ୍ୟୁତପୁର ଜାଗୁଲାଇପଡ଼ା, କଣ୍ଡିଆ ଆଦି ସମସ୍ତ ପେଟ୍ରୋଲ ପମ୍ପରେ ସ୍ୱାଭାବିକ ଭାବେ ତେଲ ନ ଆସିବା, ତେଲ ଦର ବଢ଼ିବା କାରଣକୁ ନେଇ ଲୋକେ ଆଗୁଆ ସତର୍କ ହେବାର ଏଭଳି ଭିଡ଼ ବୋଲି ଆକଳନ କରାଯାଉଛି। ତେବେ ଦିନକୁ ଦିନ ରାଜକନିକାର ସବୁ ପେଟ୍ରୋଲ ପମ୍ପରେ ଅଧିକରୁ ଅଧିକ ଭିଡ଼ ହେଉଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ପୂର୍ବରୁ ବିଭିନ୍ନ ରାଜ୍ୟର ନିର୍ବାଚନ ଥିବାରୁ ଦେଶରେ ଦେଖା ଦେଇଥିବା ତୈଳ ସଙ୍କଟକୁ ଚପାଇ ନିର୍ବାଚନ ଫଳ ପ୍ରକାଶ ପରେ ପ୍ରଧାନମନ୍ତ୍ରୀ ହଠାତ ତୈଳ ସଙ୍କଟର ମୁକାବିଲା ପାଇଁ ବିଭିନ୍ନ ମାର୍ଗଦର୍ଶିକା କଥା କହିବା ସାଧାରଣ ଲୋକଙ୍କୁ ଶୋଷଣର ବାଟ ଖୋଲିଥିବା କାଳୀପ୍ରସାଦ ନାୟକ କହିଛନ୍ତି। ଦେଶରେ ସୃଷ୍ଟି ହୋଇଥିବା ସଙ୍କଟ ଟାଳିବାରେ ସରକାର ବିଫଳ ହୋଇ ଲୋକଙ୍କ ଦ୍ୱାରା ପେଟ୍ରୋଲ, ଡିଜେଲ ଓ ଖାଇବା ତେଲ ବ୍ୟବହାର କମ କରିବାକୁ କହିବା ସରକାରଙ୍କ ଅପାରଗତା ବୋଲି ଯୁବନେତା ଗୟାଧର ଧଳ କହିଛନ୍ତି।

## ଯୁବକଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଘଟଣା: ଫାର୍ମାସିଷ୍ଟଙ୍କ ବଦଳି

କେନ୍ଦ୍ରାପଡ଼ା, ୧୪।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭୁଲବଶତଃ ଜଣେ ଯୁବକଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ୍ ଦିଆଯାଇଥିବା ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପୃକ୍ତ ଫାର୍ମାସିଷ୍ଟ ସୁଧୀର କୁମାର ଦଲେଇଙ୍କୁ କରିଲୋପାଟଣା ପିଏଚସିରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଗତ ବୁଧବାର କରିଲୋପାଟଣା ଗାଁର ଅନନ୍ତ ଜେନା ନାମକ ଜଣେ ଯୁବକ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ନିକଟସ୍ଥ କରିଲୋପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଜଣେ କୁକୁର କାମୁଡ଼ା ରୋଗୀଙ୍କ ପାଇଁ ଅଣାଯାଇଥିବା ଆଣ୍ଟି ରେବିସ୍ ଇଞ୍ଜେକ୍ସନ୍‌କୁ ଫାର୍ମାସିଷ୍ଟ ସୁଧୀର ଦଲେଇ ଭୁଲବଶତଃ ଅନନ୍ତଙ୍କୁ ଦେଇଥିବା ଅଭିଯୋଗ ହୋଇଥିଲା। ଇଞ୍ଜେକସନ ନେବା ପରେ ଅନନ୍ତ ଅସୁସ୍ଥ ଅନୁଭବ କରିଥିବାରୁ ତାଙ୍କୁ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଥିଲା। ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନେଇ ତାଙ୍କୁ ବଦଳି କରିଥିବା ଜଣାପଡ଼ିଛି। ଫାର୍ମାସିଷ୍ଟଙ୍କ ଦାୟିତ୍ୱହୀନତା ଯୋଗୁଁ ଏପରି ଘଟଣା ଘଟିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଭବିଷ୍ୟତରେ ଏଭଳି ଅବହେଳା ନ ହେବାକୁ କଡ଼ା ନଜର ରଖିବା ପାଇଁ ଦାବି ହେଉଛି।

**କୁଦାନଗରୀରେ ଡକାୟତି**

## ମାଆ-ଝିଅଙ୍କୁ ଭୁଜାଲି ଦେଖାଇ ଲୁଟ୍



କେନ୍ଦ୍ରାପଡ଼ା, ୧୪।୫(ସମିସ): କୁଦାନଗରୀ ଥାନା ଅଞ୍ଚଳରେ ପୁଣି ଡକାୟତି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଓଉପଡ଼ା ଗ୍ରାମର ବାସିନ୍ଦା ବସନ୍ତ ରାଉତ (୫୨)ଙ୍କ ଘରେ ବୁଧବାର ରାତି ପ୍ରାୟ ୨ଟା ସମୟରେ ୩ ଜଣ ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ତାଡ଼ି ଘରେ ପଶି ମାଆ-ଝିଅଙ୍କୁ ଭୁଜାଲି ଦେଖାଇ ବିଭାଘର ପାଇଁ ରଖାଯାଇଥିବା ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି।

ବସନ୍ତ ରାଉତ ଯାଜପୁରରେ ବେସରକାରୀ ସଂସ୍ଥାରେ କାମ କରୁଥିବାବେଳେ ଘରେ ତାଙ୍କ ପତ୍ନୀ ଓ ଝିଅ ରୁହୁଥିଲେ। ଘଟଣା ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମା' ନିରୁପମା ରାଉତ ଓ ଝିଅ କରିନା ରାଉତଙ୍କୁ କାବୁ କରିଥିଲେ। ବେକରେ ଭୁଜାଲି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇ ଆଲମିରା ଓ ଦୁଇଟି ବାକ୍ସ ଭାଙ୍ଗି ସେଥିରେ ଥିବା ସୁନା ଚେନ, ୨ଟି ସୁନା ମୁଦି, ୪ ହଳ ଶଙ୍ଖା, ୩ ହଳ କାନଫୁଲ, ରୂପା ପାଉଁଜି, ନଗଦ ୭୦ ହଜାର ଟଙ୍କା ସହ ପିତଳ ବାସନକୁସନ ଲୁଟି ନେଇଥିବା ଜଣାପଡ଼ିଛି। ସବୁଠାରୁ ଦୁଃଖଦ କଥା ହେଲା, ଏହି ସମସ୍ତ ସୁନା ଅଳଙ୍କାର ଓ ସାମଗ୍ରୀ ଝିଅର ବିବାହ ପାଇଁ କିଣାଯାଇ ଘରେ ରଖାଯାଇଥିଲା। ଏ ନେଇ ବସନ୍ତ ରାଉତ ଗୁରୁବାର ସକାଳ ପ୍ରାୟ ୯ଟାରେ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ପ୍ରାୟ ୮ ଘଣ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କେବଳ ଫଟୋ ଉଠାଇ ଚାଲିଯାଇଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ, କୁଦାନଗରୀ ଅଞ୍ଚଳରେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଅନେକ ଚୋରି ଓ ଡକାୟତି ଘଟଣା ଘଟିଥିଲେ ସୁଦ୍ଧା ପୁଲିସ ଏ ପର୍ଯ୍ୟନ୍ତ କୌଣସି ବଡ଼ ସଫଳତା ପାଇନାହିଁ। ଏହି ଘଟଣା ପରେ କୁଦାନଗରୀ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବାବେଳେ ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବା ସହ ଅଞ୍ଚଳରେ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ ତହସିଲରେ ଜନଶୁଣାଣି ଶିବିର



ପଟ୍ଟାମୁଣ୍ଡାଇ, ୧୪।୫(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ମାମଲାର ଫଇସଲା ଓ ତ୍ୱରିତ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ତହସିଲ ସ୍ତରରେ ଜନଶୁଣାଣି ଶିବିର କରାଯାଉଛି। ଆଜି ପଟ୍ଟାମୁଣ୍ଡାଇ ତହସିଲରେ ରାଜସ୍ୱ ମାମଲା ଫଇସଲା ସହ ରାଜସ୍ୱ ସେବାକୁ ତ୍ୱରାନ୍ୱିତ କରିବା ପାଇଁ ତହସିଲ ଅଫିସରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ଓ ତହସିଲଦାର ପଞ୍ଚାନନ ନାୟକ ଯୋଗ ଦେଇ ୧୭ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ଶିବିରରେ ଅତିରିକ୍ତ ତହସିଲଦାର ପ୍ରଣବ ପଣ୍ଡା ଓ ସରକାରୀ ଓକିଲ ଶିଶିର ମଲିକ ଉପସ୍ଥିତ ଥିଲେ।

## ଜୈବିକ ସାର ଓ କୀଟନାଶକ ବ୍ୟବହାର ସମ୍ପର୍କରେ ସଚେତନତା




ଡେରାବିଶ, ୧୪।୫(ସମିସ): ଚାନ୍ଦୋଳ ବଜାରସ୍ଥ ଏକ ଘରୋଇ କୃଷି ଫାର୍ମରେ ଫସଲରେ ଜୈବିକ ସାର ଓ କୀଟନାଶକ ବ୍ୟବହାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଅଧୀନ ଆଇସିଏଆର ଓ ସିଆରଆରଆଇ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ କୃଷି ବୈଜ୍ଞାନିକ ଡକ୍ଟର ଅରୁପ ମୁଖାର୍ଜୀ, ସମ୍ମାନିତ ଅତିଥି ଭାବେ ଡକ୍ଟର ମାନସ ବାଗ୍ ଓ ଡକ୍ଟର ଏନ୍.ଏନ୍. ଜମ୍ବୁଲକାର ପ୍ରମୁଖ ଯୋଗଦେଇ ଅଧିକ ଅମଳକ୍ଷମ ଧାନ ଉତ୍ପାଦନ ଓ ସେଥିରେ ଜୈବିକ ସାରର ବ୍ୟବହାର ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ବୁଝାଇ କହିଥିଲେ। ଏଥିସହିତ ଚାଷରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାରରେ ଉତ୍ପାଦିତ କୃଷିଜାତ ସାମଗ୍ରୀରେ କିଭଳି ଭାବେ ଖରାପ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା ସହିତ ଏହାକୁ ଦୂର କରିବା ପାଇଁ ଜୈବିକ ସାର ଓ କୀଟନାଶକ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରାରମ୍ଭରେ କୃଷି ଫାର୍ମର ସଂଯୋଜକ ଅତନୁ ଘୋଷାଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ।

## ମିଳୁନି ଡିଜେଲ; ମେଡିକାଲ ଅନ୍ଧାର




ରାଜନଗର, ୧୪।୫(ସମିସ): ରାଜନଗରରେ ଡିଜେଲ ମିଳୁ ନ ଥିବାରୁ ମେଡିକାଲ ଅନ୍ଧାରରେ ରହିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ସାରା ଦେଶରେ ଡିଜେଲ ଓ ପେଟ୍ରୋଲ ଅଭାବ ପରିଲକ୍ଷିତ ହେଉଛି। ଆଜି ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାଜନଗରରେ ବିଦ୍ୟୁତ କାଟ କରାଯାଇଥିଲା। ମେଡିକାଲ ଡିଜିରେ ଡିଜେଲ ନ ଥିବା କାରଣରୁ ମେଡିକାଲ ଦୀର୍ଘ ତିନିଘଣ୍ଟା ଧରି ଅନ୍ଧାରରେ ଥିଲା। ମେଡିକାଲକୁ ଆସୁଥିବା ରୋଗୀ ଅନ୍ଧାର ଯୋଗୁଁ ଚିକିତ୍ସା ପାଇ ନ ପାରି ଅନ୍ଧାରରେ ଛଟପଟ ହୋଇଥିଲେ। ମଙ୍ଗରାଜପୁର ଗାଁରୁ ଆସିଥିବା ଅଞ୍ଜନ ରାଉତଙ୍କ ଭାଇ ଦୀର୍ଘ ସମୟ ଧରି ଅନ୍ଧାର ଯୋଗୁଁ ଯନ୍ତ୍ରଣା ଭୋଗୁଥିଲେ। ଅନ୍ଧାର କାରଣରୁ ତାଙ୍କ ପରିସ୍ରା ପାଇପ ଲଗାଯାଇପାରି ନ ଥିଲା। ଡାକ୍ତଖାନା ଭଳି ଜରୁରିକାଳୀନ ସ୍ଥାନରେ ଏ ନେଇ ପୂର୍ବରୁ କାହିଁକି ବ୍ୟବସ୍ଥା କରାଯାଇ ନ ଥିଲା, ସେନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଏ ସମ୍ପର୍କରେ ଉପସ୍ଥିତ ଥିବା ଡାକ୍ତର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଯଦି ସଦର ମହକୁମା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଏଭଳି ଅବସ୍ଥା, ତେବେ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା କ'ଣ ହୋଇଥିବ, ତାହା ସହଜରେ ଅନୁମାନ କରାଯାଉଛି।

**ଜନବସତିରେ କୁକୁଡ଼ା ଫାର୍ମ, ଦୁର୍ଗନ୍ଧରେ ନାକ ଫାଟିପଡୁଛି**

# କାର୍ଯ୍ୟକାରୀ ହେଉନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପଞ୍ଚୁପାଣ୍ଡବ/ଡେରାବିଶ, ୧୪।୫(ସମିସ)



ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା କୁକୁଡ଼ା ଫାର୍ମ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜନବସତି ମଧ୍ୟରେ ଥିବା ଏହି କୁକୁଡ଼ା ଉତ୍ପାଦନ କେନ୍ଦ୍ର ଯୋଗୁଁ ପ୍ରବଳ ଦୁର୍ଗନ୍ଧ ହୋଇ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ଗ୍ରାମବାସୀ। ଏହି କୁକୁଡ଼ା ଫାର୍ମ ଜଣକ ଘର ନିକଟରେ ଥିବା ଦେଖିବାକୁ ମିଳୁଛି। ଏପରିକି ଏହି ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା କରି ଗ୍ରାମବାସୀ ପ୍ରତିବାଦ ସ୍ୱରୂପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଗୁରୁତର ସହ ଗ୍ରହଣ କରି ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଡେରାବିଶ ତହସିଲ, ନିକିରାଇ ଥାନା ଓ କେନ୍ଦ୍ରାପଡ଼ା ସିଡିଭିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ନିର୍ଦ୍ଦେଶକୁ ପ୍ରାୟ ଦେଢ଼ ମାସ ପୂରିବ, କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନିକ ଅଧିକାରୀ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ତିନିବର୍ଷ ପୂର୍ବେ ପ୍ରଶାସନ ନିକଟରୁ ପ୍ରୋତ୍ସାହନ ରାଶି ପାଇ ଗ୍ରାମର ଜଣେ ବ୍ୟକ୍ତି ଏକ କୁକୁଡ଼ା ଫାର୍ମ କରିଥିଲେ। ମାତ୍ର ଜନବସତି ମଧ୍ୟରେ କୁକୁଡ଼ା ଫାର୍ମ ନିର୍ମାଣ ପାଇଁ କିପରି ପଶୁ ସମ୍ପଦ ବିଭାଗ ଅନୁମତି ଦେଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜନବସତି ମଧ୍ୟରେ ଏହି ଫାର୍ମ ଯୋଗୁଁ ଏହାର ପରିଣାମ ସ୍ୱରୂପ ବହୁ ଦୁରାରୋଗ୍ୟ ଭଳି ରୋଗରେ ପୀଡ଼ିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୁକୁଡ଼ା ଫାର୍ମକୁ ବନ୍ଦ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ବିଷୟରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି,

**ଫାର୍ମ ଉଚ୍ଛେଦକୁ ପ୍ରଶାସନର ପଛଘୁଞ୍ଚା**

ଏହାର ତଦନ୍ତ ଚାଲିଛି; ସମାଧାନର ବାଟ କରାଯିବ ବୋଲି କହିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରେ, ତେବେ ଗ୍ରାମବାସୀ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

● ଝିଅର ଅନିଚ୍ଛା ସତ୍ତ୍ୱେ ଚାଲିଥିଲା ବିବାହ

## ନାବାଳିକା ବିବାହ ବନ୍ଦ କଲା ପୁଲିସ

ରାଜନଗର, ୧୪।୫(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ବାଲ୍ୟ ବିବାହ ବ୍ୟାଧି ବ୍ୟାପିବାରେ ଲାଗିଛି। ଗତକାଲି ସାମୁଦ୍ରିକ ଥାନା ପକ୍ଷରୁ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବାବେଳେ ସେପଟେ ସେହି ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟ ନାବାଳିକାକୁ ତା'ର ଅନିଚ୍ଛା ସତ୍ତ୍ୱେ ବିବାହ କରାଯାଉଥିଲା। ଅଙ୍ଗନବାଡ଼ି କର୍ମୀ ପୁଲିସକୁ ଜଣାଇବା ପରେ ପୁଲିସ ତ୍ୱରିତ ପଦକ୍ଷେପ ନେବାରୁ ବାଲ୍ୟ ବିବାହ ରୋକାଯାଇପାରିଛି। ସବୁଠୁ ବଡ଼ କଥା ହେଲା ନାବାଳିକାଙ୍କ ବୟସ ୧୬ ବର୍ଷ ହୋଇଥିବାବେଳେ ନୋଟାରିରେ ବିବାହ ପାଇଁ କାଗଜପତ୍ର ପ୍ରସ୍ତୁତ ସହିତ ଉଭୟ ପକ୍ଷଙ୍କ ଦସ୍ତଖତ ସରିଯାଇଥିଲା ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ସୂଚନା ମୁତାବକ, ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଭେଷ୍କା ଗ୍ରାମର ଗୁରୁପଦ ପାଳଙ୍କ ପୁଅ ଏହି ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ବିବାହ କରିବା ପାଇଁ ନୋଟରିରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିଥିଲେ। ନାବାଳିକା ଜଣକ +୨ ପାସ କରିଛନ୍ତି। ସେ ଅଧିକ ପଢ଼ିବାକୁ ଚାହୁଁଥିବାବେଳେ ପରିବାର ଲୋକେ ବାହା ହେବାକୁ ବାଧ୍ୟ କରିଥିଲେ। ନାବାଳିକା ୩ ଭଉଣୀଙ୍କ ମଧ୍ୟରେ ବଡ ହୋଇଥିବାରୁ ପରିବାର ଲୋକେ ଝିଅକୁ ବୋଝ ଭାବି ବିବାହ କରାଉଥିଲେ। ଅଙ୍ଗନବାଡି କର୍ମୀ ପୁଲିସକୁ ଜଣାଇବା ପରେ ତାଳଚୁଆ ମେରାଇନ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ଏହି ବିବାହ ବନ୍ଦ କରିଥିଲେ। ପୁଅର ବାପା ତାଙ୍କର ଭୁଲ ହୋଇଥିବା ନେଇ ଲିଖିତ ଭାବେ ପୁଲିସକୁ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଅଙ୍ଗଦାନ ନିଷ୍ପତ୍ତି ସର୍ବାଧିକ ଆଠଟି ଜୀବନ ବଞ୍ଚାଇ ପାରେ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ଅନେକ ଜୀବନର ସାହାରା ହୋଇପାରେ।

-ବାରାକ୍ ଓବାମା

## ଆଗକୁ ଅସମ୍ଭାଳ

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଏବେ ଭାରତର ପ୍ରାୟ ସବୁଦେଶରେ ଅନୁଭୂତ ହେଲାଣି। ଲାଗୁଛି ସତେଯେମିତି ଭାରତରେ ଯୁଦ୍ଧଜନିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଇନ୍ଧନ ବଜାରରେ ହାହାକାର ଅବସ୍ଥା। ଅନେକ ପେଟ୍ରୋଲ୍ ପମ୍ପ ବନ୍ଦ ହୋଇସାରିଥିବା ବେଳେ ଆଉ କେତେକରେ କଳାବଜାରୀ ହେଉଥିବା ଅଭିଯୋଗ ହେଉଛି। ସାମ୍ପ୍ରତିକ ପରିସ୍ଥିତିରେ ମୋଟରଯାନ ଜନଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇସାରିଥିବାରୁ ପେଟ୍ରୋଲ୍ ଡିଜେଲ୍ ବିନା ଜୀବନଯାତ୍ରା ଅଚଳ ହେବାକୁ ଯାଉଛି। ଏହାପୂର୍ବରୁ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ହ୍ରାସ ଯୋଗୁଁ ଯେଉଁଭଳି ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ଭାବେ ବଢ଼ିଯାଇଥିଲା ସମାନ ସ୍ଥିତି ଏବେ ପେଟ୍ରୋଲ୍ ଡିଜେଲ୍ ସଙ୍କଟରୁ ଜନ୍ମ ନେଇଛି। କେତେକ ପେଟ୍ରୋଲ୍ ପମ୍ପ ମାଲିକଙ୍କ କହିବା ଅନୁଯାୟୀ ଖୁବ୍‌ଶୀଘ୍ର ପେଟ୍ରୋଲ୍ ଡିଜେଲ୍ ଦର ଲିଟର ପିଛା ଅନ୍ୟୁନ ୧୫ ରୁ ୨୦ ଟଙ୍କା ବଢ଼ିବା ଏକପ୍ରକାର ନିଶ୍ଚିତ। ତେଣୁ ଏହାର ପ୍ରଭାବ ପରିବହନ ଖର୍ଚ୍ଚକୁ ମହଙ୍ଗା କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମକୁ ଆହୁରି ଉପରମୁହାଁ କରିବ। ପେଟ୍ରୋଲ୍/ଡିଜେଲ୍ ଅଭାବ ଆଳରେ ଇତିମଧ୍ୟରେ ଆମ ରାଜ୍ୟ ରାଜଧାନୀରେ ଅନ୍‌ଲାଇନ୍ କ୍ୟାବ୍ ବା ଟାକ୍ସି ଚାଳକମାନେ ଧାର୍ଯ୍ୟ ବଢ଼ା ବାଦ୍ ମାତ୍ରାଧିକ ଦେୟ ଦାବି କଲେଣି। ଯାହା ମନକୁ ଯେତେ ଆସିଲା ସେତେ ଅଧିକ ଚଢ଼ା ଦର କହୁଛନ୍ତି। ପେଟ୍ରୋଲ୍/ଡିଜେଲ୍ ବିନା ହନ୍ତସନ୍ତ ହେଉଥିବା ଗ୍ରାହକମାନେ ଏଭଳି ଚଢ଼ା ଦର ଦେବାକୁ ଏକପ୍ରକାର ବିବଶ ହେଉଥିବା ଦେଖାଯାଉଛି। ଅଭିଯୋଗ କରିବାର ମଧ୍ୟ କୌଣସି ସାଧନ ନାହିଁ।

ମୂଳ କଥା ହେଉଛି ବେଳ ହୁଁ ଯଦି କେନ୍ଦ୍ର ସରକାର ଏ ଦିଗରେ ଚେତି ଥା'ନ୍ତେ ତେବେ ଆଜି ଏପ୍ରକାର ଯୁଦ୍ଧ ଭଳି ସ୍ଥିତି ଓ ହାହାକାର ସୃଷ୍ଟି ହୋଇ ନଥା'ନ୍ତା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ବେଳେ ସଂସଦର ଅଧିବେଶନ ଚାଲିଥିବାରୁ ସବୁକିଛି ଠିକ୍‌ଠାକ୍ ଅଛି ଏବଂ ଯେକୌଣସି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଭାରତ ପ୍ରସ୍ତୁତ ବୋଲି କେନ୍ଦ୍ର ସରକାର ସଫେଇ ଦେଇଥିଲେ। କିନ୍ତୁ ସେତେବେଳୁ ହିଁ ସ୍ଥିତି ବିଗିଡ଼ିବା ଆରମ୍ଭ କରିଥିଲା, ଯାହା ଆଜିର ସଙ୍କଟକୁ ଜନ୍ମ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଉତ୍କଟ ହେବାକୁ ଯାଉଛି। କେନ୍ଦ୍ର ସରକାର ଭାବିଥିଲେ ତାଙ୍କ ହିସାବରେ ବିଶ୍ୱ ଚିତ୍ରପଟ୍ଟ ଅଙ୍କାଯିବ। ଦେଶର ଓ ଦେଶବାସୀଙ୍କର ଅର୍ଥନୀତି ତୁଳନାରେ କ୍ଷମତା ଦଖଲ ସରକାରଙ୍କ ପାଇଁ ପ୍ରଧାନ ହୋଇଗଲା। ତେଣୁ ପାଞ୍ଚରାଜ୍ୟର ବିଧାନ ସଭା ନିର୍ବାଚନରେ କିଭଳି ଜିତାପଟ ହାସଲ କରାଯାଇପାରିବ ତାହାକୁ ଅଗ୍ରାଧିକାର ଦେଇ ଦେଶର ସାମଗ୍ରିକ ସମ୍ଭାବ୍ୟ ସଙ୍କଟ ସମାଧାନକୁ କେନ୍ଦ୍ର ସରକାର ଗୌଣ କରିଦେଲେ। ଏକ ଅଦୂରଦର୍ଶୀ ସରକାରୀ ନିଷ୍ପତ୍ତିର ପରିଣାମ ଏବେ ଦେଶର ଜନତା ଭୋଗୁଛନ୍ତି।

ପୂର୍ବରୁ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ବିଶ୍ୱବ୍ୟାପୀ ତୈଳ ସଙ୍କଟ ସୃଷ୍ଟି ହୋଇଥିଲା। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରମାନଙ୍କ ଦୂରଦର୍ଶିତା ଓ ସଫଳ କୂଟନୀତି ଯୋଗୁଁ ଭାରତବାସୀଙ୍କ ଉପରେ ତୈଳସଙ୍କଟର ପ୍ରଭାବ ପଡ଼ି ନଥିଲା। ଅଧୁନା ଯଦି ଭାରତ ଆମେରିକା ପାଖରେ ବଶମ୍ବଦ ନ ହୋଇ ରୁଷ୍‌ରୁ ତୈଳ ଆମଦାନୀ ଜାରି ରଖିଥା'ନ୍ତା ତେବେ ମଧ୍ୟ ଭାରତରେ ଏଭଳି ଇନ୍ଧନ ସଙ୍କଟକୁ ବହୁ ପରିମାଣରେ ଟାଳି ଦିଆଯାଇପାରି ଥା'ନ୍ତା। କିନ୍ତୁ ଭାରତ ରୁଷ୍‌ରୁ ତୈଳ କିଣିବ କି ନାହିଁ ତାହା ଏବେ ଆମେରିକାର ଦୟା ଓ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ସର୍ବାଧିକ ଜନସଂଖ୍ୟା ଆଧାରିତ ବୃହତ୍ ବଜାର ବିଶିଷ୍ଟ ଉପମହାଦେଶ ଭାରତ ପାଇଁ ଏହାଠାରୁ ବଡ଼ ବିବଶତା ଓ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ଏବେ ପ୍ରଶ୍ନ ଉଠୁଛି ଏହି ବିବଶତା କ'ଣ ପାଇଁ? ଏହାପଛରେ ଏପିଷ୍ଟିନ୍ ଫାଇଲ୍‌ର ବ୍ଲାକ୍‌ମେଲିଂ ଧମକ ନାହିଁ ତ? କତିପୟ ପ୍ରତିପତ୍ତି ଓ ଧନାଢ୍ୟଙ୍କ ସ୍ୱାର୍ଥରକ୍ଷା ପାଇଁ ଭାରତର କୋଟି କୋଟି ଗରିବ କାହିଁକି ମୂଲ୍ୟ ଦେବେ?

ତୈଳ ସଙ୍କଟ ଉତ୍କଟ ହେବା ପରେ ପ୍ରଧାନମନ୍ତ୍ରୀ ଓ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସେମାନଙ୍କ କାରକେଡ୍‌ରେ ଗାଡ଼ି ସଂଖ୍ୟା ହ୍ରାସ କରିଥିବା ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଛି। ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯଦି ଏବେ ଏହା ସମ୍ଭବ ଆଗରୁ କାହିଁକି ଗରିବ ଜନତାଙ୍କ ଟିକସ ପଇସାରେ ସମୃଦ୍ଧ ରାଜକୋଷର ଅପଚୟରେ ଏତେ ଥାଟର ଆବଶ୍ୟକ ପଡୁଥିଲା? ପୁଣି ଯଦି ଏବେ କମ୍‌ସଂଖ୍ୟକ ଗାଡ଼ିରେ କାରକେଡ୍ ସମ୍ଭବ ତେବେ ଆଗକୁ ତାହା ବଳବତ୍ତର ରହିବ ତ? ପୁଣି ବିଦେଶଗସ୍ତକୁ ବାତିଲ୍ କରିବା ପାଇଁ ସରକାର ଆହ୍ୱାନ ଦେଇଥିବା ବେଳେ ସରକାରୀ ମୁଖ୍ୟମାନଙ୍କର ବ୍ୟୟବହୁଳ ଗସ୍ତକୁ କାଣ୍ଟଛାଣ୍ଟ କରାଯିବ ନାହିଁ କାହିଁକି? ଏହି ନୈତିକତା ବିଜଡ଼ିତ ପ୍ରସଙ୍ଗ ହୁଏତ ମଧ୍ୟପ୍ରାଚ୍ୟ ସଙ୍କଟ ଟଳିବା ସହିତ ମିଳେଇଯିବ।

ସମସ୍ୟା କେବଳଏତିକିରେ ସରୁନି। ଯଦି ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ତଳେ ବିଛାଯାଇଥିବା କେବୁଲ୍‌କୁ କାଟିଦେବ ବୋଲି ଦେଇଥିବା ଧମକକୁ ଇରାନ୍ କାର୍ଯ୍ୟକାରୀ କରେ ତେବେ ଭାରତରେ ସାମଗ୍ରିକ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ସ୍ଥାଣୁ ହୋଇପଡ଼ିବ। ଡିଜିଟାଲ୍ ଇଣ୍ଡିଆର ନାରାରେ ସମୃଦ୍ଧ ଭାରତ ଆଜି ପର୍ଯ୍ୟନ୍ତ ନିଜସ୍ୱ ଅପରେଟିଂ ସିଷ୍ଟମ୍ ଟିଏ ବିକଶିତ କରିବା ଦିଗରେ ଉଦ୍ୟମ କରିନାହିଁ। ଅପରପକ୍ଷରେ ଇରାନ୍ ଭଳି ଦେଶ ନିଜର ଅପରେଟିଂ ସିଷ୍ଟମ୍‌ରେ ଆତ୍ମନିର୍ଭରଶୀଳ। ତେଣୁ ଆଗକୁ ସ୍ଥିତି କିଭଳି ଭୟଙ୍କର ହେବାକୁ ଯାଉଛି ତାହା ଅନ୍ବେବହୁତ ଅନୁମେୟ। ଇତିମଧ୍ୟରେ କାଗଜ, କାଳି ଓ ପ୍ଲେଟ୍‌ର ଆମଦାନୀ ଓ ପରିବହନ ଖର୍ଚ୍ଚ ବଢ଼ିବା ସହିତ ଖବରକାଗଜ ମୁଦ୍ରଣ ଖର୍ଚ୍ଚ ମଧ୍ୟ ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଛି। ଖବରକାଗଜ ଦାମ ବୃଦ୍ଧି ହେଲେ ଗ୍ରାହକଙ୍କ ଦ୍ୱାରା ଅଗ୍ରାହ୍ୟ ହେବ। ଏଣୁ ଆଗାମୀ ଦିନରେ ମୁଦ୍ରଣ ଶିଳ୍ପ ଗୁରୁତର ପରିଚାଳନା ଓ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି।

ଆମ ଓଡ଼ିଆରେ ଦୁଇଟି ପ୍ରବାଦ ଅଛି। ପ୍ରଥମଟି ହେଉଛି 'ବୁଝି ବିଚାରି କାମ କଲେ ପ୍ରମାଦ ନ ପଡ଼ଇ ଭଲେ'। ଦ୍ୱିତୀୟଟି ହେଉଛି 'ଆପେ ବଞ୍ଚିଲେ ବାପାର ନାଁ।' ଏହି ଦୁଇଟି ଯାକ ପ୍ରବାଦ ଭାରତର ଶାସନ ଓ କ୍ଷମତା କେନ୍ଦ୍ର ପ୍ରତି ପ୍ରଯୁଜ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ମୂଳ ପ୍ରଶ୍ନ ଅସମାହିତ ହୋଇରହିଛି - ଆଗକୁ ଯେଉଁ ଅସମ୍ଭାଳ ସ୍ଥିତି ସୃଷ୍ଟି ହେବାକୁ ଯାଉଛି ତାହାର ମୁକାବିଲା କରିବ କିଏ ଓ କେମିତି? ବୋଧହୁଏ ଭାରତବାସୀଙ୍କ ପାଇଁ ଭାଗ୍ୟ ଓ ଭଗବାନ ହିଁ ଭରସା।

## ମୋ ସ୍ୱପ୍ନର ଓଡ଼ିଶା

# ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ ଅଭିଯାନ

ପ୍ରଶାନ୍ତ ନନ୍ଦ

*ପୂର୍ବପ୍ରକାଶିତ ଉତ୍ତାରୁ...*

**ଓଡ଼ିଆ ଚଳଚ୍ଚିତ୍ରର ବିକାଶ:**

ଭାରତୀୟ ଚଳଚ୍ଚିତ୍ର ଜଗତରେ ବର୍ତ୍ତମାନ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଦଶନ୍ଧି ଦଶନ୍ଧି ଧରି ବଲିଉଡ୍ ବା ହିନ୍ଦୀ ସିନେମାର ଯେଉଁ ଏକଚାଟିଆ ପ୍ରଭାବ ଥିଲା, ତାହାକୁ ଏବେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର (ତେଲୁଗୁ, ତାମିଲ୍, କନ୍ନଡ଼ ଓ ମାଲାୟାଲମ୍) ନିଜର ଭବ୍ୟତା ଓ ମୌଳିକ କାହାଣୀ ବଳରେ କଡ଼ା ଟକ୍କର ଦେଉଛନ୍ତି। ଏଭଳି ଏକ ସମୟରେ, ୧୯୩୬ ମସିହାରେ 'ସୀତା ବିବାହ' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିବା ଆମ ଗୌରବମୟ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବା 'ଓଲିଉଡ୍' ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଆସି ପହଞ୍ଚିଛି। ନିଜର ସୀମିତ ବଜେଟ୍ ଏବଂ ଭିତ୍ତିଭୂମିର ସୀମାକୁ ଅତିକ୍ରମ କରି ଓଡ଼ିଆ ସିନେମା କିପରି ପ୍ରଯୋଜନା ଓ ପ୍ରଦର୍ଶନ(ପ୍ରଡକ୍ସନ୍ ଆଣ୍ଡ ଏକ୍‌ଜିବିସନ୍) କ୍ଷେତ୍ରରେ ବଲିଉଡ୍ ଓ ଦକ୍ଷିଣ ଭାରତୀୟ ସିନେମା ସହ ସମକକ୍ଷ ହେବାକୁ ଚେଷ୍ଟା କରୁଛି, ତାହା ବାସ୍ତବରେ ଚର୍ଚ୍ଚାର ବିଷୟ।

**ପ୍ରଯୋଜନାରେ ନବଯୁଗ: ବୃହତ କ୍ୟାନଭାସର ପରିକଳ୍ପନା:**

ଦକ୍ଷିଣ ଭାରତର 'ବାହୁବଳୀ', 'କେଜିଏଫ୍' କିମ୍ବା ଆରଆରଆର ଭଳି ଚଳଚ୍ଚିତ୍ର ପ୍ରମାଣ କରିଦେଇଛନ୍ତି ଯେ ସ୍ଥାନୀୟ ମାଟିର କାହାଣୀକୁ ଯଦି ବିଶ୍ୱସ୍ତରୀୟ ବୈଷୟିକ ଜ୍ଞାନକୌଶଳ ସହ ପ୍ରସ୍ତୁତ କରାଯାଏ, ତେବେ ତାହା ବିଶ୍ୱଦରବାରରେ ଆଦୃତ ହୋଇପାରିବ। ଓଡ଼ିଆ ସିନେମା ମଧ୍ୟ ଏବେ ସେହି ରାସ୍ତାରେ ଚାଲିବା ଆରମ୍ଭ କରିଛି।

- **କପି କାହାଣୀରୁ ମୌଳିକତା ଆଡ଼କୁ:** ବିଗତ ବର୍ଷଗୁଡ଼ିକରେ ଓଲିଉଡ୍ ଅନ୍ୟ ଆଞ୍ଚଳିକ ଫିଲ୍ମର କପି ବା ରିମେକ୍ କରି ନିଜର ସ୍ୱତନ୍ତ୍ରତା ହରାଇ ବସିଥିଲା। କିନ୍ତୁ ବର୍ତ୍ତମାନର ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ଓଡ଼ିଶାର ମାଟି, ସଂସ୍କୃତି ଓ ବାସ୍ତବ ଘଟଣାକୁ ନେଇ ସିନେମା ତିଆରି କରୁଛନ୍ତି। 'ଦମନ' ଓ 'ପ୍ରତୀକ୍ଷା' ଭଳି ଚଳଚ୍ଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ, ଯାହା ସୀମିତ ବଜେଟ୍ ସତ୍ତ୍ୱେ ଜାତୀୟସ୍ତରରେ ପ୍ରଶଂସା ସାଉଁଟିଛି।




- **ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ:** ବର୍ତ୍ତମାନ ଓଡ଼ିଆ ସିନେମାରେ ହାଇଡେଫିନିସନ୍ କ୍ୟାମେରା, ସିଙ୍କ୍-ସାଉଣ୍ଡ ଓ ଉନ୍ନତ ଭିଜୁଆଲ୍ ଇଫେକ୍ଟସ୍ (ଭିଏଫ୍‌ଏକ୍ସ) ର ବ୍ୟବହାର ବଢ଼ିବାରେ ଲାଗିଛି। ଫଳରେ ଓଡ଼ିଆ ସିନେମାର ଦୃଶ୍ୟ ଓ ଶବ୍ଦର ଗୁଣବତ୍ତା ଏବେ ବଲିଉଡ୍ ସହ ସମାନ ହେବାକୁ ବେଶୀ ସମୟ ଲାଗିବ ନାହିଁ।
- **କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର:** ରାଜ୍ୟ ସରକାରଙ୍କ ଦ୍ୱାରା ଐତିହାସିକ କଳିଙ୍ଗ ଷ୍ଟୁଡିଓର ବିଶ୍ୱସ୍ତରୀୟ ଆଧୁନିକୀକରଣ ଓଲିଓଡ୍ ପାଇଁ ଏକ ବରଦାନ ସଦୃଶ। ଏଠାରେ ଅତ୍ୟାଧୁନିକ ସୁଟିଂ ଓ ପୋଷ୍ଟ ପ୍ରଡକ୍ସନ୍ ବ୍ୟବସ୍ଥା ଉପଲବ୍ଧ ହେବା ଏକାନ୍ତ ଆବଶ୍ୟକ।

**ପ୍ରଦର୍ଶନ କ୍ଷେତ୍ରରେ ପରିବର୍ତ୍ତନ: ସିନେମା ହଲର ସଙ୍କଟ ଓ ସମାଧାନ:**

ସୁନ୍ଦର ସିନେମାଟିଏ ତିଆରି କଲେ ହେବ ନାହିଁ, ତାହାକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପଯୁକ୍ତ ପ୍ରଦର୍ଶନ ବ୍ୟବସ୍ଥା ବା ସିନେମା ହଲର ଆବଶ୍ୟକତା ରହିଛି। ଓଡ଼ିଶାରେ ସିଙ୍ଗଲ୍ ସ୍କ୍ରିନ୍ ହଲ୍‌ଗୁଡ଼ିକ ବନ୍ଦ ହେଇଯିବା ଫଳରେ ଓଡ଼ିଆ ସିନେମା ବହୁତ କ୍ଷତି ସହିଥିଲା। କିନ୍ତୁ ବର୍ତ୍ତମାନ ଏହି ଚିତ୍ର ବଦଳିବାକୁ ଯାଉଛି।

- **ମଲ୍ଟିପ୍ଲେକ୍ସର ସମ୍ପ୍ରସାରଣ:** ପିଭିଆର, ଆଇନକ୍ସ ଓ ସିନେପୋଲିସ୍ ଭଳି ବଡ଼ ବଡ଼ ଜାତୀୟ ବ୍ରାଣ୍ଡଗୁଡ଼ିକ ଏବେ ଭୁବନେଶ୍ୱର, କଟକ ସମେତ ରାଉରକେଲା ଓ ସମ୍ବଲପୁର ଭଳି ସହରରେ ନିଜର ଶାଖା ବିସ୍ତାର କରିଛନ୍ତି। ଏହାଦ୍ୱାରା ଓଡ଼ିଆ ସିନେମାଗୁଡ଼ିକୁ ମଧ୍ୟ ସେହି ସମାନ ପ୍ରକାରର ଉଚ୍ଚମାନର ପରଦା ଓ ସାଉଣ୍ଡ ସିଷ୍ଟମ୍‌ରେ ଦେଖିବାକୁ ସୁଯୋଗ ମିଳୁଛି, ଯାହା ଦର୍ଶକଙ୍କୁ ହଲ୍‌ମୁହାଁ କରୁଛି।
- **ଛୋଟ ସହରରେ ସିନେମା ହଲର ଆବଶ୍ୟକତା:** ବଲିଉଡ୍ କିମ୍ବା ସାଉଥ୍ ଫିଲ୍ମ ଭଳି ବ୍ୟାପକ ବ୍ୟବସାୟ କରିବାକୁ ହେଲେ ଓଡ଼ିଶାର ଗ୍ରାମାଞ୍ଚଳ ଓ ଛୋଟ ସହରରେ ସିନେମା ହଲ୍‌ର ପୁନରୁଦ୍ଧାର ଜରୁରୀ। ସରକାର ଓ ବେସରକାରୀ ସଂସ୍ଥା ମିଳିତ ଭାବେ କମ୍ ଖର୍ଚ୍ଚରେ 'ମିନିପ୍ଲେକ୍ସ' ଖୋଲିବା ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି।
- **ସର୍ବଭାରତୀୟ ସ୍ତରରେ ରିଲିଜ୍:** ସାଉଥ୍ ଫିଲ୍ମର ରଣନୀତିକୁ ଆପଣାଇ ଏବେ ଅନେକ ଓଡ଼ିଆ ଚଳଚ୍ଚିତ୍ର ଓଡ଼ିଶା ବାହାରେ ଥିବା ପ୍ରମୁଖ ସହର ଯେପରିକି ବାଙ୍ଗାଲୋର, ହାଇଦ୍ରାବାଦ୍, ଦିଲ୍ଲୀ ଓ ମୁମ୍ବାଇରେ ରିଲିଜ୍ କରାଯାଉଛି। ଏହା ପ୍ରବାସୀ ଓଡ଼ିଆଙ୍କୁ ନିଜ ମାଟିର ଚଳଚ୍ଚିତ୍ର ସହ ଯୋଡ଼ିବା ସହ ଫିଲ୍ମର ଆୟକୁ ବୃଦ୍ଧି କରିବ, ଯାହା ଏକାନ୍ତ ଜରୁରୀ।

**ଓଟିଟିର ଭୂମିକା: ଏକ ନୂତନ ଦିଗନ୍ତ**

ସାମ୍ପ୍ରତିକ ସମୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବା ଓଟିଟି ସିନେମାର ବ୍ୟାପ୍ତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ବଲିଉଡ୍ ଓ ସାଉଥ୍ ଫିଲ୍ମ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ବିଶ୍ୱବ୍ୟାପୀ ଦର୍ଶକ ପାଇଛନ୍ତି। ବିଭିନ୍ନ ସ୍ଥାନୀୟ ଓ ଜାତୀୟ ଓଟିଟି ପ୍ଲାଟ୍‌ଫର୍ମ ମାଧ୍ୟମରେ ଓଡ଼ିଆ ସିନେମା ବିନା କୌଣସି ହଲ୍ ସଙ୍କଟରେ ବିଶ୍ୱର ଯେକୌଣସି କୋଣରେ ଥିବା ଦର୍ଶକଙ୍କ ପାଖରେ ପହଞ୍ଚିପାରେ। ଏହା ପ୍ରଯୋଜକମାନଙ୍କୁ ଆର୍ଥିକ ସୁରକ୍ଷା ମଧ୍ୟ ପ୍ରଦାନ କରିବ।

**ସରକାରୀ ସହାୟତା ଓ ଭବିଷ୍ୟତ ଆଶା:**

ଓଲିଉଡ୍‌କୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ମଧ୍ୟ ଜରୁରୀ। ଓଡ଼ିଶା ସରକାରଙ୍କ ନୂତନ ଚଳଚ୍ଚିତ୍ର ନୀତି, ଚଳଚ୍ଚିତ୍ର ନିର୍ମାଣ ପାଇଁ ରିହାତି ପ୍ରଦାନ, ଟିକେଟ୍ ମୂଲ୍ୟ କମ୍ ରଖିବା ପାଇଁ ଉଦ୍ୟମ ଏବଂ ନିୟମିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଆଦି ବ୍ୟବସ୍ଥା ଓଡ଼ିଆ ସିନେମାର ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ଆଶା। ଏଣିକି ଓଡ଼ିଆ ସିନେମା ଆଉ କେବଳ ଏକ ଆଞ୍ଚଳିକ ଗଣ୍ଡି ଭିତରେ ସୀମିତ ହୋଇରହିବାକୁ ଚାହେଁ ନାହିଁ। ପ୍ରଯୋଜନା କ୍ଷେତ୍ରରେ ମୌଳିକ କାହାଣୀ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣ ଏବଂ ପ୍ରଦର୍ଶନ କ୍ଷେତ୍ରରେ ଡିଜିଟାଲ୍ ଓ ମଲ୍ଟିପ୍ଲେକ୍ସର ସଠିକ୍ ଉପଯୋଗ ଓଲିଉଡ୍‌କୁ ଏକ ନୂଆ ପରିଚୟ ଦେଇପାରେ। ଯଦି ଏହି ଧାରା ଜାରି ରହେ, ତେବେ ସେହି ଦିନ ଆଉ ବେଶି ଦୂର ନୁହେଁ ଯେତେବେଳେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ମଧ୍ୟ ବଲିଉଡ୍ କିମ୍ବା ଦକ୍ଷିଣ ଭାରତୀୟ ସିନେମା ଭଳି ସମଗ୍ର ଦେଶର ବକ୍ସ ଅଫିସ୍‌ରେ ନିଜର ସ୍ଥାନ ନିରୂପଣ କରିବ।(ସମାପ୍ତ)

ବନ୍ଦେ ଉତ୍କଳ ଜନନୀ!

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

# ଆମ ସମାଜରେ ନାରୀର ସ୍ଥିତି ଓ ସମ୍ମାନ

ଜଗନ୍ନାଥ ବେହେରା

ନାରୀଟିଏ ସବୁଠି ହଇରାଣ ହେବାକୁ ପଡ଼େ। ଜନ୍ମରୁ ବାପା ଘରେ କଟକଣା। ବିବାହ ପରେ ମଧ୍ୟ ସେହି କଟକଣା। ବିବାହ ପୂର୍ବରୁ ବାପା ନାମରେ ବିବାହ ପରେ ସ୍ୱାମୀ ନାମରେ ନାମକରଣ। ଏଠି ସେଠି ସବୁଠି ସ୍ୱାଧୀନ ଉପରେ ଅଙ୍କୁଶ। ବାସ୍ତବରେ ନାରୀଙ୍କୁ ଏ ତଥାକଥିତ ଭଦ୍ର ସମାଜ ଅତୀତରୁ ଘରଜଗୁଆ କରି ରଖି ଦେଇଛି। ସତୀ ଦାହ ପ୍ରଥା ନାମରେ ଏକ କଳଙ୍କିତ ପ୍ରଥା ପରମ୍ପରା ଓ ସଂସ୍କାର ଦ୍ୱାରା ନାରୀଙ୍କୁ ଜଳନ୍ତା ନିଆଁରେ ଦାହ କରିବାକୁ ବାଧ କରୁଥିଲା ଆମ ସମାଜର ଭଦ୍ରମୁଖା ପଣ୍ଡିତସମାଜ। ପୁରୁଷକୁ ଦ୍ୱିତୀୟ ବିବାହ ପ୍ରଥାକୁ ସୀକୃତି ଦେଇଥିବା ବେଳେ ନାରୀ ପାଇଁ ମନା। ଗର୍ଭବତୀ ନାରୀକୁ ନଦୀ ଡେଇଁବା ମନା କହି ଘରର ଚାରିକାନ୍ଥ ମଧ୍ୟରେ ବନ୍ଦୀ କରି ଦେଇଥିଲେ। ଲକ୍ଷ୍ମଣ ତିନି ଗାର ଟାଣି ମାତା ସୀତାଙ୍କୁ ବନ୍ଦୀ କରିବାର ପ୍ରୟାସ ଆଜି ବି ଏ ସମାଜରେ ଚାଲିଛି। ଓଢ଼ଣା ପ୍ରଥା ନାଁ ରେ ଆଜିଯାଏଁ ବିଭିନ୍ନ ଧର୍ମରେ ନାରୀଙ୍କୁ ପ୍ରବଳ ଖରା ସତ୍ତ୍ୱେ କପଡ଼ା ତଳେ ରହିବାକୁ ବାଧ କରାଯାଉଛି।

ପାଞ୍ଚପତି ସଙ୍ଗରେ ବିବାହ କରାଇ ଦ୍ରୌପଦୀଙ୍କ ମନ ଆଉ ଇଚ୍ଛା ଶକ୍ତିକୁ ମନରେ କବର ଦେବାକୁ ବାଧ କଲେ ମହାଭାରତର ମହାପଣ୍ଡିତମାନେ। ନାରୀଙ୍କୁ ଖେଳନା କରି ତାଙ୍କ ବିରୁଦ୍ଧରେ ଶାସ୍ତ୍ର ପୁରାଣ, ଆଇନ ଆଣି ଘର ମଧ୍ୟରେ ରଖିବାର ପ୍ରୟାସ ଆଜି ମଧ୍ୟ ଚାଲିଛି। ନାରୀର ଚାଲିରେ ଦୋଷ ଖୋଜା ଯାଉଛି। ହସିଲେ କୁହାଯାଉଛି ହସୁରି। କଥା କହିଲେ ଗପୁରି ଆଖ୍ୟା ଦିଆଯାଉଛି। ଉପରମୁହାଁ ପଦବାଚ୍ୟରେ ନାମିତ କରାଯାଉଛି। ନଖରେ ଦୋଷ, ଆଖିରେ ଦୋଷ। ମୁଣ୍ଡ ଚୁଟିରେ ମଧ୍ୟ ଦୋଷ। କୁଞ୍ଚୁକୁଞ୍ଚିଆ ଆଉ ସିଧା ଚୁଟି ମଧ୍ୟରେ ଭାଗ୍ୟ ଭଗବାନଙ୍କୁ ଆଣି ଭବିଷ୍ୟତ ଗଣନା କରିବାରେ ସିଦ୍ଧହସ୍ତ ଏହି ଭଦ୍ରସମାଜର ମଣିଷ। ଆହାର ଓ ନିଦ୍ରାକୁ କମାଇ ଦିଆ ଯାଇଛି। କାରଣ ମୋଟା ହୋଇଯିବ। ଅଳସୁଆ ହୋଇଯିବ। କେବଳ ଦୋଷ, ଦୁର୍ବଳତା ଖୋଜିବାରେ ବ୍ୟସ୍ତ ଏ ପୁରୁଷ ସମାଜ।



ବିଚିତ୍ର ମାନସିକତାରେ ଭରା ଏ ସମାଜ। ଅଶୌଚ ନାମରେ ନିର୍ଯାତନା। ପୂଜାପର୍ବର କବାଟ ବନ୍ଦ କରି ଦିଆଯାଉଛି। ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ କରାଯାଉଛି। ବାକ୍ ସ୍ୱାଧୀନତା ହରଣ କରାଯାଇଛି। ଘରର ଯାବତୀୟ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଉଛି। ଖଳାରେ ଗୋଛାଏ ବଳଦକୁ ବାନ୍ଧି ବେଙ୍ଗଳା କରି ଧାନ ମଞ୍ଚିଲା ପରି ଘରର ଏକ ନୀତିନିୟମ ଖୁଣ୍ଟରେ ବାନ୍ଧି ଚବିଶି ଘଣ୍ଟା ନାରୀଙ୍କ ହାତରେ କାମ କରାଇ ଦେଇଛନ୍ତି। ଘର ଲିପାପୋଛା, ବାସନମଜା, ଲୁଗାସଫା, ପରିବା କଟା, ବିଛଣା ବିଛା, ଅଳନ୍ଧୁ ଝଡ଼ା, ଝାଡୁ ମରା, ରୋଷେଇ, ବଢ଼ାବଢ଼ି, ଗୋଡ଼ ଘଷାଘଷି କାମରେ ନିୟୋଜିତ କରିଛନ୍ତି। ଲୁଣ କମିଲେ ଗାଳି ଅଧିକ ହେଲେ ଗାଳି।

ଏ ସମାଜ ନାରୀକୁ ଯୌତୁକ ନାଁ ରେ ଜୁଇରେ ଶୋଇବାକୁ ବାଧ କରିଛି। କାଳୀ-ଗୋରୀ, ଡେଙ୍ଗୀ-ଗେଡ଼ି ଆଦି ଭେଦରେ ନାରୀକୁ ଉପହାସ କରିଛି। ଶାରୀରିକ ଆଉ ମାନସିକ ସ୍ତରରେ ନିର୍ଯାତନା ଦେଇଛି। ଆବଶ୍ୟକ ସ୍ଥଳେ ତାଙ୍କର ବାପା, ମା', ଭାଇ,ଭଉଣୀ ନାଁରେ ବିଭିନ୍ନ ଖରାପ ଶବ୍ଦ ପ୍ରୟୋଗ କରିଛି। ପ୍ରତ୍ୟେକ କଥାରେ ଆଡ଼ ଆକଟ କରିଛି। ସକାଳୁ ଉଠିବାଠାରୁ ଶୋଇବା ଯାଏଁ ବିଭିନ୍ନ ଆଦେଶ ଉପଦେଶ ଦେଇ ଚାଲିଛି। ବାପାର ଆଦେଶ, ପୁଅର ଦାବି, ଝିଅର ଅଳି ସାଙ୍ଗକୁ ଶାଶୂଶଶୁରଙ୍କ କଟୁ ମନ୍ତବ୍ୟର ଶିକାର ହୋଇଛି ନାରୀ।

ଅପରପକ୍ଷରେ ନାରୀକୁ ଅର୍ଦ୍ଧାଙ୍ଗିନୀ କହିଦେଇ ଏ ପୁରୁଷ ସମାଜ ସବୁ ଦୋଷ ଓ ପାପ ଧୋଇ ଦେଇଛି। ମନୁସ୍ମୃତିରେ କୁହାଯାଇଛି - ସେହି ହିରଣ୍ୟଗର୍ଭ ନିଜ ଦେହକୁ ଦୁଇ ଖଣ୍ଡ କରି ଗୋଟିଏ ନାରୀ ଅନ୍ୟଟି ପୁରୁଷ ରୂପରେ ଗଢ଼ିଲେ। ନାରୀ ପୁରୁଷକୁ ସମାନ ଅଧିକାର ଦେଲେ। ଦେବୀଦେବତାର ସ୍ଥାନ ଦେଲେ। ଆକାଶ ପୃଥିବୀ କରି ରଖିଲେ। କିନ୍ତୁ ଆଜି କେବଳ କଥାରେ କଥାରେ ନାରୀଙ୍କୁ ଲକ୍ଷ୍ମୀ, ସରସ୍ୱତୀ, ଜଗଦମ୍ବା ସମ୍ବୋଧନ କରାଯାଉଛି। ବାସ୍ତବ ଚିତ୍ର ଅଲଗା। ସାହିତ୍ୟିକମାନେ ତ ନାରୀର ଚାଲିକୁ ରାଜହଂସୀ, ବୋଲିକୁ କୋଇଲି, ଆଖିକୁ ମୀନନୟନା, ଚାହାଣୀକୁ ହରିଣୀ, ଶରୀରକୁ ଓଲଟା କଦଳୀ ଗଛ ସହିତ ତୁଳନା କରିଛନ୍ତି। ସାହିତ୍ୟରେ ଏ ସମାଜ କେବଳ ନାରୀର ମାନ ଓ ସମ୍ମାନ ବଢ଼ାଇଛି। ଝିଅକୁ କନ୍ୟାରତ୍ନ ବୋଲି ଆମେ କହୁ। ନାରୀକୁ ଉଚ୍ଚ ଆସନ ଦେଉ। କିନ୍ତୁ କାମ ବେଳେ ସବୁ ପାଣିରେ ଗାର। ନାରୀଙ୍କୁ ଘର ଜଗୁଆ କରି ରଖିଦେଉ।

ସର୍ବୋପରି ସେ ମାଆ। ଏବେ ପୁରୁଷମାନେ ନିଜେ ନିଜକୁ ପ୍ରଶ୍ନ କରନ୍ତୁ - ମୋ ମାଆର ସମ୍ମାନ କ'ଣ ଏହା? ରୋଗରେ ପଡ଼ି ମୋତେ କ୍ଷୀର ପିଆଇଛି। ଗୋଟିଏ ସନ୍ତାନକୁ ଗର୍ଭରେ ଧରି ଅନ୍ୟ ସନ୍ତାନର ଦୈନନ୍ଦିନ କାର୍ଯ୍ୟ କରିଛି। ରାନ୍ଧି ବାଢ଼ି ସମସ୍ତଙ୍କୁ ଖୁଆଇଛି। କେବେ ପ୍ରତିକାର କିମ୍ବା ପ୍ରତିବାଦ କରିନାହିଁ କି ନିଜ ଦୁଃଖ କାହାକୁ କହିନାହିଁ। ସର୍ବଂସହା ଧରଣୀ ପରି ସବୁ ସହି ନେଇଛି। ସମ୍ଭବତଃ ନାରୀ ଓ ପୁରୁଷ ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ କାର୍ଯ୍ୟରେ ସମପରିମାଣରେ ଅଂଶଗ୍ରହଣ କଲେ ସମାଜର ପ୍ରଗତି ସମ୍ଭବ। ଆଜି ସେ କେବଳ ମୋ ମାଆ ନୁହଁ, ବରଂ ଆମ ସମସ୍ତଙ୍କର ମାଆ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ଆଫ୍ରିକାରେ ପୂଜନୀୟ ପ୍ରାର୍ଥନା କୀଟ

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କୀଟପତଙ୍ଗ ଶ୍ରେଣୀ ଅନ୍ତର୍ଗତ ଏମିତି ଏକ ପ୍ରଜାତିର କୀଟ ଅଛି, ଯାହାକୁ 'ପ୍ରାର୍ଥନା କୀଟ' ବା 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ବୋଲି କୁହାଯାଏ। କାରଣ ଏହାର ଶାରୀରିକ ଗଠନ ପ୍ରାର୍ଥନା ମୁଦ୍ରା ଭଳି ହୋଇଥାଏ। ଉଭୟ ଭାରତୀୟ ଏବଂ ବିଦେଶୀୟ ସଂସ୍କୃତିରେ ଏହି କୀଟ ପୂଜାସ୍ପଦ। କିନ୍ତୁ ଆଫ୍ରିକାର ଏକ ଜନଜାତି ଏହାକୁ ଦେବତୁଲ୍ୟ ମନେକରି ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି।

ସବୁଜ ରଙ୍ଗ ବିଶିଷ୍ଟ 'ପ୍ରାର୍ଥନା କୀଟ'ର ଆଗ ଦୁଇଟି ଗୋଡ଼ ଯୋଡ଼ହସ୍ତ ମୁଦ୍ରା ଭଳି ରହିଥାଏ। ଜୀବବିଜ୍ଞାନୀଙ୍କ ମତରେ 'ପ୍ରେୟିଙ୍ଗ୍ ମୋଣ୍ଟିସ୍' ଏକ ଦକ୍ଷ ଶିକାରୀ କୀଟ ଏବଂ ସେ ଶିକାରକୁ ଶୀଘ୍ର ଧରିବା ପାଇଁ ତାହାର ଆଗ ଗୋଡ଼ ଦୁଇଟିକୁ ସବୁବେଳେ ପ୍ରସ୍ତୁତ କରି ରଖିଥାଏ। ତେଣୁ ମୁଖ୍ୟତଃ ଏହି କୀଟ ଶସ୍ୟକ୍ଷେତ, ଧାନଗଦା ଓ ଜଙ୍ଗଲିଆ ବୁଦାରେ ଦେଖାଯାଏ। ଶସ୍ୟରେ ଲାଗୁଥିବା ପୋକକୁ ମାରି ଖାଉଥିବାରୁ ଏହି କୀଟ 'ପ୍ରାକୃତିକ କୀଟନାଶକ' ଭାବେ ପରିଚିତ। ଖାଦ୍ୟ ଭଣ୍ଡାରର ସୁରକ୍ଷା କରୁଥିବାରୁ ଭାରତର କେତେକ ଗ୍ରାମୀଣ ଅଞ୍ଚଳରେ ସ୍ଥାନରେ ଏହାକୁ 'ଭଣ୍ଡାରୀ ପୋକ' ମଧ୍ୟ କୁହାଯାଏ।

ପରମ୍ପରା ଓ ସଂସ୍କୃତି ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାର ମୂଳ ନିବାସୀ 'ସାନ୍' ଓ 'ଖୋଇ' ନାମକ ସମ୍ପ୍ରଦାୟ 'ପ୍ରାର୍ଥନା କୀଟ'କୁ ପୂର୍ବଜମାନଙ୍କର ଦୂତ, ଈଶ୍ୱରୀୟ ସ୍ୱରୂପ ଏବଂ ଏକ ପବିତ୍ର ଜୀବସତ୍ତା ଭାବେ ପୂଜାର୍ଚ୍ଚନା କରନ୍ତି। ପ୍ରାର୍ଥନା ମୁଦ୍ରା ଭଳି ଶାରୀରିକ ଗଠନ ଯୋଗୁଁ ଆଫ୍ରିକାର ସ୍ଥାନୀୟ ଭାଷାରେ ଏହାକୁ 'ହୋଟିଟୋଣ୍ଟସ୍‌ଗୋଟ୍' ବୋଲି କୁହାଯାଏ, ଯାହାର ଅର୍ଥ ହେଉଛି 'ବୁଶ୍‌ମେନ୍‌ର ଭଗବାନ' ବା 'ଆଧ୍ୟାତ୍ମିକ ମାର୍ଗଦର୍ଶକ'। କାରଣ ସାନ୍ ବା ବୁଶ୍‌ମେନ୍ ସମୁଦାୟ ଏହି କୀଟକୁ ସର୍ବୋଚ୍ଚ ଈଶ୍ୱର 'କାଗେନ୍'ର ସାକ୍ଷାତ ସ୍ୱରୂପ ବୋଲି ମାନ୍ୟତା ଦେଇଥା'ନ୍ତି। ଏହି କୀଟ ପୃଥିବୀକୁ ଶବ୍ଦ ଓ ଅଗ୍ନି ନେଇ ଆସିଛି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତେଣୁ ଏହି କୀଟକୁ ଦେଖିବା ମାତ୍ରେ ସମସ୍ତେ ଆଣ୍ଠୁମାଡ଼ି ବସି ଭକ୍ତି ସହକାରେ ପ୍ରଣାମ କରିବା ସହିତ ସ୍ଥାନୀୟ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥା'ନ୍ତି। ଆଉ କେତେକ ସ୍ଥଳରେ ପାରମ୍ପରିକ ବାଦ୍ୟ ସହିତ ନାଚଗୀତର ଆୟୋଜନ ମଧ୍ୟ ହୋଇଥାଏ। ଯଦି ଏହି କୀଟ କାହାର ଶରୀର ଉପରେ ବସେ, ତେବେ ତାଙ୍କୁ ସାକ୍ଷାତ ଈଶ୍ୱରଙ୍କ ଆଶୀର୍ବାଦ ମିଳିଲା ବୋଲି କୁହାଯାଏ। ଆଉ କେତେକ ଜନସମୁଦାୟଙ୍କ ମତରେ ଏହି କୀଟ ସୌଭାଗ୍ୟର ପ୍ରତୀକ ଏବଂ ପୂର୍ବପୁରୁଷଙ୍କ ଆତ୍ମାର ପ୍ରତିନିଧିତ୍ୱ କରିଥାଏ। ତେଣୁ ଦେବଦୂତ ବା ଦୈବୀ ସନ୍ଦେଶବାହକ ଭାବେ ଏହି କୀଟ ଘରକୁ ଆସିଲେ ପୂର୍ବଜଙ୍କ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

'ପ୍ରାର୍ଥନା କୀଟ'କୁ ନେଇ ଅନେକ ଲୋକକଥା ଓ ପୌରାଣିକ ଆଖ୍ୟାୟିକା ମଧ୍ୟ ପ୍ରଚଳିତ। କେତେକ ସ୍ଥାନରେ ଏହି କୀଟକୁ ପ୍ରଚଣ୍ଡ ଦୈବୀଶକ୍ତିର ଅଧିକାରୀ ବୋଲି ବିବେଚନା କରାଯାଏ। ତେଣୁ ଉଭୟ ଭୟ ଓ ସମ୍ମାନ ଦୃଷ୍ଟିରୁ ଲୋକମାନେ ଏହାଠାରୁ ଦୂରେଇ ରହିଥା'ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତା ରଖି ପ୍ରଣାମ କରନ୍ତି। ବୌଦ୍ଧ ଧର୍ମରେ ଏହି କୀଟକୁ ଧୈର୍ଯ୍ୟ ଓ ଦୃଢ଼ତାର ପ୍ରତୀକ ଭାବେ ମାନ୍ୟତା ମିଳିଛି।

କେବଳ ଯେ ଆଧ୍ୟାତ୍ମିକ, ପାରମ୍ପରିକ ଓ ସାଂସ୍କୃତିକ କ୍ଷେତ୍ରରେ 'ପ୍ରାର୍ଥନା କୀଟ'ର ମହତ୍ତ୍ୱ ରହିଛି, ତା' ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ଦୃଷ୍ଟିରୁ ଏହି କୀଟର ପ୍ରାଧାନ୍ୟ ରହିଛି। ଏହି କୀଟର ଶାରୀରିକ ଗଠନ ଏବଂ ଶିକାର କରିବା ପାଇଁ ଏକାଗ୍ରତା ଓ ଧୈର୍ଯ୍ୟ ଯୋଗୁଁ ବିଶ୍ୱର ଅନେକ ଦେଶରେ ଏହାକୁ ଈଶ୍ୱର ଉପଲବ୍ଧିର ମାର୍ଗ ଅନୁସରଣକାରୀ ବୋଲି ମାନ୍ୟତା ଦିଆଯାଇଛି। କାରଣ ପ୍ରାର୍ଥନା, ଏକାଗ୍ରତା ଓ ଧୈର୍ଯ୍ୟ ହେଉଛି ଈଶ୍ୱର ଉପଲବ୍ଧିର ଶ୍ରେଷ୍ଠ ସାଧନ। ଏତଦ୍‌ବ୍ୟତୀତ 'ପ୍ରାର୍ଥନା କୀଟ'କୁ ଶାନ୍ତିର ପ୍ରତୀକ ବୋଲି କେତେକ ଅଞ୍ଚଳରେ ମାନ୍ୟତା ରହିଛି। ଫ୍ରାନ୍ସର ଗୋଟିଏ ଲୋକକଥା ଅନୁସାରେ 'ପ୍ରାର୍ଥନା କୀଟ'ମାନେ ଅଦ୍ଭୁତ ଅନ୍ତର୍ଜ୍ଞାନ ଓ ଭବିଷ୍ୟ ଜ୍ଞାନର ଅଧିକାରୀ। ତେଣୁ ଘରର ରାସ୍ତା ଭୁଲିଯାଇଥିବା ଶିଶୁମାନେ 'ପ୍ରାର୍ଥନା କୀଟ'କୁ ସ୍ମରଣ କଲେ ଘରର ରାସ୍ତା ମିଳିଯାଇଥାଏ ବୋଲି କୁହାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୪ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

କଟକ,୧୪।୫(ସମିସ): ୪ଜଣ ବିଚାର ବିଭାଗ ଅଧିକାରୀଙ୍କୁ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ହାଇକୋର୍ଟ ରେଜିଷ୍ଟ୍ରାର୍ (ପ୍ରଶାସନ)ଙ୍କ ପକ୍ଷରୁ ଏହି ବଦଳି ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପକ କୁମାରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଏବଂ ଦୌରାଜଜ୍ ଭାବେ ନିଯୁକ୍ତି ଦିଆଯାଇଛି। ଗିରିଜା ପ୍ରସାଦ ମହାପାତ୍ରଙ୍କୁ ସୋନପୁରର ନୂତନ ଜିଲ୍ଲା ଏବଂ ଦୌରାଜଜ୍, ହରପ୍ରସାଦ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡିର ଅତିରିକ୍ତ ଜିଲ୍ଲା ଜଜ୍ ,ବିଭୁ ପ୍ରସାଦ ପଣ୍ଡାଙ୍କୁ ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଜଜ୍ ଭାବେ ବଦଳି କରାଯାଇଛି।

## ତୁମୁଡ଼ିବନ୍ଧ ପୁଲିସର ବଡ ସଫଳତା
## ଘଞ୍ଚ ଜଙ୍ଗଲରୁ ୮ ଦେଶୀ ବନ୍ଧୁକ ଜବତ

ତୁମୁଡିବନ୍ଧ/ବାଲିଗୁଡ଼ା, ୧୪।୫ (ସମିସ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅଧୀନ ସିର୍ଲା ପଞ୍ଚାୟତର ବିରିମିଲା ଜଙ୍ଗଲରୁ ୮ଦେଶୀ ବନ୍ଧୁକ ଜବତ



ହୋଇଛି। ଶିକାରୀମାନେ ଏହି ବନ୍ଧୁକ ଲୁଚାଇ ରଖିଥିଲେ। ତୁମୁଡ଼ିବନ୍ଧ ପୁଲିସ କୌଣସି ସୂତ୍ରରୁ ଖବର ପାଇବା ପରେ ପରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ବିରିମିଲା ଜଙ୍ଗଲରେ ସର୍ଚ୍ଚ ଅପେରସନ୍ କରିଥିଲା। ସେତିକିବେଳେ ୮ଟି ଦେଶୀ ବନ୍ଧୁକ ସହ କିଛି ମାରଣାସ୍ତ୍ର ଜବତ ହୋଇଥିଲା। ପୁଲିସ୍ ସୂଚନାନୁଯାୟୀ, ଜବତ ଦେଶୀ ବନ୍ଧୁକ ଜଙ୍ଗଲୀ ଜନ୍ତୁ ଶିକାର କରିବା ନିମନ୍ତେ ଓ ଅସାମାଜିକ କାର୍ଯ୍ୟରେ ବ୍ୟବହାର କରିବା ଓ ଗଛ କାଟିବା ନିମନ୍ତେ ଉକ୍ତ ସ୍ଥାନରେ ଲୁଚାଯାଇଥିଲା। କିଛି ଦିନ ତଳେ ବେଆଇନ ବନ୍ଧୁକ କାରଖାନାରେ ଚଢ଼ଉ କରିବା ପରେ ଶିକାରୀଙ୍କ ମନରେ ଛନକା ପଶିଛି। ପୁଲିସର କାର୍ଯ୍ୟାନୁଷ୍ଠାନ ଭୟରେ ଶିକାରୀ ବନ୍ଧୁକ ଓ ମାରଣାସ୍ତ୍ର ଘରେ ନ ରଖି ଜଙ୍ଗଲରେ ଲୁଚାଇ ରଖୁଛନ୍ତି।

## ବସ୍-ଟ୍ୟାଙ୍କର ମଧ୍ୟରେ ଧକ୍କା ପରେ ନିଆଁ; ୪ ଜୀବନ୍ତ ଦଗ୍ଧ

ସୁରେନ୍ଦ୍ରନଗର, ୧୪।୫(ଏଜେନ୍ସି): ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଆଜି ଭୋର ସମୟରେ ଏକ ଯାତ୍ରୀବାହୀ ବସ୍ ଏବଂ ଟ୍ୟାଙ୍କର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୪ ଜଣ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁବରଣ କରିଥିବା ବେଳେ ପ୍ରାୟ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣାଟି ଗୁରୁବାର ରାତି ପ୍ରାୟ ୨:୩୦ ସମୟରେ ଚୋଟିଲା-ରାଜକୋଟ ଜାତୀୟ ରାଜପଥର ସାଙ୍ଗାନି ଗ୍ରାମ ନିକଟରେ ଘଟିଛି

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

କାର ଏବଂ ବସ୍‌ର ଏପରି ଭିଡ ଲାଗିରହିଥଲା ଯେ, ସଞ୍ଜରେ ରାଜପଥରେ ଅସମ୍ଭାଳ ଟ୍ରାଫିକ୍ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ପେଟ୍ରୋଲ ପମ୍ପରେ ନାହିଁ ନ ଥବା ଭିଡ ଯୋଗୁ କଟକ ଲିଙ୍କ୍ ରୋଡରୁ ବାଦାମବାଡି ଯାଏ ଆଜି ଯାନବାହାନ ଚଳାଚଳ ବନ୍ଦ ହୋଇଛି। ଶେଷରେ ପୁଲିସ ସ୍ଥିତି ନିୟନ୍ତ୍ରଣ କରିଛି।

ତୈଳ ସଙ୍କଟକୁ ନେଇ ଆଜି ବସ୍ ମାଲିକ ସଂଘ ମୁହଁ ଖୋଲିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ରାଜ୍ୟରେ ଚଳାଚଳ କରୁଥବା ୧୬ ହଜାର ବସ୍ ମଧ୍ୟରୁ ପ୍ରାୟ ୨୦୦୦ ବସ୍ ବର୍ତ୍ତମାନ ତେଲ ଅଭାବ ଯୋଗୁ ବନ୍ଦ ହୋଇଯାଇଛି। ଆଗକୁ ଏପରି ସ୍ଥିତି ଜାରି ରହିଲେ ଆମେ ବସ୍ ଚଳାଚଳ ବନ୍ଦ କରିଦେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ତେଲ ଅଭାବ ନ ଥବା ଯୋଗାଣ ମନ୍ତ୍ରୀଙ୍କ ଘୋଷଣାକୁ ଦୋହରାଇଛନ୍ତି ବିଭାଗୀୟ ସଚିବ ସଞ୍ଜୟ ସିଂହ। ସେ କହିଛନ୍ତି ଯେ ଲୋକେ ଛାନିଆ ହୋଇ ତେଲ କିଣନ୍ତୁ ନାହିଁ। ରାଜ୍ୟରେ ଯଥେଷ୍ଟ ପରିମାଣରେ ତେଲ ମହଜୁଦ୍ ଅଛି। କିଛି ପେଟ୍ରୋଲ ପମ୍ପ ମାଲିକ ଟଙ୍କା ଜମା କରୁ ନ ଥିବାରୁ ସେମାନଙ୍କୁ ତେଲ ମିଳିନାହିଁ। ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ଟାଙ୍କିରେ ତେଲ ପହଞ୍ଚିବ। ଯେଉଁମାନେ ତେଲର କଳାବଜାରୀ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶ୍ରୀ ସିଂହ କହିଛନ୍ତି।

ପେଟ୍ରୋଲ-ଡିଜେଲ ଅଭାବ ସ୍ଥିତିକୁ ନେଇ ସର୍ବଭାରତୀୟ ପେଟ୍ରୋଲିୟମ ଡିଲରମହା ସଂଘ ମହାସଚିବ ସଂଜୟ ଲାଠ୍ କହିଛନ୍ତି, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଡିଜେଲ ମହଜୁଦ୍ ଅଛି। କିଛି ସ୍ଥାନରେ ଲୋକେ ଅଧିକ ମାତ୍ରାରେ ତେଲ କିଣିବା ଯୋଗୁଁ ଟାଙ୍କିରୁ ତେଲ ସରିଯାଇଛି । ଟିକେ ସମୟ ଦେଲେ ସେସବୁ ଟାଙ୍କିରେ ତେଲ ପହଞ୍ଚିଯିବ ।

ଅନ୍ୟପକ୍ଷରେ ପେଟ୍ରୋଲ-ଡିଜେଲ ବ୍ୟବହାର ନେଇ ରାଜ୍ୟ ସରକାର କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଙ୍କେତ ଦେଇଛନ୍ତି। ସଚିବ ସ୍ତରୀୟ ବୈଠକ ପରେ ଗଣମାଧ୍ୟମକୁ ଏନେଇ ସୂଚନା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି ଯେ ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ନିଜ କାର୍‌କେଡ୍‌କୁ ଅଧା କରିଛନ୍ତି। ଆଗକୁ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ କିଛି ନିର୍ଦ୍ଦେଶ ଜାରି ହୋଇପାରେ। ସରକାରୀ ଗାଡ଼ି ପାଇଁ ବି କିଛି କଟକଣା ଆସିପାରେ। ପବ୍ଲିକ ଟ୍ରାନ୍ସପୋର୍ଟ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

### ୩୦ରୁ ଓଡ଼ିଶାରେ...

ଶେଷ କରାଯିବ। ମେ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଞ୍ଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଏସ୍‌ଆଇଆର୍ ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜୀକରଣ କରିବାର ସୁଯୋଗ ପାଇପାରିବେ। ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲଏ) ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ। ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ ବିଏଲ୍‌ଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ଯେପରି ତାଲିକାରେ ନ ରୁହନ୍ତି ଏବଂ କୌଣସି ଯୋଗ୍ୟ ଭୋଟର ପଞ୍ଜୀକରଣରୁ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ ହୋଇପାରିବ।

### ଚଳନ୍ତା ବସ୍‌ରେ...

ଅଭିଯୁକ୍ତ ଡ୍ରାଇଭର ଉମେଶ ଏବଂ ହେଲ୍ପର ରାମେନ୍ଦ୍ରଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବସଟି ବିହାରର ଗୋପାଳଗଞ୍ଜ ଆରଟିଓ (ବିଆର-୨୮ପି-୩୯୪୯) ଅଧୀନରେ ପଞ୍ଜୀକୃତ ଏବଂ ଏହା ରୟାଲ ଟ୍ରାଭେଲ୍ସ ଆଣ୍ଡ କାର୍ଗୋ କମ୍ପାନୀ ଦ୍ୱାରା ପରିଚାଳିତ। ରାଣୀ ବାଗ୍ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅଧୀନରେ ମାମଲା ରୁଜୁ କରାଯାଇଛି। ପୀଡ଼ିତା ମହିଳା ଜଣକ ବିବାହିତ ଏବଂ ତାଙ୍କର ତିନୋଟି ସନ୍ତାନ ଅଛନ୍ତି। ପୋଲିସ ଫୋରେନସିକ ଦଳ ସହାୟତାରେ ବସରୁ ପ୍ରମାଣ ସଂଗ୍ରହ କରି ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

### ପାଇକାରୀ ମୁଦ୍ରାସ୍ଫୀତି...

ଖୁଚୁରା ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତକୁ ଖସିଥିଲା। କିନ୍ତୁ ଏହା ପରଠାରୁ ଏଥିରେ ଲଗାତାର ବୃଦ୍ଧି ଦେଖିବାକୁ ମିଳୁଛି। ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ଯୋଗୁ ଆଗାମୀ ଦିନରେ ଏହାର ପ୍ରତିଫଳନ ଖୁଚୁରା ମୁନଦ୍ରାସ୍ଫୀତ କ୍ଷେତ୍ରରେ ଦେଖିବାକୁ ମିଳିବ। ଫଳସ୍ୱରୂପ ଖାଉଟି ବଜାର ମହଙ୍ଗା ହେବ।


CREDIT SAISON INDIA

**କ୍ରିସେସ୍ଥ ସାଇସନ୍ ଫାଇନାନ୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍**

CIN: U65999KA2018FTC113783

ପଞ୍ଜୀକୃତ କାର୍ଯ୍ୟାଳୟ: ଇଣ୍ଡିକ୍ୟୁବ୍ ଲେକ୍ସିଙ୍ଗଟନ୍ ଟାୱର, ପ୍ରଥମ ତଳ, ତାଭାରେକେରେ ମେନ୍ ରୋଡ୍, ତାଭାରେକେରେ, ଏସ୍.ଜି. ପାଲ୍ୟା, ବେଙ୍ଗାଲୁରୁ, କର୍ଣ୍ଣାଟକ – 560029

**ଶାଖା ସ୍ଥାନାନ୍ତର / ଏକୀକରଣ / ମର୍ଜର ସମ୍ବନ୍ଧୀୟ ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ୧୭ ଅଗଷ୍ଟ ୨୦୨୬ ତାରିଖରେ ଆମର ଏକ ଶାଖା ଯାହାର ବର୍ତ୍ତମାନ ଠିକଣା: କୋର୍ଡର୍କ ଭେନ୍ୟୁ, ନ୍ୟୁ ଏନେକ୍ସ ବିଲ୍ଡିଂ, ଆର୍ଟ୍ ବିଶ୍ୱସ୍ତ ହାଉସ୍, ପ୍ଲଟ୍ ନଂ. ୯୧୬, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୭, ଉକ୍ତ ଶାଖାଟିକୁ ନୂତନ ଠିକଣା: କୋର୍ଡର୍କ ଭେନ୍ୟୁ, ୪ର୍ଥ ତଳ, ନ୍ୟୁ ଏନେକ୍ସ ବିଲ୍ଡିଂ, ଆର୍ଟ୍ ବିଶ୍ୱସ୍ତ ହାଉସ୍, ପ୍ଲଟ୍ ନଂ. ୯୧୬, ସତ୍ୟନଗର, ଭୁବନେଶ୍ୱର, ଓଡ଼ିଶା – ୭୫୧୦୦୭କୁ ସ୍ଥାନାନ୍ତର କରାଯିବ ଏବଂ ନୂତନ ଶାଖା ୧୮ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକ୍ଷମ ହେବ।

ଦୟାକରି ଅଧିକ ସହାୟତା ପାଇଁ କ୍ରେଡିଟ୍ ସାଇସନ୍ ଇଣ୍ଡିଆର ଅଧିକୃତ ୱେବସାଇଟ୍ https://creditsaison.in/ ଦେଖନ୍ତୁ, ଟୋଲ୍-ଫ୍ରି ନମ୍ବର 1800-1038-961 କୁ ଡାଏଲ୍ କରନ୍ତୁ କିମ୍ବା ନିକଟସ୍ଥ ଶାଖା ସହ ସମ୍ପର୍କ କରନ୍ତୁ।

ତାରିଖ: ୧୫ ମେ ୨୦୨୬

ସ୍ୱା/- ଅଧିକୃତ ସ୍ୱାକ୍ଷରକାରୀ
ପ୍ରେଶା ପରାଗସ
ହୋଲ୍-ଟାଇମ୍ ଡାଇରେକ୍ଟର ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ



CDA

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

13001/481/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-10 ରେ ପ୍ଲଟ୍ ନଂ-10-1F/450 ଟିକୁ ଶ୍ରୀମତୀ ଜେମାମଣୀ ଓଝା, ସ୍ୱାମୀ-ଉତ୍ତମ ଚରଣ ଓଝା, କ୍ୱାଟର ନଂ-A/43, ତୁଳସୀପୁର ଆବଣ୍ଟନ ପୋଲିସ କଲୋନୀ, ପୋ-ତୁଳସୀପୁର, ଥା-ବିଡାନାସୀ, ଜିଲ୍ଲା-କଟକ ଙ୍କୁ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଜେମାମଣୀ ଓଝାଙ୍କ ମୃତ୍ୟୁ ପରେ ତାଙ୍କ ନ୍ୟାସିକ ଉତ୍ତରାଧିକାରୀ ପୁତ୍ର ସୁଶାନ୍ତ କୁମାର ଓଝା, ପିତା- ବ ଉତ୍ତମ ଚରଣ ଓଝା, ସା-ପ୍ଲଟ ନଂ-1F/450, ସେକ୍ଟର-୧୦, ପୋ-ଅଭିନବ ବିଡାନାସୀ, ଥା-ମର୍କତ ନଗର, ଜିଲ୍ଲା-କଟକ-୭୫୩୦୧୪, ଓଡିଶା ଙ୍କୁ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହ ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0025 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)



**OFFICE OF THE SUPERINTENDING ENGINEER, MINOR IRRIGATION DIVISION, SUNDARGARH**

Email-eemisundargarh@yahoo.co.in

32001/217/2627

**QUOTATION CALL NOTICE No.01/2026-27, Dated: 07.05.2026**

Sealed quotations are invited from interested reputed Travel agencies/Tour operators/ Private individuals having valid GST, PAN Card etc. for providing two number diesel/petrol driven vehicle of BS-VI compliant diesel vehicle (TUV 300/Bolero/Ertiga etc.) having seating capacity not more than 8 (Eight) including Driver (which shall confirm to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Bonai and Subdega for inspection of the project work & official work on monthly rent basis for the period of one year from the date of engagement of the vehicles.

Please visit website **https://dowrodisha.gov.in** or **https://sundargarh.nic.in** for details date & time of available of Quotation Document from **13.05.2026 of 07.00 AM to 20.05.2026 of 1.00 PM.** The last date & time of sale and receipt of Quotation is **20.05.2026 and 1.00 PM** respectably and to be opened on **20.05.2026 and 1.30 PM.**

Superintending Engineer,
M. I. Division, Sundargarh

OIPR-32001/32124/1/26-27/0003



**OFFICE OF THE DIVISIONAL FOREST OFFICER, REDHAKHOL DIVISION**

Mobile No:-06644-299949, Email ID:- dfo.redhakhol@odisha.gov.in

BID IDENTIFICATION No. F&E/RKL-010(Offline)/2026-27

**Short Tender Notice**

No. 010 Dated – 14.05.2026

8001/84/2627

The Divisional Forest Officer, Redhakhol Forest Division, on behalf of Governor of Odisha, invites Lumsum bids in **Single Cover System** in OFFLINE MODE.

| Sl No. | Activities | Details |
|---|---|---|
| 1 | Nature of Service | Tender Call Notice for Hiring 18 no. of Vehicle for use under Redhakhol Forest Division. |
| 2 | Tender Paper Cost | Rs. Nil |
| 3 | EMD Amount | Rs. 5000 |
| 4 | Class of Supplier | Any Travel Agency/ Tour Operator/ Private Individual |
| 5 | Availability of bid documents in the website. | 11:00 Hours of 14.05.2026 to 17.00 Hours of 30.05.2026 |
| 6 | Date of Opening of Tenders | 11.00 Hours on dt. 01.06.2026 |
| 7 | The Bidders have to participate in OFFLINE bidding only. | Any Corrigendum / Addendum/ cancellation of tender will be displayed in the https://www.redhakholforest.com or https://sambalpur.odisha.gov.in or https://www.odishaforest.in website only. |

Divisional Forest Officer
Redhakhol Forest Division

OIPR-8001/8146/1/26-27/0012



ସମଗ୍ର ଶିକ୍ଷା समग्र शिक्षा Samagra Shiksha

27001/57/2627

**DISTRICT PROJECT OFFICE**

Old Revenue Colony, Behind Govt. Hospital, RAYAGADA

email - dpcrayagadassa.opepa@nic.in

Notice No. 1496 /XI/CW/308/2026 Date: 14/05/2026

**Expression of Interest (EOI)**

District Project Office, Samagra Shiksha, Rayagada invites Expression of Interest (EOI) from valid & reputed Micro and Small Manufacturing Enterprises of Odisha being registered with the Directorate of EP&M and having valid rate contract for supply of 2170 (appx.) Compact Desk-cum-Bench (Dual Desk) to 117 schools in 11 Blocks of Rayagada District. The details of the EOI is available in the official website http://osepa.odisha.gov.in and NIC website http://rayagada.odisha.gov.in. Interested EPM rate contract holders may submit their EOI through speed post / registered post only on or before 05-06-2026 by 5.00 PM. The competent authority reserves the right to accept or reject any or all tenders, wholly or in part, without assigning any reason thereof and without incurring any liability to the affected bidder(s).

OIPR-27001/27164/1/26-27/0001

Collector-Cum-Chairman,
Samagra Shiksha, Rayagada



**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Radha Bhutia (new name),** W/o.: Krushna Chandra Bhutia, permanent/Currently resident of At: Jarada, PO.: Jarada, P.S.: Kanhia, Dist.: Angul, Odisha, PIN-759117, do hereby declare vide Affidavit No.: 1737, dated 17.04.2026 that I have changed my name from **Jhatak Bhutia (old name) to Radha Bhutia (new name).** Hence forth I shall be known as **Radha Bhutia (new name)** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide no.35 dtd. 13.5.2026, I Menaka Badajena, W/o- Nepala Badajena, D/o- Late Adikanta Parida resident of At/Po./Ps.- Chandaka, Dist.- Khordha, Odisha-751024 state that, my actual and correct name is **Menaka Badajena.** But in legal heir certificate vide misc. case no. E-LHC/2021/ 238662 my name has been writeen as Mini Parida. That, **Menaka Badajena** and **Mini Parida** is same and one person.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide no.34 dtd.13.5. 2026, I Renu Rout, W/o- Rabi Rout, D/o- Late Adikanta Parida resident of At/Po.- Kalyanpur, Ps.- Nandankanan, Dist.- Khordha (Odisha) state that, my actual and correct name is **Renu Rout.** But in legal heir certificate vide misc. case no. E-LHC/2021/ 238662 my name has been writeen as Kali Parida. That, **Renu Rout** and **Kali Parida** is same and one person.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 14/05/2026. I, **Mohit Kand Dora** (new name), S/o Surendra Kand Dora, permanent & current resident of AT: Ranabandh, PO: Lenjha, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Mahit Konda Tara** (old name) to **Mohit Kand Dora** (new name). Henceforth, I shall be known as **Mohit Kand Dora** (new name) for all future purposes.

**(Mohit Kand Dora)**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-13/05/2026. I, **Hansa Takri** (new name), W/o Hari Takri, permanent & current resident of AT: Chhatabhata, PO: Parasara, PS: Sindhekela, Dist: Balangir, State: Odisha, PIN: 767035 declare that I have changed my name from **Sangita Haripal** (old name) to **Hansa Takri** (new name). Henceforth, I shall be known as **Hansa Takri** (new name) for all future purposes.

**(Hansa Takri)**

**AFFIDAVIT**

I, Susanta Jena, S/o- Matia Jena, resident of At- Dolamundai, Po- Belapada, Ps- Banapur, Dist- Khordha, Pin-752031, Odisha declare by this affidavit No-815, date- 14/05/2026, that now onwards I shall be known as **SUSHANT JENA** for all future purposes.



24001/106/2627

**ଭାରତର ଗେଜେଟ୍: ଅସାଧାରଣ**
**[ଭାଗ II-ଖଣ୍ଡ 3(ii)]**
**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**

ନୂଆ ଦିଲ୍ଲୀ, ୨୨ ଏପ୍ରିଲ, ୨୦୨୬

ଏସ.ଓ. ୨୦୧୨ (ଇ)- ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ୭୬୩(ଇ) ତାରିଖ: ୧୨/୦୨/୨୦୨୬, ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ର ୪୮) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖିତ ) ର ଧାରା ୩କ ର ଉପ-ଧାରା (୧) ଅନ୍ତର୍ଗତ ଭାରତର ଗେଜେଟ୍ ଅସାଧାରଣ, ଭାଗ II, ଧାରା ୩, ଉପ-ଧାରା (ii) ରେ ପ୍ରକାଶିତ, ଓଡ଼ିଶା ରାଜ୍ୟର ନୟାଗଡ ଜିଲ୍ଲାର ଜାତୀୟ ରାଜପଥ ନଂ.୫୭ (ନୟାଗଡ଼ ବାଇପାସ୍) କି.ମି. ୨୩୫.୪୬୯ ରୁ କି.ମି. ୨୫୨.୪୮୨ ପର୍ଯ୍ୟନ୍ତ ୨/୪ ଥାକିଆ ରାସ୍ତା ନିର୍ମାଣ ସହିତ ପ୍ରଶସ୍ତ ଏବଂ ଉନ୍ନତିକରଣ କରିବା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ଅନୁସୂଚୀରେ ଦିଆଯାଇଥିବା ଜମି ଅଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରାଯାଇଅଛି । ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା ୩କ ର ଉପ-ଧାରା (୩) ଅନ୍ତର୍ଗତ "ସମ୍ବାଦ" ଏବଂ "ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ" ଉଭୟ ତାରିଖ ୦୧.୦୩.୨୦୨୬ ରେ ପ୍ରକାଶିତ ହୋଇଛି ।

ଏବଂ ଯେହେତୁ ସକ୍ଷମ ପ୍ରାକରଣଙ୍କ ଦ୍ବାରା କୌଣସି ଆପତ୍ତି ଗ୍ରହଣ କରାଯାଇ ନାହିଁ ।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଅନୁଯାୟୀ, ସକ୍ଷମ ପ୍ରାକରଣ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି । ତେଣୁ, ବର୍ତ୍ତମାନ, ସକ୍ଷମ ପ୍ରାକରଣଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଦ୍ବାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହାଦ୍ବାରା ଘୋଷଣା କରୁଛନ୍ତି ଯେ ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଗ୍ରହଣ କରାଯିବା ଉଚିତ ।

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ବାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଭୂମି ସମ୍ପୂର୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ, ସମସ୍ତ ଭାରରୁ ମୁକ୍ତ ।

**କାର୍ଯ୍ୟସୂଚୀ**

**ଓଡିଶା ରାଜ୍ୟର ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ଜାତୀୟ ରାଜପଥ ନଂ.୫୭ ( ନୟାଗଡ଼ ବାଇପାସ୍) ର ୨୩୫.୪୬୯ କିଲୋମିଟର ରୁ ୨୫୨.୪୮୨ କିଲୋମିଟର ପର୍ଯ୍ୟନ୍ତ ଅନ୍ତର୍ଗତ ଭୂଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ,ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମର ଦୁଇପାର୍ଶ୍ୱ ସଂକ୍ଷିପ୍ତ ବିବରଣୀ ।**

| ରାଜ୍ୟ: ଓଡ଼ିଶା ଜିଲ୍ଲା: ନୟାଗଡ଼ | | | | | |
|---|---|---|---|---|---|
| କ୍ରମିକ ସଂଖ୍ୟା | ଖତିଆନ/ସର୍ଭେ ନମ୍ବର | ଜମିର ପ୍ରକାର | କିସମ | କ୍ଷେତ୍ରଫଳ (ହେକ୍ଟରରେ) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ନାମ |
| ୧ | ୨ | ୩ | ୪ | ୫ | ୬ |
| ତାଲୁକ: ନୟାଗଡ | | | ଗ୍ରାମ : ନବଘନପୁର | | |
| ୧ | ୧୮୭/୩୦୯୪ | ବେସରକାରୀ | ଶାରଦ ତିନି | ୦.୦୧୬୧୮୭୮ | ପ୍ରସନ୍ନ କୁମାର ସୁବୁଦ୍ଧି, ସୌମ୍ୟରଂଜନ ସୁବୁଦ୍ଧି ପିତା ଗୋବିନ୍ଦ ଚରଣ ସୁବୁଦ୍ଧି |
| ଗ୍ରାମ: ଉଦୟପୁର | | | | | |
| ୨ | ୧୩/୧୦୮୬ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୩୬୪୨୨୫ | ମଞ୍ଜୁବାଳା ଦେବୀ ସ୍ୱାମି ଦୁର୍ଗାଚରଣ ପଣ୍ଡା |
| ଗ୍ରାମ: ଜୟପୁର | | | | | |
| ୩ | ୫୭୩/୮୨୭ | ବେସରକାରୀ | ଘରବାରି | ୦.୦୧୬୧୮୭୮ | ଭିକାରୀ ସାହୁ ପିତା ଶ୍ରୀଧର ସାହୁ |
| ଗ୍ରାମ: ମୁକ୍ତାପୁର | | | | | |
| ୪ | ୨୩୭/୫୯୮ | ବେସରକାରୀ | ତଳା ଦୁଇ | ୦.୦୨୦୨୩୪୭ | ସୁକାନ୍ତ କୁମାର ସ୍ବାଇଁ ପିତା ବନମାଳି ସ୍ବାଇଁ |
| ୫ | ୨୪୩/୭୧୮ | ବେସରକାରୀ | ପତିତ | ୦.୦୧୬୧୮୭୮ | ରମାକାନ୍ତ ଦାଶ ପିତା ପ୍ରସନ୍ନ କୁମାର ଦାଶ |
| ଗ୍ରାମ: ନୟାଗଡ | | | | | |
| ୬ | ୨୨୬୯/୬୧୧୮ | ବେସରକାରୀ | ଘରବାରି | ୦.୦୨୪୨୮୧୭ | ଜିତେନ୍ଦ୍ର କୁମାର ପାଣିଗ୍ରାହି ପିତା ସୁବାସ ଚନ୍ଦ୍ର ପାଣିଗ୍ରାହି |
| ଗ୍ରାମ: ଗୋରିଆଳି | | | | | |
| ୭ | ୬୬୭ | ବେସରକାରୀ | ଶାରଦ ତିନି | ୦.୦୯୩୪୮୪୪ | ଡମ୍ବରୁଧର ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ନବକିଶୋର ମହାନ୍ତି, ଭାବଗ୍ରାହି ମହାନ୍ତି ପିତା ଆନନ୍ଦଚନ୍ଦ୍ର ମହାନ୍ତି |
| ଗ୍ରାମ: ନାଗାପୁର | | | | | |
| ୮ | ୨୯୫/୧୩୦୯ | ବେସରକାରୀ | ଶାରଦ ଦୁଇ | ୦.୦୦୮୦୯୩୯ | ରଂଜନ ନାୟକ ପିତା ରମେଶ ଚନ୍ଦ୍ର ନାୟକ |
| ୯ | ୨୯୮/୧୨୩୮ | ବେସରକାରୀ | ଶାରଦ ଦୁଇ | ୦.୦୧୦୧୧୭୪ | ନାରାୟଣ ଖଟେଇ ପିତା ନରସିଂହ ଖଟେଇ |
| ଗ୍ରାମ: କୃଷ୍ଣପ୍ରସାଦ | | | | | |
| ୧୦ | ୨୩୩ | ବେସରକାରୀ | ଶାରଦ ଦୋଫ।ସଲି ଏକ | ୦.୦୫୦୫୮୬୮ | ସଉରିଆ ଘଡେଇ ପିତା ସନ୍ତୁ ଘଡେଇ |
| ୧୧ | ୫୩୨ | ବେସରକାରୀ | ଶାରଦ ଦୁଇ | ୦.୦୦୨୦୨୩୫ | ବିଶ୍ୱନାଥ ମହାପାତ୍ର, ଅମୂଲ୍ୟ ମହାପାତ୍ର ପ୍ରତି ବୈକୁଣ୍ଠ ମହାପାତ୍ର |
| ୧୨ | ୫୩୪ | ବେସରକାରୀ | ଶାରଦ ଦୁଇ | ୦.୦୦୮୦୯୩୯ | ବିଶ୍ୱନାଥ ମହାପାତ୍ର, ଅମୂଲ୍ୟ ମହାପାତ୍ର ପ୍ରତି ବୈକୁଣ୍ଠ ମହାପାତ୍ର |
| ଗ୍ରାମ: ଲେଙ୍କୁରିପଡା | | | | | |
| ୧୩ | ୧୬୩୭ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୦୬୦୭୦୪ | କନକଲତା ସ୍ବାଇଁ ସ୍ୱାମୀ- ଦାଶରଥୀ ସ୍ବାଇଁ |
| ୧୪ | ୧୮୭୦ | ବେସରକାରୀ | ଶାରଦ ଦୋଫସଲି ଏକ | ୦.୧୧୬୫୫୨୦ | କୃଷ୍ଣଚନ୍ଦ୍ର ପଧାନ ପିତା, ଖଲିଆ ପଧାନ |
| ୧୫ | ୨୩୫୯ | ବେସରକାରୀ | ଶାରଦ ଦୋଫସଲି ଦୁଇ | ୦.୦୦୧୦୧୧୭ | ନାରାୟଣ ଜେନା ପିତା ବଳଭଦ୍ର ଜେନା |
| ୧୬ | ୨୬୦୬/୬୨୧୭ | ବେସରକାରୀ | ଶାରଦ ଦୋଫସଲି ଏକ | ୦.୦୦୬୦୭୦୪ | ଇନ୍ଦୁଲତା ମହାପାତ୍ର ସ୍ୱାମି ସମ୍ବାରୀ ମହାପାତ୍ର |
| | | ମୋଟ | | ୦.୪୩୧୬୦୬୭ | |

କ୍ଷମତାପ୍ରାପ୍ତ ଭୂଅର୍ଜନ ଅଧିକାରୀ
ତଥା ତହସିଲଦାର, ନୟାଗଡ଼

OIPR-24001/24052/3/26-27/0001



**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Jit Singh (new name),** S/o.: Antaryami Singh, permanent/Currently resident of At: Jamunda Jungle, PO.: Tukuda, P.S.: Nisha, Dist.: Angul, Odisha, PIN-759127, do hereby declare vide Affidavit No.: 846, dated 25.02.2026 that I have changed my name from **Jeet Sahu (old name) to Jit Singh (new name).** Hence forth I shall be known as **Jit Singh (new name)** for all purposes.

**AFFIDAVIT**

By virtue an affidavit no. 110 sworn before Executive Magistrate, Bhubaneswar, dtd. 18.03.2026, I, Shreyaa Agarwal, formerly known as Shreya Chowdhury, wife of Prakaash Kumar Agarwalla, resident of BJB Nagar, Bhubaneswar, Odisha, declare that after my marriage on 16.02.2025, I have changed my name from Shreya Chowdhury to Shreyaa Agarwal. Henceforth, I shall be known as **Shreyaa Agarwal** for all purposes.

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Karisma Nayak (new name),** W/o.: Krishna Chandra Nayak, permanent/Currently resident of At/PO.: Dasagharia, PO.: Riamal, Dist.: Angul, Odisha, PIN-768109, do hereby declare vide Affidavit No.: 411, dated 27.01.2026 that I have changed my name from **Kamini Suhula (old name) to Karisma Nayak (new name).** Hence forth I shall be known as **Karisma Nayak (new name)** for all purposes.

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Lima Behera (new name),** S/o.: Kulamani Behera, permanent/Currently resident of Dhaurapali, PO.: Rajkishorenagagr, P.S.: Kishorenagar, Dist.: Angul, Odisha, PIN-759126, do hereby declare vide Affidavit No.: 1602, dated 13.04.2026 that I have changed my name from **Lisha Behera (old name) to Lima Behera (new name).** Hence forth I shall be known as **Lima Behera (new name)** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kotagarh, SL.No. 387, dated 12/05/2026, I **ANDRIYA NUAMAJHI**, resident of village At- Nuapadara, PO: Kotagarh, P.S: Kotagarh, Dist: Kandhamal, PIN: 762105, Odisha declare that I have changed my minor Son's name from **JIRU NUAMAJHI (Old Name)** to **JIRUBABIL NUAMAJHI (New Name).** Henceforth, he shall be known as **JIRUBABIL NUAMAJHI** for all purposes.

Sd- **ANDRIYA NUAMAJHI**

**AFFIDAVIT**

By virtue of an affidavit sworn before the Court of the Executive Magistrate Angul, **I, Reyansh Ranjan (new name),** S/o.: Chittaranjan Naik, permanent/ Currently resident of At: Amalapada, PO./P.S./Dist.: Angul, Odisha, PIN-759122, do hereby declare vide Affidavit No.: 1429, dated 31.03.2026 that I have changed my name from **Reyansh Ranjan Naik (old name) to Reyansh Ranjan (new name).** Hence forth I shall be known as **Reyansh Ranjan (new name)** for all purposes.

**AFFIDAVIT**

I, Kartika Das, S/o: Gourahari Das, At/Po: Kuamara, Ps: Bansada, Dist: Bhadrak, PIN: 756164, Odisha, declare by this Affidavit before the Executive Magistrate, Bhadrak, my minor son Manaranjan Mandal shall be known as MUNA DAS, S/O KARTIKA DAS, as the above address declear by this CNF Affidavit No. 1519 dtd. on 06/05/2026, that now onwards my son will be known as **MUNA DAS** for all future purposes.

**AFFIDAVIT**

By virtue an affidavit no. 109 sworn before Executive Magistrate, Bhubaneswar, dtd. 18.03.2026, I, Prakaash Kumar Agarwalla, formerly known as Prakash Kumar Agarwalla, At- Athamallik, Angul and presently residing at BJB Nagar, Bhubaneswar have changed my name from Prakash Kumar Agarwalla to Prakaash Kumar Agarwalla. Henceforth, I shall be known as **Prakaash Kumar Agarwalla** for all purposes.

**AFFIDAVIT**

By virtue an affidavit sworn before the Notary Public, Phulbani, Kandhamal, dtd. 12.05.2026, I, Nirashi Kanhar, At- Gunjipidia, Po-Pahiraju, PS-Gochhapada, Dist-Kandhamal, Odisha, do hereby declare that I have changed the name of my minor child from Sahadhini Kanhar to Swadhin Kanhar. Henceforth, he shall be known as **Swadhin Kanhar** for all purposes.

Sd/- Nirashi Kanhar

# ୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ଜଣେ ଗିରଫ





**ପାରାଦୀପ,୧୪।୫(ସମିସ)**

ପାରାଦୀପ ଲକ୍ ଥାନା ପକ୍ଷରୁ ଚଢ଼ଉ କରି ଆଜି ସକାଳେ ଜଣେ ନିଶା ମାଫିଆକୁ ଗିରଫ କରାଯାଇଛି। ଯାଞ୍ଚ ପରେ ତା ନିକଟରୁ ୯.୮୫ ଗ୍ରାମର ବ୍ରାଉନସୁଗର୍ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତର ଘର ଲକ୍ ଥାନା ଅଧୀନ ନୁଣୁଡ଼ୁଆ ଗ୍ରାମରେ ହୋଇଥିବା ବେଳେ ସେ ନାରାୟଣ ଲେଙ୍କାଙ୍କ ପୁଅ ଜଗବନ୍ଧୁ ଲେଙ୍କା (୨୮) ବୋଲି ଜଣାପଡ଼ିଛି। ତା' ନିକଟରୁ ଏକ ମୋବାଇଲ ଫୋନ ସହିତ ସେ ବ୍ୟବହାର କରୁଥିବା ମୋଟରସାଇକେଲ ଓ ଚିଟ ପେପର ଜବତ କରାଯାଇଛି। ତେବେ ଜଗତସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ଆଡିସିନାଲ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେଙ୍କ ସୁପରଭିଜନରେ ଲକ୍ ଥାନା ଆଇଆଇସି ରଶ୍ମୀରଞ୍ଜନ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ସ୍ୱିତା ବେକ ଓ ତାଙ୍କ ଟିମ ଆଜି ସକାଳେ ଚଢ଼ଉ କରି ଅଭିଯୁକ୍ତକୁ ଧରିଥିଲେ।

ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର ଚାଲିଥିବାର ଖବର ପୁଲିସକୁ ମିଳିଥିବା ବେଳେ ଆଜି ଅଭିଯୁକ୍ତ ବ୍ରାଉନସୁଗର ବେପାର କରିବାକୁ ସେ ସ୍ଥାନକୁ ଆସିବାର ଖବର ପୁଲିସକୁ ମିଳିବା ପରେ ପୁଲିସ ଟିମ ସେଠାରେ ସଜାଗ ହୋଇ ରହିଥିଲା। ଉକ୍ତ ନିଶା ବେପାରି ଯୁବକକୁ ଗିରଫ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ଚୋରା ମଦ ବିକ୍ରିବେଳେ ୨ ଗିରଫ





**ପାରାଦୀପ,୧୪।୫(ସମିସ) :** ଲକ୍ ଥାନା ଅଧୀନ ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ବେଳେ ପୁଲିସ ଦୁଇଟି ସ୍ଥାନରୁ ଦୁଇ ଚୋରା ମଦ ବେପାରୀଙ୍କୁ ଆଜି ସନ୍ଧ୍ୟାରେ ଗିରଫ କରିଛି। ଆସନ୍ତା କାଲି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଦୁଇ ଅଭିଯୁକ୍ତ ହେଲେ ପୀତାମ୍ବରପୁର ଗ୍ରାମର ଈଶ୍ୱର ସ୍ୱାଇଁ (୫୮)ଓ ନିମିଡ଼ି ଗ୍ରାମର ସୁଶାନ୍ତ ରାଉତ (୪୬)ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩୦ ଲିଟର ରୁ ଅଧିକ ବିଦେଶୀ ଚୋରା ମଦ ଜବତ କରାଯାଇଛି। ସେମାନେ ପେସାଦାର ଚୋରା ନିଶା ବ୍ୟବସାୟୀ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି।

## ଉପ ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ପାରାଦୀପ ଗସ୍ତ

**ପାରାଦୀପ,୧୪।୫(ସମିସ):** ବନ୍ଦର ନଗରୀ ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ସିଏସ୍‌ଆର୍ ଫଣ୍ଡ କେମିତି ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବ ତାକୁ ନେଇ ପାରାଦୀପରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ମୁଖିଆଙ୍କ ସହ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଜି ସନ୍ଧ୍ୟାରେ ଇଫ୍‌କୋ ପରିସରରେ ଆୟୋଜିତ ସମୀକ୍ଷା ବୈଠକରେ ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଉପସ୍ଥିତ ଥିଲେ। ସିଏସ୍‌ଆର୍ ଫଣ୍ଡ ଆଖ ପାଖ ଅଞ୍ଚଳରେ କିଭଳି ଭାବେ ଉନ୍ନତିମୂଳକ କାର୍ଯ୍ୟରେ ଲାଗିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗର ସରକାରଙ୍କ ଦ୍ୱାରା ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ କିଭଳି ଜଗତସିଂହପୁର ଜିଲ୍ଲାରେ ଚାଲୁଛି ତା ଉପରେ ସରକାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଉ କିଛି ଦିନ ପରେ ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ। ତା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ପୌରାଧ୍ୟକ୍ଷ ସମ୍ମାନିତ

**ଜଗତସିଂହପୁର,୧୪।୫(ସମିସ):** ଜଗତସିଂହପୁରର ପୂର୍ବତନ ସାଂସଦ ତଥା ବର୍ଷିୟାନ୍ କମ୍ୟୁନିଷ୍ଟ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କୁ ବିଭିନ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଅଛି।"ଏରସମା ଠାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶଶି ଭୂଷଣ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବାଲିକୁଦା-ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରମୁଖ ଯୋଗଦେଇ ବିପ୍ଳବ ଚୌଧୁରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମାନ ପାଇଁ ବିପ୍ଳବ ଚୌଧୁରୀ "ଲୋକନାଥ ଚୌଧୁରୀ ସ୍ମୃତି କମିଟି' ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ବିପ୍ଳବ ଚୌଧୁରୀ ସମ୍ମାନିତ



**ଜଗତସିଂହପୁର,୧୪।୫(ସମିସ):** ଜଗତସିଂହପୁରର ପୂର୍ବତନ ସାଂସଦ ତଥା ବର୍ଷିୟାନ୍ କମ୍ୟୁନିଷ୍ଟ ନେତା କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏରସମାଠାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ପ୍ରମୁଖ ଯୋଗଦେଇ ବିପ୍ଳବ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ମାନ ପାଇଁ ବିପ୍ଳବ ଚୌଧୁରୀ "ଲୋକନାଥ ଚୌଧୁରୀ ସ୍ମୃତି କମିଟି" ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ପଟ୍ଟାମୁଣ୍ଡାଇ,୧୪।୫(ସମିସ):** ଅଗ୍ନିବିପନ୍ନ ପରିବାରକୁ ବିଜେପି ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ୧୧ ତାରିଖ ରାତିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ବେଲତଳ ଅଧିକାରୀ ସାହିର ରାଜକିଶୋର ଦାଶଙ୍କ କୋଠା ଘରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ତିନି ବଖରା କୋଠାଘର ସମେତ ତିନୋଟି ବାଇକ୍ ଓ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିବିପନ୍ନ ପରିବାର ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ପୂର୍ବତନ ନଗର ସଭାପତି ଉପେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୂର୍ବତନ ନଗର ସଭାପତି ସୁଧାଂଶୁ ଜେନା, ଶଶୀକାନ୍ତ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଚନ୍ଦନ ପାତ୍ର, ସମୀର ପାତ୍ର, ବିମଳ ତ୍ରିପାଠୀ, ଯୋଗେଶ ବେହେରା, ପରେଶ୍ୱର ପାତ୍ର ପ୍ରମୁଖ ଅଗ୍ନିବିପନ୍ନ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

### ଓଲଡି-ହଳଦିଆ ରାସ୍ତା ଅଧାପନ୍ତରିଆ

# ଲୋକେ ହେଉଛନ୍ତି ହନ୍ତସନ୍ତ, ଜିଲ୍ଲାପାଳଙ୍କୁ ଭେଟିବାକୁ ସଜବାଜ

**ପଞ୍ଚୁପାଣ୍ଡବ,୧୪।୫(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଓଲଡିରୁ ହଳଦିଆ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଟି ଡେରାବିଶ ବ୍ଲକର ଏକ ମୁଖ୍ୟ ରାସ୍ତା। ରାସ୍ତା ଶୋଚନୀୟ ହୋଇପଡ଼ିଥିବାବେଳେ ଯାତାୟାତ କରୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତା କାମ ଦୀର୍ଘଦିନ ଧରି ଚାଲି ପୁଣି ବନ୍ଦ ଥିବା ଦେଖିବାକୁ ମିଳୁଛି। ଏ ନେଇ ଜିଲ୍ଲାପାଳଙ୍କୁ ଭେଟିବାକୁ ଶତାଧିକ ମହିଳା ସଜବାଜ ହେଉଥିବା ଜଣାପଡ଼ିଛି।



ଓଲଡି-ହଳଦିଆ ରାସ୍ତା କାମ ହେବା ପାଇଁ ରାସ୍ତା କଡ଼ରେ ଥିବା ଶତାଧିକ ଗଛ କଟାଯାଇଥିଲା। ପରେ ରାସ୍ତାକୁ ଓସାର କରିବା ପାଇଁ ଦୁଇ ପାର୍ଶ୍ୱରେ ଖାଲ କରାଯାଇ ଡଷ୍ଟ ପକାଯାଇଛି। ରାସ୍ତା ଉପରେ ଗୋଡି ବିଛାଡ଼ି ହୋଇପଡ଼ିଥିବାବେଳେ କେତେକ ଜାଗାରେ ଶତାଧିକ ଖାଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତାଟି ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ପ୍ରାୟ ୧୦ଟି ପଞ୍ଚାୟତର ଲୋକେ ବ୍ଲକକୁ ଯିବାଆସିବା କରୁଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଯାଉଛନ୍ତି। ଏହି ରାସ୍ତାକୁ ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ କାମ କରୁଥିବାବେଳେ ହଳଦିଆରୁ ତିନିମୁହାଣି ପର୍ଯ୍ୟନ୍ତ କାମ ସରିଥିବାବେଳେ ଓଲଡିରୁ ହଳଦିଆ ରାସ୍ତାକୁ ଅଧୁରା କରି ଠିକାଦାର ଛାଡ଼ି ଦେଇଥିବା ଅଭିଯୋଗ ହେଉଛି। ଯେତେ ଅଭିଯୋଗ କଲେ ମଧ୍ୟ ଠିକାଦାର କି ପ୍ରଶାସନ କେହି କର୍ଣ୍ଣପାତ କରୁନାହାନ୍ତି। ରାତିରେ ଏହି ରାସ୍ତାରେ ଲୋକେ ଯିବାକୁ ଭୟ କରୁଛନ୍ତି। ଫଳରେ ଜାତୀୟ ରାଜପଥରେ ଅଧିକ ବାଟ ଦେଇ ଯାତାୟାତ କରୁଛନ୍ତି। ଆଖପାଖ ପଞ୍ଚାୟତରୁ ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ବିଭାଗୀୟ ଜେଇ ଅଜୟ କୁମାର ଦାସ କହିଛନ୍ତି, ଏହି ରାସ୍ତା ପାଇଁ ମାଟି ସମସ୍ୟା ରହିଛି। ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛୁ। ରାସ୍ତା କାମ ଶୀଘ୍ର ସାରିବାକୁ ଚେଷ୍ଟା କରୁଛୁ।

## ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ଉତ୍ସବ

**ବାଲିକୁଦା,୧୪।୫(ସମିସ):** ଜଗତସିଂହପୁରର ପୂର୍ବତନ ସାଂସଦ ତଥା ଏର୍‌ସମା ର ଚାରି ଥର ବିଧାୟକ ଥିବା ସ୍ୱର୍ଗତ ଲୋକନାଥ ଚୌଧୁରୀ ଙ୍କ ୨୩ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଏରସମା ଠାରେ ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବର୍ଷିଆନ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡ଼ାଇ,ସାଂସଦ ବିଭୁ ପ୍ରସାଦ ତରାଇ, ସାମ୍ୟବାଦୀ ନେତା ରାମକୃଷ୍ଣ ପଣ୍ଡା,ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ ଜେନା, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ଙ୍କ ସମେତ ଅନ୍ୟ ଅତିଥି ମାନଙ୍କ ଉପସ୍ଥିତ ରେ



ଜଗତସିଂହପୁର ର ଜଣା ଶୁଣା ଆଇନୀଜୀବି ତଥା ସମାଜସେବୀ ବୀର ନାରାୟଣ ପାତ୍ର ଙ୍କୁ ତାଙ୍କର ସମାଜସେବା ପାଇଁ ଲୋକନାଥ ଚୌଧୁରୀ ସ୍ମୃତି ସନମାନ ପ୍ରଦାନ କରାଯାଇଥିଲା। ଶ୍ରୀ ପାତ୍ର ଏହି ସମ୍ମାନ ପାଇବା ପରେ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଲିଙ୍ଗରାଜ ମଲ୍ଲଙ୍କୁ ବିଶିଷ୍ଟ ସମବାୟବିତ ସମ୍ମାନ



**ବିରିଡି,୧୪।୫(ସମିସ):** ବିରିଡି ବ୍ଲକ ଅଡଙ୍ଗ ଗଡ଼ ଗ୍ରାମର ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କୁ ବିଶିଷ୍ଟ ସମବାୟବିତ ଭାବେ ସମ୍ମାନିତ କରାଯାଇଛି। ଏରସମା ଠାରେ ବିଶିଷ୍ଟ ସାମ୍ୟବାଦୀ ନେତା, ପୂର୍ବତନ ସାଂସଦ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ଉପସ୍ଥିତ ଥିବା ସାଂସଦ ଡ. ବିଭୂପ୍ରସାଦ ତରାଇ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡେଇ, ବିଧାୟଜ ସାରଦା ପ୍ରସନ୍ନ ଜେନା, ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ଜରିଆ ବଳଦେବ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୧୪।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଜରିଆ ବଳଦେବ ହାଇସ୍କୁଲ ୧୯ ୯୧ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ମା' ଛୁଆଳିଆ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଆଳି ଏବିଇଓ ଉଦକର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଆୟୋଜିତ କାର୍ଯ୍ୟକ୍ରମରେ ଗୁରୁ ନାରାୟଣ ମହାନ୍ତି ଓ ଗୁଣାକର ବେହେରାଙ୍କୁ ଛାତ୍ରଛାତ୍ରୀ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ମଳୟ ଦାସ, ବିବେକାନନ୍ଦ ଦାସ, ନିରଞ୍ଜନ ଗାହାଣ, ନିରୁପମା ଦାସ, ସବିତା ଭୂୟାଁ, ପ୍ରଦୀପ୍ତ ଦାସ, କୃଷ୍ଣଚନ୍ଦ୍ର ବାରିକ, ଶରତ ନାୟକ, ଶରତ ବାରିକ, ଦିଲ୍ଲୀପ ଦାସ, ବିଜୟ ପଲାଇ, ପରୀକ୍ଷିତ ପାତ୍ର, ମଞ୍ଜୁଲତା ରାଉତ, ହରପ୍ରିୟା ରାଉତ, ଜ୍ୟୋସ୍ନାରାଣୀ ରାଉତ ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହିତ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ। ଏ ଅବସରରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମଳୟ ଦାସ ଧନ୍ୟବାଦ ଦେଇଥିଲେ।

## କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



**ତିର୍ତ୍ତୋଲ,୧୪।୫(ସମିସ):** ତିର୍ତ୍ତୋଲ ତାଲୁକ ଆଇନ ସେବା କମିଟି ପକ୍ଷରୁ ମଣିଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ତିର୍ତ୍ତୋଲ ବିଚାରବିଭାଗୀୟ ଅଦାଲତ ର ବିଚାରପତି ସିଓନା ସିଦ୍ଧାର୍ଥ ମହାରଣା ଯୋଗଦେଇ କଠିନ ବର୍ଯ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ତିର୍ତ୍ତୋଲ ଓକିଲ ସଂଘ ସଭାପତି ସରୋଜ କୁମାର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ କ୍ଷ ତିର୍ତ୍ତୋଲ ଓକିଲ ସଂଘ ସମ୍ପାଦକ ଟୁକନ ଚରଣ ସେଠୀ, ମଣିଜଙ୍ଗା ପଞ୍ଚାୟତ ସରପଞ୍ଚ ଶଶଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଅନୀଳ ସ୍ୱାଇଁ, ସମାଜସେବୀ ସୁଶାନ୍ତ ଚରଣ ସାହୁ, ଆଇନଜୀବୀ ବିଷ୍ଣୁ ଚରଣ ମାଝୀ, ଏମବିକେ ମମତା ମଞ୍ଜରୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅଦାଲତ କର୍ମଚାରୀ ଓ ପୁଲିସ, ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

### ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୧୩ ମାସ ପରେ ବି ଚିତ୍ର ଅସ୍ପଷ୍ଟ

**ଜଗତସିଂହପୁର,୧୪।୫(ସମିସ)**

ଜଗତସିଂହପୁର ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଘୋଷଣାର ୧୩ ମାସ ବିତି ଯାଇଥିଲେ ମଧ୍ୟ କେବେ ଏବଂ କେଉଁଠି ଏହା ସ୍ଥାପନ ହେବ ତାହା ସ୍ପଷ୍ଟ ହୋଇପାରି ନାହିଁ। ଫଳରେ ଜିଲ୍ଲାବାସୀଙ୍କ ମନରେ ଉତ୍କଣ୍ଠା ଏବଂ ଅସେ''ାଷ ବଢୁଥିବା ଲକ୍ଷ୍ୟ କରାଯାଇଛି। ଅନିଶ୍ଚିତତା ଲାଗି ରହିବାରୁ ଗତ ମାର୍ଚ୍ଚ ମାସରେ ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାର ପ୍ରଶ୍ନକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। କେବେ ଏହି ବହୁ ପ୍ରତିକ୍ଷିତ ମେଡିକାଲ କଲେଜ କାମ ଆରମ୍ଭ ହେବ ସେ ସଂପର୍କରେ ପ୍ରଶ୍ନ କରିଥିଲେ ବିଧାୟକ ଶ୍ରୀ ଦାସ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ୪ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟରେ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କିନ୍ତୁ ଏହା ଭିତରେ ୨ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କେବେ ଏହି ଭୂମିପୂଜନ କରାଯିବ ତାହା ଅସ୍ପଷ୍ଟ ରହିଛି। ଗତ ଏପ୍ରିଲ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଗସ୍ତ କରି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିବେ ବୋଲି ସରକାରୀ ସ୍ତରରେ ପ୍ରସ୍ତୁତ କରାଯାଇଥିଲା। ହେଲେ ପରେ ଏହା ବାତିଲ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀରେ ବିଭିନ୍ନ ସଂଗଠନ ତରଫରୁ ବର୍ଷ ବର୍ଷ ଧରି ଆନ୍ଦୋଳନ, ଗଣଧାରଣା, ପଦଯାତ୍ରା ଏବଂ ବଜାରବନ୍ଦ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସିଥିବା ବେଳେ ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଏହା ପ୍ରମୁଖ ମୁଦ୍ଦା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାବାସୀଙ୍କ ବୃହତ ସ୍ୱାର୍ଥରକ୍ଷା ପାଇଁ ଓଡିଶା ବିଧାନସଭାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଉଠାଇଥିଲେ। ସେହିପରି ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ମଧ୍ୟ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲୋକସଭାରେ ପ୍ରସଙ୍ଗ ଉଠାଇଥିଲେ। ଶେଷରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ୮ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ୨୦୨୫ ମାର୍ଚ୍ଚ ମାସରେ ଅନୁମତି ପ୍ରଦାନ କରିଥିଲେ। ଏହାକୁ ଆଧାର କରି ୨୦୨୫ ମାର୍ଚ୍ଚ ମାସ ଶେଷ ଭାଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମୋଦନ ଲାଭ କରିଥିବା ତାଙ୍କ ବିଧାନସଭା ଅଭିଭାଷଣ ସମୟରେ ସୂଚନା ଦେଇଥିଲେ। ପରେ ସେହିବର୍ଷ ଏପ୍ରିଲ ୩ ତାରିଖରେ ଜଗତସିଂହପୁର ଜିଲ୍ଲା ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଖୁବ୍‌ଶୀଘ୍ର ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ ବୋଲି ନିଜ ବକ୍ତବ୍ୟକୁ ଦୋହରାଇଥିଲେ। ଏହାକୁ ନେଇ ଜିଲ୍ଲାର ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ସେ ସମୟରେ ଅତ୍ୟ'' ଖୁସିବ୍ୟକ୍ତ କରିଥିଲେ। ତେବେ ଜିଲ୍ଲାର କେଉଁ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ତାହା ସ୍ପଷ୍ଟ ହୋଇ ନପାରିବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବେଶ୍ କିଛିଦିନ ବାଦବିବାଦ ମଧ୍ୟ ଚାଲିଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣାକୁ ଇତିମଧ୍ୟରେ ୧୩ ମାସ ବିତିଥିବା ବେଳେ ଏଥିପାଇଁ ସରକାର ବା ପ୍ରଶାସନିକ ସ୍ତରରେ ସ୍ଥାନ ଚିହ୍ନଟ ପ୍ରକ୍ରୀୟା ଚୂଡା'' ହୋଇ ପାରିନାହିଁ। ତେବେ ମେଡିକାଲ କଲେଜ ପାଇଁ ୪୦ ରୁ ୫୦ ଏକର ଜମି ଆବଶ୍ୟକ ଥିବାବେଳେ ଜଗତସିଂହପୁର ସଦର ବ୍ଲକ୍ ଅ''ର୍ଗତ ନିପୁର ଠାରେ ଥିବା ୨୩ ଏକର ସରକାରୀ ଜମି ଏବଂ ଆଉ ୨୫ ଏକର ଘରୋଇ ଜମି ଚିହ୍ନଟ ହୋଇଛି। ଏ ସଂପର୍କରେ ଗତ ୨୦୨୫ ମସିହା ଅକ୍ଟୋବର ମାସ ଶେଷ ଭାଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ ଇତିମଧ୍ୟରେ ୬ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ଯାହାଫଳରେ କେବଳ ଘୋଷଣାରେ ସୀମିତ ରହିଛି ମେଡିକାଲ କଲେଜ ପ୍ରତିଷ୍ଠା। ତେବେ ଜିଲ୍ଲାରେ କେବେ ପ୍ରତିଷ୍ଠା ହେବ ମେଡିକାଲ କଲେଜ ତାହାକୁ ହିଁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ।

## ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି



ଢେଙ୍କାନାଳ,୧୪।୫(ସମିସ): ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ଆପ୍‌ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରାଜ୍ୟସ୍ତରୀୟ ସାଂଗଠନିକ ବୈଠକ ମଇ ୨୪ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ଓଡିଶା ପ୍ରଭାରୀ ତଥା ଦିଲ୍ଲି କ୍ୟାଣ୍ଟ ବିଧାୟକ ବୀରେନ୍ଦ୍ର ସିଂ କାଦିଆନ ଓ ଅନ୍ୟ ୬ ଜଣ ପର୍ଯ୍ୟବେକ୍ଷକ ରହିବେ। ଆଜି ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଓ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସୋସିଆଲ ମିଡ଼ିଆ ପ୍ରଭାରୀ ବିଷ୍ଣୁପ୍ରସାଦ ପଣ୍ଡା, ଲୋକସଭା କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଅନିଲ ସାମଲ, କୋଷାଧ୍ୟକ୍ଷ ନିରଞ୍ଜନ ପତି, ଓଡାପଡ଼ା ବ୍ଲକ ସଭାପତି ପୀତାମ୍ବର ଦାସ, ଚିତ୍ତରଞ୍ଜନ ପାଣି, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ନିରଦ ଚନ୍ଦ୍ର ବାରିକ, ପ୍ରସନ୍ନ ବରାଳ, ସୁଚିତ୍ରା ସିଂ, ବିନୀତା ଡୋରା, ମଧୁସୂଦନ ମଲିକ, ସନାତନ ନାଏକ, ଜୟନ୍ତ ଦାସ, ନିରାକାର ସାହୁ ପ୍ରମୁଖ ଏକ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଆସନ୍ତା ୨୪ ତାରିଖ ପାଇଁ ଜିଲ୍ଲାରୁ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନରୁ ସମ୍ଭାବ୍ୟ ପ୍ରାର୍ଥୀ ଏବଂ ସଭାପତି ଭୁବନେଶ୍ୱର ଯିବାପାଇଁ ଚିଠା ପ୍ରସ୍ତୁତ କରାଯାଇଥିଲା। ଦେଶରେ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ତଥା ଅନ୍ୟ ନେତାମାନେ ରାଲି ସହ ବିଦେଶ ଭ୍ରମଣ କରୁଥିବାବେଳେ ଲୋକଙ୍କୁ ପେଟ୍ରୋଲ୍ ଓ ଖାଇବା ତେଲ୍ ବ୍ୟବହାର କମାଇବା ଓ ବିଦେଶ ଯାତ୍ରା ନକରିବାକୁ କହୁଥିବାରୁ ସମାଲୋଚନା କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ବୈଠକ

ଢେଙ୍କାନାଳ,୧୪।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଅଧିକାର ଉଲଂଘନ ଉପରେ ସଚେତନତା ସକାଶେ ଓଡ଼ାପଡ଼ା ବ୍ଲକର ବଦାଲୁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରକଳ୍ପ 'ଆକ୍‌ସେସ ଟୁ ଜଷ୍ଟିସ ଫର୍ ଚିଲ୍‌ଡ୍ରେନ୍ସ' ସହଯୋଗରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତିର ବୈଠକ ସରପଞ୍ଚ କ୍ରିଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଆଇନ ପୋକ୍‌ସୋ ଉପରେ ଆଲୋଚନା ହୋଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଅବସରରେ ଦେୟମୁକ୍ତ ନମ୍ବର-୧୦୯୮କୁ ଓ ପ୍ରଧାନମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଆଲୋଚନା କରାଗଲା। ଏହାସହିତ ପଞ୍ଚାୟତରେ ବାଲ୍ୟ ବିବାହକୁ ଅନୁଧ୍ୟାନ କରିବାକୁ ପାଇଁ ଏକ ବିବାହ ରେଜିଷ୍ଟର କାର୍ଯ୍ୟକାରୀ କରିବାକୁ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧନ ବ୍ୟକ୍ତି ଭାବରେ ପ୍ରକଳ୍ପର କାଉନସିଲର ମନସ୍ମିତା ନାୟକ ଯୋଗଦେଇଥିଲେ।



### ପ୍ରାକୃତିକ ବିପର୍ଯ୍ୟୟ କମିଟି ସମୀକ୍ଷା ବୈଠକ

# ବର୍ଷାଜଳ ନିଷ୍କାସନ ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଢେଙ୍କାନାଳ,୧୪।୫(ସମିସ):

ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦ୍ୱାରା ସମ୍ଭାବ୍ୟ ବନ୍ୟା ମୁକାବିଲା ନିମିତ୍ତ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପୂର୍ବରୁ ଛୋଟ ଛୋଟ ସମସ୍ୟାର ସମାଧାନ କରିଦେଲେ ଆଗକୁ ବଡ଼ ସମସ୍ୟା ଉପୁଜିବ ନାହିଁ ବୋଲି କହିବା ସହ ଏଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଯତ୍ନବାନ ହେବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ତଦାରଖ କରିବା ସହିତ କୌଣସି ଅସୁବିଧା ଥିଲେ, ଯଥାଶୀଘ୍ର ସମାଧାନ କରିବା ପାଇଁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ପରାମର୍ଶ ଦେଇଥିଲେ। ସହରରେ ମଧ୍ୟରେ ଥିବା ନାଳନର୍ଦ୍ଦମାକୁ ଯଥାଶୀଘ୍ର ସଫା କରି ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି।



ବନ୍ୟା, ବାତ୍ୟାରେ ଫସଲ ଓ ନିର୍ମାଣ ଆଦିର କ୍ଷୟକ୍ଷତି ଘଟିଲେ, ତାହାର ଆକଳନ କରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କହିଥିଲେ। କୌଣସି ଅଞ୍ଚଳରେ ଯେପରି ଜଣ୍ଡିସ୍ ଓ ଝାଡ଼ାବାନ୍ତି ନ ବ୍ୟାପିବ, ସେଥିପ୍ରତି ସମ୍ପୂର୍ଣ୍ଣ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରିତା, ଟେଲି ଯୋଗାଯୋଗ ବ୍ୟବସ୍ଥା, ଶୁଖିଲା ଖାଦ୍ୟ ମହଜୁଦ ଓ ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଉଦ୍ଧାର କାର୍ଯ୍ୟ ପାଇଁ ରାପିଡ୍ ରେସ୍ପନସ୍ ଟିମ ମୁତୟନ, ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଓ ରୋଗୀ ଚିକିତ୍ସା ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ, ଗୃହପାଳିତ ପଶୁ ସମ୍ପଦର ସୁରକ୍ଷା, ଚାଷ କାର୍ଯ୍ୟ ପରିଚାଳନା, ସାର ମହଜୁଦ ଓ ବିକ୍ରିର ତଦାରଖ କରିବା, ବହୁମୁଖୀ ଆଶ୍ରୟସ୍ଥଳୀରେ ଆନୁସାଙ୍ଗିକ ବ୍ୟବସ୍ଥା, ସରଞ୍ଜାମର ତଦାରଖ ଓ ପ୍ରସ୍ତୁତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଂଜୟ ମହାପାତ୍ରଙ୍କ ସମେତ ସମସ୍ତ ଉପ ଜିଲ୍ଲାପାଳ, ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଡ଼ିଓ , ତହସିଲଦାର, ଅଗ୍ନିଶମ ଏବଂ ଓଡ୍ରାଫର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶେଷରେ ଆପାତକାଳୀନ ଅଧିକାରୀ ସୁଦିପ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସିବିଏସ୍‌ସି ଦ୍ୱାଦଶ ପରୀକ୍ଷା

## ପିଏମ୍‌ଶ୍ରୀ ଜେଏନ୍‌ଭିର ସଫଳତା



ପରଜଙ୍ଗ,୧୪।୫(ସମିସ): ସିବିଏସ୍‌ସି ଦ୍ୱାଦଶ ପରୀକ୍ଷାରେ ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ସଫଳତାର ହାର ଉଲ୍ଲେଖନୀୟ ରହିଛି। ଦ୍ୱାଦଶ ବିଜ୍ଞାନ ଶ୍ରେଣୀରେ ପ୍ରଥମ ସ୍ଥାନ ସୌମ୍ୟ ସୌରଭ ସ୍ୱାଇଁ (୯୩%), ଦ୍ୱିତୀୟ ସ୍ଥାନ ରିଦ୍ଧିମାନ ଖୁଣ୍ଟିଆ (୯୦.୪%), ତୃତୀୟ ସ୍ଥାନ ଚନ୍ଦ୍ରଶେଖର ନାୟକ (୮୯.୮%) ରଖିଥିବା ବେଳେ ଦ୍ୱାଦଶ ଏଫଏମରେ ପ୍ରଥମ ସ୍ଥାନ ସାଇନ ସାମସମ୍ ବିଶ୍ୱାଳ (୯୭%), ଶୁଭଙ୍କର ତରାଇ (୯୪%), ବିଶ୍ୱଜିତ ବେହେରା (୯୩.୩%) ରଖି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ବିକାଶ ସାହୁ କମ୍ପ୍ୟୁଟର ବିଜ୍ଞାନରେ ୧୦୦ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ କେତନ ଶିଖର ପ୍ରଦେଶରେ ପହଞ୍ଚାଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ପ୍ରତିମା ମିଶ୍ର ତଥା ଉପାଧ୍ୟକ୍ଷ ବିଜୟ କୁମାର ନାଥ ସମସ୍ତ ଛାତ୍ରଛାତ୍ରୀ , ଅଭିଭାବକ ତଥା ଶିକ୍ଷୟିତ୍ରୀ-ଶିକ୍ଷକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆମ୍ବପଡ଼ାରେ ବାଦୀପାଲା ଉଦ୍‌ଯାପିତ



ଗଁଦିଆ,୧୪।୫(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ାରେ ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଗାୟକ ଶିଶିର ପାଢ଼ୀ ଓ ସାଥୀ ଗାୟକ ବିଶ୍ୱନାଥ ସ୍ୱାଇଁଙ୍କ ଦ୍ୱାରା ବାଦୀପାଲା ପରିବେଷଣ କରାଯାଇଥିଲା। ବର୍ତ୍ତମାନ ସମାଜରେ ଘଟୁଥିବା ବିଭିନ୍ନ ଅପସଂସ୍କୃତିରୁ ମୁକୁଳିବାକୁ ହେଲେ ମାନବ ସମାଜକୁ ପାଲା ସଂସ୍କୃତି ମାଧ୍ୟମରେ ପିଲାଠୁ ବୟସ୍କମାନେ କିଛି କିଛି ହିତୋପଦେଶ ଗ୍ରହଣ କରି ଦୈନନ୍ଦିନ ଜୀବନରେ କାମରେ ଲଗାଇବାକୁ ଗାୟକମାନେ ପାଲା ପରିବେଷଣ ମାଧ୍ୟମରେ ବୁଝାଇଥିଲେ। ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରଭୁ ସତ୍ୟନାରାୟଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଗ୍ରାମର ଯୁବକ ସନ୍ତୋଷ ଦାଶ, ପଞ୍ଚାନନ ମହାନ୍ତି, ଜନ୍ମେଜୟ ପାଣିଗ୍ରାହୀ, ଜୟନ୍ତ ଦାଶ, ଲକ୍ଷ୍ମୀଧର ବାରିକ, ସୁବ୍ରତ ନାୟକ, କମଳ କୁମାର ପଣ୍ଡା, ଅରବିନ୍ଦ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପଣ୍ଡା, ଶ୍ରୀକୃଷ୍ଣ ପାଣିଗ୍ରାହୀ, ଦୀନବନ୍ଧୁ ପଣ୍ଡା, ସୂର୍ଯ୍ୟକାନ୍ତ ଲେଙ୍କା, ଅଭୟ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କର୍ତ୍ତା ହିସାବରେ ସୁଦର୍ଶନ ପଣ୍ଡା ପୁରୋହିତ ହିସାବରେ ପ୍ରଫୁଲ ଶତପଥି ଆସ୍ଥାନ ପୂଜା କରିଥିଲେ। ଆମ୍ବପଡା ଗ୍ରାମ ୧୯୮୪ମସିହାରୁ ଆରମ୍ଭ କରିଥିବା ବୟସ୍କମାନଙ୍କୁ ପୂଜ୍ୟପୂଜାର ବ୍ୟବସ୍ଥା କରି ସମସ୍ତଙ୍କୁ ଉତ୍ତରୀୟ ସହ ଉପଢୌକନ ପ୍ରଦାନ କରଯାଇଥିଲା।

## ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ




ଢେଙ୍କାନାଳ,୧୪।୫(ସମିସ): ସର୍ବଭାରତୀୟ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲ ଯୋଗୁ ସାରା ଦେଶରେ ପ୍ରାୟ ୨୦ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଇଛନ୍ତି କେନ୍ଦ୍ର ସରକାର। ଏହାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ବିଜୁ ଯୁବ ଜନତା ଦଳ ସଭାପତି ଧର୍ମାନନ୍ଦ ପରିଡା ଓ ଛାତ୍ର ବିଜୁ ଜନତା ଦଳ ସଭାପତି ଆରିୟାନ ଦାସଙ୍କ ନେତୃତ୍ୱରେ ଢେଙ୍କାନାଳ ସହରସ୍ଥ ଗଣେଶ ବଜାରଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ଓଡିଶାର ଉଚ୍ଚ ଶିକ୍ଷାମନ୍ତ୍ରୀ ସୁର୍ଯ୍ୟବଂଶୀ ସୁରଜ ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

ବିକ୍ଷୋଭରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦୀପ ଷଡଙ୍ଗୀ, ମହିଳା ଜିଲ୍ଲା ସଭାପତି ସାଗରିକା ମିଶ୍ର, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ହିମାଂଶୁ ମହାପାତ୍ର, ମହିଳା ବିଜେଡି ନଗର ସଭାପତି ଶ୍ରଦ୍ଧାଞ୍ଜଳୀ ସାହୁ, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ଯୁବ ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ବିନୋଦ କୁମାର ସଠୀ, କାମାକ୍ଷାନଗର ଏନ୍‌ଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ରଶ୍ମିରଞ୍ଜନ ସାହୁ, ଉପେନ୍ଦ୍ର ରାଉତ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, ଛାତ୍ର ବିଜେଡି ଅନିମେଶ ବେହେରା, ସୌମ୍ୟରଞ୍ଜନ ସ୍ୱାଇଁ, ସଙ୍କଳ୍ପ ମହାପାତ୍ର, ସୌମ୍ୟରଞ୍ଜନ ଦାସ, ଧନଞ୍ଜୟ ଦାସ, ଶୁଭଙ୍କର ମହାପାତ୍ର, ସରୋଜ ପ୍ରତାପ ସିଂ, ସାନ୍ତନୁ ବେହେରା ପ୍ରମୁଖଙ୍କ ସମେତ ବହୁ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଯୁବ ସମାଜସେବୀଙ୍କ ବିୟୋଗରେ ଶୋକ

ଗଁଦିଆ,୧୪।୫(ସମିସ): ଗଁଦିଆ ବ୍ଲକ ବିଶ୍ୱନାଥପୁର ଗ୍ରାମର ପ୍ରତାପ ଦେହୁରୀ (୫୫)ଙ୍କର ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ସ୍ଥାନୀୟ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀଙ୍କ ସମେତ ଉକ୍ତ ପଞ୍ଚାୟତର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ଅଞ୍ଚଳରେ ଜଣେ ବିଶିଷ୍ଟ ସମାଜସେବୀ ଭାବେ ବେଶ୍ ଜଣାଶୁଣା। ତାଙ୍କ ବିୟୋଗରେ ନିଜସ୍ୱ ଗ୍ରାମ ବିଶ୍ୱନାଥପୁରରେ ଶୋକର ଛାୟା ଖେଳିଯାଇଛି।



## ସିନର୍ଜି ଇଞ୍ଜିନିୟରିଂ କଲେଜରେ 'ଅନର୍ଘ୍ୟ' ଉଦ୍‌ଘାଟିତ




ଢେଙ୍କାନାଳ,୧୪।୫(ସମିସ): ସ୍ଥାନୀୟ ସିନର୍ଜି ଇଞ୍ଜିନିୟରିଂ କଲେଜର କମ୍ପ୍ୟୁଟର ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ବିଭାଗ ଏବଂ ସୋସାଇଟ ଅଫ୍ ସିଏସ୍‌ଇ ଆଣ୍ଡ ଆଇଟି ପକ୍ଷରୁ ଆୟୋଜିତ ପ୍ରଯୁକ୍ତିମୂଳକ ଓ ଶିକ୍ଷା କାର୍ଯ୍ୟକ୍ରମ 'ଅନର୍ଘ୍ୟ' ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ ସହ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଏବଂ ସୋସାଇଟି ଅଫ ସିଏସଇ ଏବଂ ଆଇଟିର ସଭାପତି ଡ. ଏସ୍ ଅବିନାଶ ସ୍ୱାଗତ ଭାଷଣ ପ୍ରଦାନ କରି 'ଅନର୍ଘ୍ୟ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ଗବେଷଣା ମନୋଭାବ ଓ ଉଦ୍ୟମିତାର ଚେତନାକୁ ଉତ୍ସାହିତ କରିବାର ଏକ ସଶକ୍ତ ମଞ୍ଚ ବୋଲି କହିଥିଲେ। ସୋସାଇଟ୍ ଅଫ୍ ସିଏସ୍‌ଇ ଏବଂ ଆଇଟିର ସଚିବ ପ୍ରଫେସର ଏସ୍ ଆର୍ ଦାଶ ବାର୍ଷିକ ପ୍ରତିବେଦନ ଉପସ୍ଥାପନ କରି ବର୍ଷ ବ୍ୟାପି ଆୟୋଜିତ ବିଭିନ୍ନ ଶିକ୍ଷାମୂଳକ ଓ ପ୍ରଯୁକ୍ତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା ଓ ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡା. ଅଶ୍ୱିନୀ କୁମାର ରଥ ଯୋଗଦେଇ ସିଇଓ, ପ୍ରସିଦ୍ଧ ପ୍ରଯୁକ୍ତିବିତ୍‌ଙ୍କ ସହ ଅନେକ ପୁସ୍ତକର ଲେଖକ ଏବଂ ସଫଳ ଉଦ୍ୟୋଗପତିଙ୍କ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡା. ଅବିନାଶ ସାମଲ ଯୋଗଦେଇ ଟିସିଏସ୍‌ର ବିଭିନ୍ନ ବିଭାଗ ଉପରେ ମତବ୍ୟକ୍ତ କରିଥିଲେ। ସଂସ୍ଥାର ଡାଇରେକ୍ଟର ଡ. ଇତିଶ୍ରୀ ମହାନ୍ତି ଓ ଡ. ପି କେ ନାୟକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଆୟୋଜକମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଗବେଷଣା ଓ ପ୍ରଯୁକ୍ତିମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ 'ଅନର୍ଘ୍ୟ' ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

### କାଳବୈଶାଖୀକୁ ୧୦ ଦିନ ବିତିଲା

## ଜରିପାଲ ପାଇଁ ତହସିଲ ଘେରିଲେ ଭଦଳିଆପଶି ଗ୍ରାମବାସୀ

ଭୁବନ,୧୪।୫(ସମିସ):

କାଳବୈଶାଖୀରେ ଘର ଉଡ଼ିଯାଇଥିବାବେଳେ ସାମାନ୍ୟ ପାଲ ଖଣ୍ଡେ ବି ଦେଉନାହିଁ ତହସିଲ ପ୍ରଶାସନ। ଏହାର ପ୍ରତିବାଦରେ ଗୁରୁବାର ତହସିଲ ଘେରାଉ କରିଛନ୍ତି ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ.୨ ଭଦଳିଆପଶି କୋଲ୍‌ହ ସାହିର ଶତାଧିକ ବାସିନ୍ଦା।

ପ୍ରକାଶ ଯେ, ପ୍ରାୟ ୧୦ ଦିନରୁ ଉର୍ଦ୍ଧ୍ୱ ହେଲାଣି କାଳବୈଶାଖୀ ତାଣ୍ଡବରେ ଭଦଳିଆପଶିର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାରର ଚାଳ ଛପର ଉଡ଼ି ଯାଇଛି। ଜରିପାଲ ଦେବାକୁ ଆର୍‌ଆଇଙ୍କୁ ଗୁହାରି କରିଥିଲେ ସାହିବାସିନ୍ଦା। କିନ୍ତୁ ସହାୟତା ମିଳିବ କ'ଣ ଓଲଟି ଦୁର୍ବ୍ୟବହାର କରିଥିଲେ ଆର୍‌ଆଇ ଓ ଆବେଦନ ଗ୍ରହଣ କରିନଥିଲେ ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି।



ତହସିଲ କାର୍ଯ୍ୟାଳୟକୁ ଯାଅ ବୋଲି କହି ତାଙ୍କ ଆବେଦନକୁ ଗ୍ରହଣ କରିନଥିଲେ। ଅନ୍ୟପଟେ ଆର୍‌ଆଇଙ୍କ ତଦନ୍ତ ରିପୋର୍ଟ ନମିଳିଲେ ଆମେ ପଲିଥିନ୍ ଦେଇ ପାରିବୁ ନାହିଁ ବୋଲି ତହସିଲଦାର କହୁଥିବା ପ୍ରତିକ୍ରିୟା ରଖିଛନ୍ତି ସାହି ବାସିନ୍ଦା। ତେଣୁ ବାଧ୍ୟ ହୋଇ ଆଜି ତହସିଲ କାର୍ଯ୍ୟାଳୟ ପରିସରରେ ସାହିବାସିନ୍ଦା ପହଞ୍ଚି ହୋହଲ୍ଲା କରିଥିଲେ। ଯଥାଶୀଘ୍ର ସହାୟତା ନ ମିଳିଲେ କାର୍ଯ୍ୟାଳୟରେ ତାଲା ପକାଇଦେବାକୁ ଚେତାବନୀ ଦେଇଥିଲେ।

ସୂଚନା ଥାଉକି, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ କାହିଁ କେଉଁ କାଳରୁ ବସିତି ସ୍ଥାପନ କରି ରହୁଛନ୍ତି ଅନୁସୂଚିତ ଜନଜାତିର ଲୋକେ। ଏହା ସରକାରୀ ଜାଗା, କାହାରି ପଟ୍ଟା ନାହିଁ। ସହର ହୋଇଥିବାରୁ ଗୁଣ୍ଠିକିଆ ପଟ୍ଟା ମଧ୍ୟ ମିଳିବା ସମ୍ଭବ ନୁହେଁ। ପଟ୍ଟା ନଥିବାରୁ ଆବାସ ଯୋଜନାରେ ଘର ମିଳୁନାହିଁ। ଫଳରେ ଏମାନେ ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ କାଳବୈଶାଖୀରେ ଏମାନେ ହନ୍ତସନ୍ତ ହୋଇଥାନ୍ତି। ଶେଷରେ କାଉନ୍‌ସିଲର କୃପାସିନ୍ଧୁ ବେହେରାଙ୍କ ଘର ସାମ୍ନାରେ ଅଡ଼ି ବସିଥିଲେ ବାସିନ୍ଦା। ଆରଇଆଇ ଆସି ହାତଗଣତି କେଇ ଜଣଙ୍କୁ ପାଲ ଦେଇ ପଳାଇଛନ୍ତି। ଲୋକଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଛନ୍ତି କାଉନ୍‌ସିଲର। ଭଦଳିଆପଶି ବାସିନ୍ଦାଙ୍କ ନିମନ୍ତେ ସମସ୍ତେ କାନ୍ଦୁଛନ୍ତି ହେଲେ କାହାରି ଆଖିରେ ଲୁହ ନାହିଁ ବୋଲି କୁହନ୍ତି ବରିଷ୍ଠ ନାଗରିକ ଜଗନ୍ନାଥ ସାହୁ। ଏନେଇ ଭୁବନ ତହସିଲଦାର ଅନ୍ତର୍ଗତ ଭୁବନ ରାଜସ୍ୱ ନିରୀକ୍ଷକ ରାଜେନ୍ଦ୍ର ଭୋଇ କୁହନ୍ତି ସେମିତି କାହାକୁ ମୁଁ ବ୍ୟବହାର ଖରାପ କରିନାହିଁ। ଯେଉଁମାନେ ଯୋଗ୍ୟ ତଦନ୍ତ କରାଯିବ।

## ଟାଟାଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ହିନ୍ଦୋଳ/ଖଜୁରିଆକଟା,୧୪।୫(ସମିସ): ଢେଙ୍କାନାଳ ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ଓ ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ କରିବାକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ରାସୋଳଠାରେ ପ୍ରସ୍ତାବିତ ଡିଗ୍ରୀ ମହିଳା କଲେଜ ପାଇଁ ୪ଟି ଶ୍ରେଣୀଗୃହ ବିଶିଷ୍ଟ ବିଲ୍‌ଡିଂ ଏବଂ ଓଡ଼ାପଡ଼ା ବ୍ଲକର ଶିବପୁର ଗ୍ରାମରେ ସିମେଣ୍ଟ କଂକ୍ରିଟ୍ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଶିବପୁର ସରପଞ୍ଚ ମାନସ ନାୟକ, ଟାଟା ଷ୍ଟିଲ ମେରାମୁଣ୍ଡଳୀର କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ ମେରାମୁଣ୍ଡଳୀର ୟୁନିଟ୍ ଲିଡ୍ କୁମାର ସୌରଭଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଓ ମହିଳାମାନେ ଉପସ୍ଥିତ ଥିଲେ। ଭିତ୍ତିଭୂମିର ଉନ୍ନତି ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବ। ଟାଟା ଷ୍ଟିଲ ମେରାମଣ୍ଡଳୀର ପାଶ୍ୱର୍ବର୍ତ୍ତୀ ଗ୍ରାମାଞ୍ଚଳର ଶିକ୍ଷା, ଯୋଗାଯୋଗ ଏବଂ ଆବଶ୍ୟକ ଭିତ୍ତିଭୂମିର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



## ମାହାଙ୍ଗାରେ ଅର୍ଦ୍ଧନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

# ମନ୍ତ୍ରୀ, ବିଧାୟକଙ୍କୁ ଘେରିଗଲେ ମହିଳା

କଟକ, ୧୩।୫(ସମିସ): ମାହାଙ୍ଗା ବ୍ଲକ୍ କୋଠପଦା ଷ୍ଟାଡିୟମ୍ ପରିସରରେ ଆଜି ୨୯୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦରେ ନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ମାତ୍ର ଏହି ଉଦ୍‌ଘାଟନୀ ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହେବା ପରିବର୍ତ୍ତେ ତୀବ୍ର ବିରୋଧ, ନାରାବାଜି ଏବଂ ହଟହଟା ମଧ୍ୟରେ

### କଂଗ୍ରେସର ପ୍ରତିବାଦ, ୧୦ରୁ ଊର୍ଦ୍ଧ୍ୱ କର୍ମୀ ଗିରଫ

ଶେଷ ହୋଇଛି। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇ ନଥିବା ଅଭିଯୋଗ କରି ଶତାଧିକ ମହିଳା ମନ୍ତ୍ରୀ ଓ ବିଧାୟକଙ୍କୁ ଘେରିଥିବା ବେଳେ ପ୍ରତିବାଦ ପ୍ରଦର୍ଶନ କରିଥିବା ୧୦ରୁ ଅଧିକ କଂଗ୍ରେସ କର୍ମୀଙ୍କୁ ପୁଲିସ ଗିରଫ କରିଛି।

ସୂଚନାନୁଯାୟୀ, ବିଗତ ନବୀନ ପଟ୍ଟନାୟକ ସରକାରଙ୍କ ଶାସନ କାଳରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ ୨୦୧୮ ମସିହାରେ ଏହି ବୃହତ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ମେଗା ପ୍ରକଳ୍ପ ଜରିଆରେ ମାହାଙ୍ଗା ବ୍ଲକର ୩୭ଟି ଓ ନିଶ୍ଚିନ୍ତକୋଇଲି ବ୍ଲକ୍‌ର ୭ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ, ବିଭାଗୀୟ ଠିକାଦାରଙ୍କ ଅତ୍ୟନ୍ତ ମନ୍ଥର କାର୍ଯ୍ୟ ଯୋଗୁଁ ନିର୍ଦ୍ଧାରିତ ଅବଧି ଦୁଇ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପ ନେଇପାରିନାହିଁ। ଏହି ଅର୍ଦ୍ଧନିର୍ମିତ ପ୍ରକଳ୍ପକୁ ମନ୍ତ୍ରୀ ଶ୍ରୀ ନାଏକ ଅତ୍ୟନ୍ତ ତରବରିଆ ଭାବେ ଲୋକାର୍ପଣ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଅସନ୍ତୋଷ ଜୋର ଧରିଛି। ଲୋକାର୍ପଣ ଉତ୍ସବ ପାଇଁ ମନ୍ତ୍ରୀ ଓ ମାହାଙ୍ଗା



ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଆସୁଥିବା ବେଳେ ବାଜପୁରା ପଞ୍ଚାୟତ ଶଶିଲୋ ଗ୍ରାମର ଶତାଧିକ ମହିଳା ସେମାନଙ୍କ ଗାଡ଼ିକୁ ଅଟକାଇ ଘେରଉ କରିଥିଲେ। ଗାଁକୁ ଏ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣର କୌଣସି ବ୍ୟବସ୍ଥା ହୋଇ ନ ଥିବା ନେଇ ମହିଳାମାନେ ଉଭୟ ନେତାଙ୍କୁ ପ୍ରଶ୍ନ କରିବା ସହ ତୀବ୍ର ଅସନ୍ତୋଷବ୍ୟକ୍ତ କରିଥିଲେ। ମହିଳାମାନଙ୍କ ଜୋରଦାର୍ ପ୍ରତିବାଦ ଯୋଗୁଁ ମନ୍ତ୍ରୀ ଓ ବିଧାୟକ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବା ସହ ହଟହଟା ହୋଇଥିଲେ। ଉତ୍ସବରେ ବିଧାୟକ ଶ୍ରୀ ପ୍ରଧାନ ପୂର୍ବତନ ମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ ହେଁ ସାଧାରଣ ଲୋକଙ୍କ ଆବଶ୍ୟକତା ପୂରଣ ନ କରି ଫଳକ ମାରିବା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ଅପରପକ୍ଷେ, ବ୍ଲକ୍ କଂଗ୍ରେସ ସଭାପତି ଦୀପକ ମହାନ୍ତିଙ୍କ ନେତୃତ୍ୱରେ କୁଆଁପାଳଠାରେ କଂଗ୍ରେସ କର୍ମୀମାନେ ଏହି ବେଆଇନ ଉଦ୍‌ଘାଟନ ବିରୋଧରେ ବିରାଟ ପ୍ରତିବାଦ କରିଥିଲେ। କର୍ମୀମାନେ 'ବିଜେପି ସରକାର ହାଏ ହାଏ' ଓ 'ମାହାଙ୍ଗା ବିଧାୟକ ଡାଉନ ଡାଉନ୍' ନାରାବାଜି କରିବା ସହ କଳାପତାକା ପ୍ରଦର୍ଶନ କରିଥିଲେ।

ମାହାଙ୍ଗା ଥାନା ପୁଲିସ ଏହି ଘଟଣାରେ ବ୍ଲକ୍ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ସେକ୍ ମାସୁଦ ଅଲ୍ଲୀ, ସୌକତ ଅଲ୍ଲୀ, ସୁକାନ୍ତ ନନ୍ଦ, ଅରୁଣ ନାଥ, ଆକାଶ ପ୍ରଧାନ ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। ଲୋକାର୍ପଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଗିରଫ କର୍ମୀମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବା ଏକ ପ୍ରକଳ୍ପକୁ କେବଳ ଶ୍ରେୟ ନେବା ପାଇଁ ଉଦ୍‌ଘାଟନ କରାଯିବା ଘଟଣା ଏବେ ସାରା ଜିଲ୍ଲାରେ ରାଜନୈତିକ ଉଷ୍ମତା ବଢ଼ାଇ ଦେଇଛି।

## ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ

# ନିରାଡ଼ମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୧୪।୫(ସମିସ): ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହେବାକୁ ଯାଉଛି। ଏହି ପ୍ରରିପେକ୍ଷୀରେ ଗୁରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି। ସେଥିପାଇଁ ଏହି ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍‌ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍‌ଧି ହେଉଛି ଲୋକଙ୍କ ପାଇଁ। ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍‌ଧିର

### ୧୨ରୁ ୨୧ ଜୁନ୍ ପର୍ଯ୍ୟନ୍ତ ପାଳନ କରାଯିବ, ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ

ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ। ବୈଠକରୁ ଜଣାଯାଇଛି ଯେ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପ୍ରଭାତୀ ପରିଡା, ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରଥଖଳାରୁ...

# ୧୪ ନାହାକା ଚଉପଟ କାମ ଆରମ୍ଭ



ପୁରୀ, ୧୪।୫ (ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ତିନି ରଥର ୪୨ଚକ ମଧ୍ୟରୁ ୩୨ଟି ଚକ ନିର୍ମାଣ ଶେଷ ହୋଇଛି। ତିନିରଥର ବାକି ଚକଗୁଡ଼ିକର ନିର୍ମାଣ ପାଇଁ ଭୋଇ ସେବକମାନେ ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସେହିପରି, ତିନିରଥର ୧୪ନାହାକା ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ତିନି ରଥର ୧୨ଟି ଲେଖାଏଁ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ ପାଇଁ ଚଉତାରେ ମାପଚିହ୍ନ ଦିଆ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନିରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମିନ ତିନିରଥ ଚାଲିକୁ ୪ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଥିଲେ। ଏହାର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ପ୍ରତ୍ୟେକ ରଥର ସାଲଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ମଧ୍ୟ ଚାଲିଛି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମର ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

■ ଛତ୍ରପୁରରେ ପେଟ୍ରୋଲ ସଙ୍କଟ

# ବାଇକକୁ ୨୦୦, କାର୍‌କୁ ୫୦୦ ଟଙ୍କାରୁ ଅଧିକ ମିଳୁନି

ଛତ୍ରପୁର,୧୪।୫(ସମିସ): ତେଲ ସଂକଟରୁ ଛତ୍ରପୁର ବାଦ୍ ପଡ଼ିନି। ଏଠାରେ ଥିବା ବିଭିନ୍ନ ତେଲ ଟାଙ୍କିରେ ବାଇକ୍ ପିଛା ୨୦୦ ଟଙ୍କା ଓ କାର୍ ପିଛା ୫୦୦ ଟଙ୍କାରୁ ଅଧିକ ମିଳୁନି ପେଟ୍ରୋଲ। ଫଳରେ ନାହିଁ ନଥିବା ଅସୁବିଧାର ଶିକାର ହେଉଛନ୍ତି ଜନତା। ଛତ୍ରପୁର ସହର ମଧ୍ୟରେ ଥିବା ଓପିଡିସି ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ନଥିବାରୁ ଏଭଳି ହୋଇଥିବା ଦେଖିବାକୁ ମିଳିଛି। ସହରରେ ଥିବା ପେଟ୍ରୋଲ ତେଲର ଅଭାବ ଜନ ସାଧାରଣଙ୍କୁ ଚିନ୍ତାରେ ପକାଇଛି।

## ନର୍ସିଂ କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୪।୫ (ସମିସ): ୨୦୨୫ ନଭେମ୍ବର ୧୬ରେ ଘଟିଥିବା ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଛତାବରସ୍ଥିତ ଏକ ନର୍ସି କଲେଜ ଛାତ୍ର ମହମ୍ମଦ ଅଜିମ ଉଦ୍ଦିନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଛାତ୍ରଙ୍କ ପରିବାରସଦସ୍ୟଙ୍କ

### ଫୋରେନସିକ୍ ରିପୋର୍ଟ ମିଳିବା ପୂର୍ବରୁ ଚୂଡ଼ାନ୍ତ ଫର୍ମ ଦାଖଲକୁ ନେଇ ଆପତ୍ତି

ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ ନକରି ଚନ୍ଦକା ଥାନାର ତଦନ୍ତକାରୀ ଅଧିକାରୀ ତରବିରିଆ ଭାବେ ମାମଲାରେ ଫାଇନାଲ ଫର୍ମ ଦାଖଲ କରିଥିବା ନେଇ ମାମଲାର ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ହୋଇଥିବା ତଦନ୍ତକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ଚନ୍ଦକା ଥାନା ମାମଲାର ପୁନଃତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ମାମଲା ସଂପର୍କିତ କେସ୍ ଡାଏରି ଓ ପ୍ରାସଙ୍ଗିକ ଦସ୍ତାବିଜ୍ ଭୁବନେଶ୍ୱର କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କୁ ୧୦ଦିନ ଭିତରେ ଚନ୍ଦକା ଥାନା ଆଇଆଇସି ହସ୍ତାନ୍ତର କରିବେ। ଏହି ଘଟଣାର ଜଣେ ଦକ୍ଷ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି, ଫୋରେନସିକ୍ ସାଇନ୍ସ ଲାବରୋଟାରି (ଏସଏଫଏସଏଲ)ରୁ ମୃତକଙ୍କ ମୋବାଇଲ ଫୋନ ଓ ଭେସେରା ପରୀକ୍ଷା ରିପୋର୍ଟ ମିଳିବା ପୂର୍ବରୁ ତଦନ୍ତକାରୀ ଅଧିକାରୀ ୨୦୨୬, ଫେବ୍ରୁଆରି ୨୮ରେ ଅଭିଯୋଗ ନେଇ କିଛି ସୁରାକ/ପ୍ରମାଣ ନଥିବା ଦର୍ଶାଇ ମାମଲାରେ ଫାଇନାଲ ଫର୍ମ ଦାଖଲ କରିଥିବା ଜଣା ପଡ଼ିଥିଲା।

ମାମଲାରୁ ପ୍ରକାଶ ଯେ ନର୍ସି କଲେଜର ଛାତ୍ରାବାସର ତୃତୀୟ ମହଲାରେ ଥିବା ଏକ କୋଠରିରେ ତାଙ୍କ ସହପାଠୀ ଛାତ୍ର ଆମ୍ବହତ୍ୟା କରିଥିବା ଜଣେ ଛାତ୍ର କହିଥିଲେ। ଏହାପରେ ଅନ୍ୟ କେତେକ ଛାତ୍ର କୋଠରିର କବାଟ ଭାଙ୍ଗି ଭିତରେ ପାଶି ଏକ ଦଉଡ଼ିରେ ଛାତ୍ରଜଣଙ୍କ ଝୁଲି ରହିଥିବା ଦେଖିଥିଲେ। ଦଉଡି କାଟି ଛାତ୍ରଙ୍କୁ ୱାର୍ଡେନ୍ ଓ ଅନ୍ୟ ଛାତ୍ରମାନେ ସ୍ଥାନୀୟ ମେଣ୍ଢାଶାଳ ସିଏଚ୍‌ସିକୁ ନେଇଥିଲେ। ସେଠାରେ ଛାତ୍ରଙ୍କୁ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଛାତ୍ରଙ୍କ ମୃତ୍ୟୁ ଘଟଣାରେ ପରିବାର ତରଫରୁ ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିଲା। ଚନ୍ଦକା ଥାନା ପୁଲିସ ଘଟଣାର ଉପଯୁକ୍ତ ତଦନ୍ତ କରୁନଥିବା ଦର୍ଶାଇ ମୃତ ଛାତ୍ରଙ୍କ ପରିବାର ତରଫରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ମାମଲା ବିଚାରାଧୀନ ଥିବା ବେଳେ ତଥା ଏସ୍‌ଏଫ୍‌ଏସ୍‌ଏଲରୁ ପରୀକ୍ଷା ରିପୋର୍ଟ ମିଳି ନଥିବା ସ୍ଥିତିରେ ତଦନ୍ତକାରୀ ଅଧିକାରୀ ମାମଲାରେ ଫାଇନାଲ ଫର୍ମ ଦାଖଲ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକୁ ନ ନେଇ ତଦନ୍ତକାରୀ ଅଧିକାରୀ ତରବରିଆ ଭାବେ ଫାଇନାଲ ଫର୍ମ ଦାଖଲ କରିଥିଲେ ବୋଲି ଅଭିଯୋଗ ହୋଇଥିଲା।

## ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ବୃଦ୍ଧି ପାଉଥିବା ଅପରାଧର ପ୍ରତିବାଦ

# ଡିଜି ଅଫିସ୍ ଘେରିଲା ବିଜେଡି



କଟକ,୧୪।୫(ସମିସ): ରାଜ୍ୟରେ ବିଜେପି ସରକାର ଅମଳରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରି କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆଜି ଏକ ବିରାଟ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଫୁଲ୍ଲକୁମାର ସିଂହଙ୍କ ନେତୃତ୍ୱରେ କଟକ ମାତାମଠରୁ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ମସ୍ତାନ ଦରଘା ଓ ମଣିସାହୁ ଛକ ଦେଇ ବକ୍ସିବଜାରସ୍ଥିତ ପୁଲିସ୍ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁଲିସ ଡିଜିଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାରେ ଅପରାଧ ହାର ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ସଦ୍ୟତମ ରିପୋର୍ଟ ଅନୁସାରେ, ଓଡ଼ିଶାରେ ଜନସଂଖ୍ୟା ଅନୁପାତରେ ଗୁରୁତ୍ୱର ଅପରାଧ ପଞ୍ଜୀକରଣ ଦେଶରେ ସର୍ବାଧିକ ରହିଛି। ୨୦୨୪ ମସିହାରେ ପ୍ରତି ୧ଲକ୍ଷ ଲୋକଙ୍କ ମଧ୍ୟରେ ୧୬୧.୬ ଜଣ ବ୍ୟକ୍ତି ହତ୍ୟା, ଦୁଷ୍କର୍ମ ଓ ଅପହରଣ ଭଳି ଅପରାଧର ଶିକାର ହୋଇଥିବା ବେଳେ ମହିଳା ବିରୋଧୀ ଅପରାଧରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପୁଲିସର ଅପାରଗତା ଯୋଗୁଁ ଅପରାଧୀଙ୍କ ମନୋବଳ ବଢୁଛି। ବାଲିଅନ୍ତା ସୌମ୍ୟ ସ୍ୱାଇଁ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ସୁନ୍ଦରଗଡ଼, ନୟାଗଡ଼ ଓ ବାଲେଶ୍ୱରରେ ଘଟୁଥିବା ଅଭାବନୀୟ ଘଟଣାଗୁଡ଼ିକ ପୁଲିସର ବିଫଳତାକୁ ସ୍ପଷ୍ଟ କରୁଛି। ଏପରିକି, ରାଜଧାନୀରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ଦୁର୍ଗାପୂଜା ସମୟରେ କଟକର ଅଶାନ୍ତ ପରିସ୍ଥିତି ପାଇଁ ପ୍ରଶାସନକୁ ଦାୟୀ କରାଯାଇଛି। ଆମେରିକା ପରି ରାଷ୍ଟ୍ର ନିଜ ନାଗରିକଙ୍କୁ

■ ରାଜ୍ୟରେ ବଢୁଥିବା ହିଂସାକୁ ନେଇ ଗର୍ଜିଲେ ହଜାର ହଜାର କର୍ମୀ
■ ପୁଲିସର ଅପରାଗତା ବଢ଼ାଇଛି ଅପରାଧୀଙ୍କ ମନୋବଳ
■ ଏନ୍‌ସିଆର୍‌ବି ତଥ୍ୟକୁ ନେଇ ସରକାରଙ୍କୁ ଘେରିଲା ବିଜେଡି
■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଓଡ଼ିଶା ନଆସିବାକୁ ପରାମର୍ଶ ଦେବା ରାଜ୍ୟ ପାଇଁ ଏକ ଲଜ୍ଜାଜନକ ବିଷୟ ବୋଲି ବିଜେଡି କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ୍ୟ ଦଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

ମାଲକାନଗିରି ମଟାପକା ଗ୍ରାମରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟଙ୍କୁ ଆକ୍ରମଣ, ସମ୍ବଲପୁରରେ ଜୁଏଲ ଶେଖ୍ ହତ୍ୟାକାଣ୍ଡ, ବାଲେଶ୍ୱରରେ ଗୋ-ଚାଲାଣ ସନ୍ଦେହରେ ହତ୍ୟା ଏବଂ ଢେଙ୍କାନାଳରେ ପାଷ୍ଟର ବିପିନ ବିହାରୀ ନାଏକଙ୍କୁ ଅମାନୁଷିକ ନିର୍ଯାତନା ଦିଆଯିବା ଭଳି ଘଟଣାଗୁଡ଼ିକୁ ପ୍ରମାଣ ଭାବେ ଉପସ୍ଥାପନ କରାଯାଇଛି। ଏହି ସବୁ ଘଟଣାରେ ଅପରାଧୀମାନେ ଏକ ନିର୍ଦ୍ଦିଷ୍ଟ ବିଚାରଧାରାର ହୋଇଥିବାରୁ ସରକାର ସେମାନଙ୍କ ବିରୋଧରେ କୋହଳ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି।

ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପ-ସଭାପତି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବରିଷ୍ଠ ସାଧାରଣ ସମ୍ପାଦକ ଚନ୍ଦ୍ରସାରଥୀ ବେହେରା, ରାଜ୍ୟସଭା ସାଂସଦ ସୁଲତା ଦେଓ, ସିଏମ୍‌ସି ମେୟର୍ ସୁବାସ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, ବିଧାୟକ ପ୍ରଶାନ୍ତ ବେହେରା, ଡା. ପ୍ରମୋଦ ମଲ୍ଲିକ, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ସୁରେନ୍ଦ୍ର ନାଥ ମହାପାତ୍ର, ଶିଶିର ପରିଜା, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ସୌମିତ ମିତ୍ର, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ, ରାଜ୍ୟ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ, ମହିଳା ବିଜେଡି ଜୋନାଲ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ପରିଡ଼ା, କଟକ ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ରଞ୍ଜନ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ବେହେରା, କଟକ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରମଜାନ ଖାନ, ସୟଦ ଏକ୍ରାମ ହୁସେନ, ନିଶିତ କରଣ, ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସିଏମସି କର୍ପୋରେଟର, କାଉନସିଲରଙ୍କ ସହ ହଜାର ହଜାର ବିଜୁ ଜନତା ଦଳ କର୍ମୀ ନେତା ବିକ୍ଷୋଭରେ ଯୋଗ ଦେଇଥିଲେ। ପକ୍ଷପାତ ନ କରି ଅପରାଧୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

■ ମହଙ୍ଗା ପଡ଼ିଲା ଗଞ୍ଜେଇ ଡିଲ୍

# ଝାରବନ୍ଧ ଥାନା ଅଧିକାରୀ ନିଲମ୍ବିତ

ବରଗଡ଼,୧୪। ୫(ସମିସ): ମହଙ୍ଗା ପଡ଼ିଲା ମାଫିଆଙ୍କ ସହ ଗଞ୍ଜେଇ ଡିଲ୍। ଏକ ଟ୍ରକ୍‌ରେ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ପାର୍ କରିବା ପାଇଁ ଏକ ବଡ଼ ଡିଲ୍ ଚାଲିଥିବା ବେଳେ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଗଞ୍ଜେଇ ସହ ଟ୍ରକ୍‌କୁ ଜବତ କରିଥିଲେ। ଘଟଣାର ତଦନ୍ତ ପରେ ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଢ଼ୀଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ପରେ ପୁଲିସ୍ ଡିଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ସ୍ଥାନରେ ବରଗଡ଼ ସାଇବର



ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ଆଇଆଇସି ମାଢ଼ୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଉଥିବା ସୂଚନା ମିଳିଛି। ସେହିପରି ଏଏସ୍‌ଆଇ କୌଶିକ ସାହୁ, କନଷ୍ଟେବଲ ଚିତ୍ତରଞ୍ଜନ ପଣ୍ଡାଙ୍କୁ ନଲମ୍ବିତ କରିଥିବା ବେଳେ ହୋମଗାର୍ଡ ଦେବାର୍ଚ୍ଚନ ନିଆଳଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ପ୍ରକାଶଯୋଗ୍ୟ, ଗତ ୫ତାରିଖ ବରଗଡ଼ ପୁଲିସ ମୁଖ୍ୟାଳୟରେ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ସମସ୍ତ ଥାନା ଅଧିକାରୀଙ୍କୁ ନେଇ ବୈଠକ ହୋଇଥିଲା। ଜିଲ୍ଲାରେ ଦିନକୁ ଦିନ ବଢୁଥିବା ଅପରାଧିକ କାର୍ଯ୍ୟକଳାପ କେମିତି ନିୟନ୍ତ୍ରଣ ହେବ, ସେ ସଂପର୍କରେ ଏସ୍‌ପି ଚର୍ଚ୍ଚା କରୁଥିବା ବେଳେ ଝାରବନ୍ଧ ଥାନାର କିଛି ତଳିଆ କର୍ମଚାରୀ ଗଞ୍ଜେଇ ମାଫିଆଙ୍କ ସହ ଡିଲ୍ କରୁଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ଅନୁଗୋଳ,୧୪।୫(ସମିସ): ଅନୁଗୋଳ ବନାଞ୍ଚଳ କରତପଟା ସେକ୍ସନ ନନ୍ଦପୁର ପଞ୍ଚାୟତ କୁସୁମପାଟ ଗ୍ରାମ ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସେହିଗ୍ରାମର ପ୍ରମିଳା ସାହୁ (୬୫)। ଗାଁ ଠାରୁ ଅଳ୍ପ କିଛି ଦୂରରେ ଥିବା ଗୋଟିଏ ଆମ୍ବ ତୋଟାକୁ ଆଜି ଭୋର୍ ସକାଳ ସାଢ଼େ ୪ଟାରେ ଆମ୍ବ ଗୋଟାଇଯାଇଥିବା ବେଳେ ବୃଦ୍ଧାଙ୍କୁ ହାତୀ କଚାଡ଼ି ଦେଇଥିଲା। ଯାହାଫଳରେ ତାଙ୍କର ଗୋଟିଏ ଜଂଘ ଭାଙ୍ଗି ଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚି ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଝାରସୁଗୁଡ଼ା ବିଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର

ଝାରସୁଗୁଡ଼ା, ୧୪।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ବିଜେପିରେ ଗୋଷ୍ଠୀକନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ସାଧାରଣତଃ ଶାସକ ଓ ବିରୋଧୀ ଦଳ ବିଧାୟକଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଉଗ୍ର ହେବାର ନଜିର ରହିଥିବା ବେଳେ ଝାରସୁଗୁଡ଼ାରେ କିନ୍ତୁ ବିଜେପିର ଦୁଇ ବିଧାୟକଙ୍କ ମଧ୍ୟରେ ଥିବା କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଝାରସୁଗୁଡ଼ା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମାଲୋଚନା ଏବଂ ଏହାକୁ ନେଇ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡାଙ୍କ ଉପସ୍ଥିତିରେ ବିଜେପି ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ପରେ ଝାରସୁଗୁଡ଼ା ବିଜେପିର ଗୋଷ୍ଠୀକନ୍ଦଳ ଏବେ ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି।

ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଭାସମିତିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବାରମ୍ବାର କଟୁ କଥା କହି ଆକ୍ଷେପ ଏବଂ ସମାଲୋଚନା କରୁଥିବା ନେଇ ବ୍ରଜରାଜନଗର ମଣ୍ଡଳ ବିଜେପି ପକ୍ଷରୁ ଆଜି ବେଲପାହାଡ଼ସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଝାରସୁଗୁଡ଼ା ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ସ୍ଥାନକୁ ଯାଇ ଲୋକଙ୍କ ସୁଖଦୁଃଖ ବୁଝୁଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ସେ କିଛି ଦିନ ହେଲା ବ୍ରଜରାଜନଗର ଗସ୍ତରେ ଆସିପାରୁନାହାନ୍ତି। ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ସମିତିରେ କଟୁ କଥା କହିବା ସହ ସମାଲୋଚନା କରିବା ଗ୍ରହଣୀୟ ନୁହେଁ। ତେଣୁ ବିଧାୟକ ଏପରି ନକରି ଦଳର ନୀତି ଆଦର୍ଶରେ ଚାଲନ୍ତୁ ଏବଂ ରାଜସ୍ୱମନ୍ତ୍ରୀଙ୍କୁ ସମାଲୋଚନା ଏବଂ ନିନ୍ଦା କରିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସହ ସଞ୍ଜୟ ସିଂ, ତପନକାନ୍ତ ଜେନା, କୈଳାଶ ନାଏକ, ରାଜକୁମାର ଅଗ୍ରୱାଲ, ମୋନାଲିସା ମୋଦକ ପ୍ରମୁଖଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ସୂଚନାନୁଯାୟୀ, ଗତ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ 'ମେଧାବୀ ସମ୍ବର୍ଦ୍ଧନା' ସମାରୋହରେ ରାଜସ୍ୱ ମନ୍ତ୍ରୀ ଭୁବନେଶ୍ୱରରୁ ଶ୍ରୀ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସେ ନିଜ ବକ୍ତବ୍ୟ ଦେଇ ଆଭାସୀରୁ ଓହରି ଯାଇଥିଲେ। ଏହାକୁ ନେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଞ୍ଚ ଉପରେ କଡ଼ା ସମାଲୋଚନା କରିଥିଲେ। ମନ୍ତ୍ରୀଙ୍କୁ ସିଧାସଳଖ ସମାଲୋଚନା କରି କହିଥିଲେ, 'ପ୍ରାଇଭେଟ୍ କମ୍ପାନୀ କାର୍ଯ୍ୟକ୍ରମକୁ ଆସିବା ପାଇଁ ସମୟ ମିଳୁଛି, ହେଲେ ଜିଲ୍ଲା ମେଧା ସମ୍ମାନକୁ ଆସୁନାହାନ୍ତି କାହିଁକି?' ଶାରୀରିକ ଅସୁସ୍ଥତାକୁ ଆଳ କରି ସରକାରୀ କାର୍ଯ୍ୟକ୍ରମ ଏଡ଼ାଇ ଯାଉଥିବା ବେଳେ ବେସରକାରୀ ଶିକ୍ଷସଂସ୍ଥାର କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଉପସ୍ଥିତିକୁ ସେ ଛାତ୍ରଛାତ୍ରୀଙ୍କ ପ୍ରତି ଅପମାନ ବୋଲି ଅଭିହିତ କରିଥିଲେ।

■ ବିଧାୟକଙ୍କ ବିରୋଧରେ ବ୍ରଜରାଜନଗର ବିଜେପିର ସାମ୍ବାଦିକ ସମ୍ମିଳନୀ
■ ରାଜସ୍ୱ ମନ୍ତ୍ରୀଙ୍କୁ ସମାଲୋଚନା ଓ ନିନ୍ଦା କରିବାରୁ କ୍ଷାନ୍ତ ରୁହନ୍ତୁ ବିଧାୟକ; ଜିଲ୍ଲା ସଭାପତି

ଏହାର ପ୍ରାୟ ସପ୍ତାହେ ପୂର୍ବେ ମଧ୍ୟ ଏକ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଟଙ୍କଧର କଡ଼ା ସମାଲୋଚନା କରିଥିଲେ। ଏହି ପ୍ରସଙ୍ଗରେ ଗୁରୁବାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଝାରସୁଗୁଡ଼ା ବିଧାୟକଙ୍କୁ ବିରୋଧ ପ୍ରସଙ୍ଗ ଏବେ ଝାରସୁଗୁଡ଼ା ଜିଲ୍ଲା ବିଜେପିର ଗୋଷ୍ଠୀକନ୍ଦଳକୁ ସ୍ପଷ୍ଟ କରିଛି। ଏହା ଜିଲ୍ଲାରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଏହି ଅନ୍ତଃକନ୍ଦଳ ଆଗାମୀ ଦିନରେ ଦଳ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

## ଆଜିର ଇତିହାସ

- ୧୮୧୭- ସମାଜ ସଂସ୍କାରକ ଦେବେନ୍ଦ୍ରନାଥ ଟାଗୋର୍‌ଙ୍କ ଜନ୍ମ।
- ୧୯୩୫- ମସ୍କୋ ମେଟ୍ରୋ ସର୍ବସାଧାରଣଙ୍କ ପାଇଁ ଖୋଲାଗଲା।
- ୧୯୫୮- ସୋଭିଏତ୍ ସଂଘ ସ୍ପୁଟନିକ୍-୩ କୃତ୍ରିମ ଉପଗ୍ରହ ଲଞ୍ଚ୍ କଲା।
- ୧୯୯୫- ଇଂଲଣ୍ଡର ଏଲିସନ୍ ହର୍‌ଗ୍ରୀଭ୍ସ ବିନା ଅକ୍ସିଜେନ ସିଲିଣ୍ଡରରେ ଏଭରେଷ୍ଟ ଶିଖରରେ ପହଞ୍ଚିବାରେ ପ୍ରଥମ ମହିଳା ହେଲେ।


## ଆଜି ବାହୁଡ଼ିଥିଲେ

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



ଓଡ଼ିଆ ସାହିତ୍ୟର ସବୁଜ ଗୋଷ୍ଠୀର କବିମାନଙ୍କ ମଧ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଅନ୍ୟତମ। ତାଙ୍କ ରଚିତ 'ମାଟିର ମଣିଷ' ଏକ ସଫଳ କାଳଜୟୀ ସୃଷ୍ଟି । 'ମାଂସର ବିଳାପ' ଓ 'ଉପହାର' ଭଳି ଗଳ୍ପ ଓଡ଼ିଆ ସାହିତ୍ୟରେ ଅନନ୍ୟ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଏକାଧାରରେ ଜଣେ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଭାବେ ସେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ମନୋମୁଗ୍ଧକର ଶବ୍ଦ ସଂଯୋଜନା ଓ କବିତାର ସାମାଜିକ ତଥା ନୈତିକ ଆବେଦନ ତାଙ୍କ ଲେଖାର ମୁଖ୍ୟ ଆକର୍ଷଣ ଥିଲା। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଜୁଲାଇ ୨ ତାରିଖରେ ଜନ୍ମ ନେଇଥିଲେ। ପୁରୀରେ ହିଁ କାଳିନ୍ଦୀଚରଣଙ୍କ ବାଲ୍ୟଜୀବନ କଟିଥିଲା ଓ ସେଠାରେ ହିଁ ସେ ତାଙ୍କର ହାଇସ୍କୁଲ ପାଠପଢ଼ା ଶେଷକରି ରେଭେନ୍ସାରେ ନାମ ଲେଖାଇଥିଲେ। କାଳିନ୍ଦୀଚରଣ ଶୈଶବରେ 'ଉତ୍କଳମଣି' ଗୋପବନ୍ଧୁ ଓ 'ଭକ୍ତକବି' ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବଢ଼ିଥିଲେ। ପନ୍ଦର ବର୍ଷ ବୟସରେ ସେ ଲେଖିଥିଲେ 'ଅଶାନ୍ତି' ନାମକ କବିତା। ରେଭେନ୍‌ସା କଲେଜରେ ପଢୁଥିବା ବେଳେ ଚାରି ବନ୍ଧୁ କାଳିନ୍ଦୀଚରଣ, ଅନ୍ନଦାଶଙ୍କର, ଶରତଚନ୍ଦ୍ର ଓ ବୈକୁଣ୍ଠନାଥ (ପରେ ଯୋଗଦେଇଥିଲେ ହରିହର ମହାପାତ୍ର) ସାହିତ୍ୟର ପ୍ରସାର ପାଇଁ ଗଢ଼ିଥିଲେ 'ନନ୍‌ସେନ୍‌ସ କ୍ଳବ୍'। ଏହି ଦଳରେ ଥିବା ନଅ ଜଣ ଲେଖକ-ଲେଖିକା "ଉତ୍କଳ ସାହିତ୍ୟ" ପତ୍ରିକାରେ "ବାସନ୍ତୀ" ନାମକ ଏକ ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ। ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା । କାଳିନ୍ଦୀଚରଣ ଥିଲେ ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'ର ସହ-ପ୍ରତିଷ୍ଠାତା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ । ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କ ରଚିତ 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମର ଚିତା', 'ଅମରାବତୀ' ଓ 'ମୁକ୍ତାଗଡ଼ର କ୍ଷୁଧା' ଭଳି କାଳଜୟୀ ଉପନ୍ୟାସ। ତାଙ୍କ ରଚିତ 'ଦ୍ୱାଦଶୀ', 'ରାଶିଫଳ', 'ଶେଷ ରଶ୍ମି', 'ସାଗରିକା', 'ମୋ କଥା ସରିନାହିଁ' ଇତ୍ୟାଦି କ୍ଷୁଦ୍ରଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପସମୂହ ଆବେଗଧର୍ମୀ ଓ ମନନଶୀଳ ବୈଚିତ୍ର୍ୟରେ ପରିପୂର୍ଣ୍ଣ । ବାସ୍ତବବାଦୀ ଓ ଆଦର୍ଶବାଦୀ ସାହିତ୍ୟ ରଚନା ଥିଲା ତାଙ୍କର ଆଭିମୁଖ୍ୟ। ତାଙ୍କ ରଚିତ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ଯଥାକ୍ରମେ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା। ତାଙ୍କର ଆତ୍ମଜୀବନୀ 'ଯାହା ଅଙ୍ଗେ ନିଭେଇଛି' ଓଡ଼ିଶାର ସାହିତ୍ୟ ଭଣ୍ଡାର ପାଇଁ ଏକ ଅବିସ୍ମରଣୀୟ ଅବଦାନ। ୧୯୯୧ ମହିହା ଆଜିର ଦିନରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

# ମୁମ୍ବାଇରେ 'ପେଡ୍ଡି'ର ଟ୍ରେଲର୍



ଚଳିତବର୍ଷ ଯେଉଁ କେତୋଟି ଫିଲ୍ମର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି ତନ୍ମଧ୍ୟରେ ରାମଚରଣଙ୍କ ଅଭିନୀତ 'ପେଡ୍ଡି' ରହିଛି। ଦର୍ଶକେ ଏବେ ରାମଚରଣଙ୍କୁ ଏହି ସ୍ପୋର୍ଟସ୍ ଡ୍ରାମାରେ ଦେଖିବାକୁ ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମର 'ଚିକିରି ଚିକିରି' ଓ 'ରାୟ ରାୟ ରା ରା' ଗୀତ ପୂର୍ବରୁ ହିଟ୍ ହୋଇଛି। ଏବେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହକୁ ଜାଣି ଫିଲ୍ମ ନିର୍ମାତା ଏକ ନୂଆ ଅପଡେଟ୍ ଦେଇଛନ୍ତି। ମେ' ୧୮ ରେ ଏହାର ଟ୍ରେଲର୍ ଆସିବ। ମୁମ୍ବାଇରେ ଏହାର ଭବ୍ୟ ଟ୍ରେଲର୍‌କୁ ଲଞ୍ଚ୍ କରାଯିବ। ନିକଟରେ ଫିଲ୍ମ ନିର୍ମାତା ଏକ ପ୍ରମୋସନାଲ ଭିଡିଓ ସେୟାର୍ କରି ଲେଖିଛନ୍ତି- ମୁମ୍ବାଇ, ତାଙ୍କ ନାମ ମନେ ରଖିଥା, ପେଡ୍ଡି, ଆସୁଛି।' ମୁମ୍ବାଇ ପରେ ଭୋପାଳରେ ଏହାର ଏକ ଗୀତକୁ ଲଞ୍ଚ୍ କରାଯିବ। ତେବେ ହିନ୍ଦୀଭାଷୀ ଦର୍ଶକଙ୍କୁ ଫିଲ୍ମ ପ୍ରତି ଆକୃଷ୍ଟ କରିବା ପାଇଁ ଫିଲ୍ମ ନିର୍ମାତା ଏପରି ଯୋଜନା କରିଥିବା କୁହାଯାଉଛି। ଏହା ଜୁନ୍ ୪ରେ ସିନେମାହଲ୍‌କୁ ଆସିବ। ବୁଚି ବାବୁ ସନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରାମଚରଣଙ୍କ ସହ ଜାହ୍ନବୀ କପୁର, ଶିବା ରାଜକୁମାର, ଜଗପତି ବାବୁ, ଦିବେନ୍ଦୁ ଶର୍ମା ନଜର ଆସିବେ। ଏ.ଆର୍ ରେହମାନ୍ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।


# ଆନ୍ତର୍ଜାତୀୟ ପରିବାର ଦିବସ



ବସୁଧୈବ କୁଟୁମ୍ବକମ୍ ହେଉଛି ଭାରତୀୟ ସଂସ୍କୃତିର ଏକ ମହାନ ସୂକ୍ତି, ଯାହା ସମଗ୍ର ବିଶ୍ୱକୁ ଏକ ପରିବାର ଭାବରେ ଗ୍ରହଣ କରିବାକୁ ଶିକ୍ଷା ଦିଏ। ଏହି ଭାବନା ସହିତ ପ୍ରତିବର୍ଷ ମେ' ୧୫ ତାରିଖରେ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଏ, ଯାହା ପରିବାରର ଗୁରୁତ୍ୱ ଏବଂ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରେ। କେତେ ମତ ପୁଣି କେତେ ବିଚାର। ସମସ୍ତଙ୍କ ପସନ୍ଦ ନାପସନ୍ଦ ବି ଅଲଗା। ଏସବୁ ପରେ ବି ସମସ୍ତେ ଏକ ସୂତ୍ରରେ ବନ୍ଧା। ତାହା ହିଁ ହେଉଛି ପରିବାର। ଆଉ ଏଇ ପରିବାରରୁ ହିଁ ଆରମ୍ଭ ହୋଇଥାଏ ସୁସ୍ଥ ସମାଜର ମୂଳଦୁଆ। ଜୀବନକୁ ନିଜ ଢଙ୍ଗରେ ଆଗେଇ ନେବାର ଚେଷ୍ଟା ତ ସମସ୍ତେ କରନ୍ତି, କିନ୍ତୁ ବାନ୍ଧି ହୋଇଥାନ୍ତି ପରିବାର ରୂପକ ଶୃଙ୍ଖଳାରେ। ପରିବାରର ବନ୍ଧନ ମଜଭୁତ ଥିଲେ ସହଜରେ ବଦଳିପାରେ ନକାରାତ୍ମକ ପରିସ୍ଥିତି। ଲୋକଙ୍କ ମଧ୍ୟରେ ଯୌଥ ପରିବାରର ମହତ୍ତ୍ୱ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଇଥାଏ। ୧୯୯୩ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ଏହି ଦିବସ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସମାଜର ମେରୁଦଣ୍ଡ ଭାବେ ପରିବାରକୁ ହିଁ ଧରାଯାଇଥାଏ। ଖାଲି ଯେ ଚାରି ପାଞ୍ଚ ଜଣ ମଣିଷଙ୍କୁ ନେଇ ଏକ ପରିବାର ଗଠନ ହୋଇଥାଏ ତାହା ନୁହେଁ। ଗୋଟିଏ ଛାତ ତଳେ ଏକାଠି ରହୁଥିବା ମଣିଷମାନଙ୍କ ଭିତରେ ସ୍ନେହ, ପ୍ରେମ, ପରସ୍ପର ପ୍ରତି ସମ୍ମାନ, ଦାୟିତ୍ୱବୋଧତା ରହିବା ବି ନିହାତି ରହିବା ଆବଶ୍ୟକ । ଭାରତୀୟ ସଂସ୍କୃତିରେ ସାଧାରଣତଃ ପରିବାର ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ହେଉଛି ଏକାର୍ଣ୍ଣବର୍ତ୍ତୀ ପରିବାର ଓ ଅନ୍ୟଟି ଯୌଥ ପରିବାର। ଆଜିର ସମୟରେ ହଜିଯାଇଥିବା ଯୌଥ ପରିବାରର ବିଶେଷତ୍ୱ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନର ଆରମ୍ଭ ହୋଇଥିଲା। ସମାଜରେ ମୁଣ୍ଡ ଟେକୁଥିବା ବିଭିନ୍ନ ସମସ୍ୟା, ପ୍ରାକୃତିକ ଦୁର୍ବିପାକର ସାମ୍ନା କରିବା ଓ ସମସ୍ତେ ଏକାଠି ହୋଇ ସହଯୋଗର ହାତ ବଢ଼ାଇବା ଲାଗି ଏହି ଦିବସ ପ୍ରେରଣା ଯୋଗାଇଥାଏ। ପରିବାର ହିଁ ଜଣେ ମଣିଷର ଅବସାଦ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପରିବାରରେ ପରସ୍ପର ମଧ୍ୟରେ କଥାବାର୍ତ୍ତାର ସୁଯୋଗ ସୃଷ୍ଟି ହୋଇଥାଏ, ଯାହା ମାନସିକ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ। ଏହି ଦିବସ ମାଧ୍ୟମରେ, ପାରିବାରିକ ମୂଲ୍ୟବୋଧକୁ ବଜାୟ ରଖିବା ସହିତ ସମଗ୍ର ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।


## ସଞ୍ଜୀବନୀ

# ଆଇଓଏଲ୍ ଲେନ୍ସରେ ସହଜ ମୋତିଆବିନ୍ଦୁ ଅସ୍ତ୍ରୋପଚାର



ମୋତିଆବିନ୍ଦୁ ହେଉଛି ମୁଖ୍ୟତଃ ବୟସଜନିତ ଚକ୍ଷୁ ରୋଗ। ଯେଉଁଥିରେ ଆଖିର ପ୍ରାକୃତିକ ଲେନ୍ସ ସମୟକ୍ରମେ ପରିପକ୍ୱ (ମେଘୁଆ) ହୋଇଯାଏ, ଫଳରେ ଆଖିକୁ ଝାପ୍ସା ଦେଖାଯାଏ। ବୟସ ବ୍ୟତୀତ ମଧୁମେହ ରୋଗ, ଗ୍ଲୁକୋମା, ଚକ୍ଷୁରେ ଆଘାତ, ଧୂମପାନ, ସଂକ୍ରମଣ, ଷ୍ଟେରଏଡ୍ ଭଳି କିଛି ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ କେତେକ ବଂଶଗତ ଅବସ୍ଥା ଦ୍ୱାରା ମଧ୍ୟ ମୋତିଆବିନ୍ଦୁ ରୋଗ ଆରମ୍ଭ ହୋଇପାରେ। ସଂକ୍ରମଣ, ଆଘାତ ଏବଂ ଶାରୀରିକ ବିକାଶରେ ସମସ୍ୟା ଯୋଗୁଁ ପିଲାଙ୍କଠାରେ ମଧ ମୋତିଆବିନ୍ଦୁ ରୋଗ ହୋଇପାରେ। ଦୃଷ୍ଟିଶକ୍ତି ଫେରାଇ ଆଣିବା ପାଇଁ କେବଳ ଏକ ଛୋଟ ଅସ୍ତ୍ରୋପଚାର ଆବଶ୍ୟକ। ମୋତିଆବିନ୍ଦୁ ଅସ୍ତ୍ରୋପଚାରର ସଫଳତା ହାର ୯୮% ରୁ ଅଧିକ। ମୋତିଆବିନ୍ଦୁ ଅସ୍ତ୍ରୋପଚାର ଏକ ପ୍ରକ୍ରିୟା ଯେଉଁଥିରେ ଆଖିରୁ ମେଘୁଆ ଲେନ୍ସକୁ ବାହାର କରି ସେଠାରେ ସ୍ୱଚ୍ଛ କୃତ୍ରିମ ଲେନ୍ସ ଲଗାଯାଏ। ଏହି ଅସ୍ତ୍ରୋପଚାର ଶୀଘ୍ର ଓ ଯନ୍ତ୍ରଣାହୀନ ହୋଇଥାଏ ଏବଂ ରୋଗୀ କିଛି ଘଣ୍ଟା ମଧ୍ୟରେ ସ୍ପଷ୍ଟ ଭାବେ ଦେଖି ପାରନ୍ତି। ପ୍ରିମିୟମ୍ ଇଂଟ୍ରାଅକୁଲାର ଲେନ୍ସ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଏକ ପରିବର୍ତ୍ତନଶୀଳ ଅଗ୍ରଗତି। ଏହା ରୋଗୀମାନଙ୍କୁ ବିଭିନ୍ନ ଦୂରତାରେ ଚଷମା-ବିନା ଦେଖିବାକୁ ସଶକ୍ତ କରିଥାଏ, ଅସମଦୃଷ୍ଟିକୁ ସୁଧାରି ଥାଏ ଏବଂ କମ୍ ଆଲୋକରେ ଦେଖିବାର ସାମର୍ଥ୍ୟକୁ ବୃଦ୍ଧି କରିଥାଏ ବୋଲି ଭୁବନେଶ୍ୱରର ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡକ୍ଟର ସୋନାଲି କୁହନ୍ତି।

# ଷ୍ଟେରଏଡ଼ ପାଇଁ ଚେତାବନୀ



ରୋଗୀଙ୍କ ଚିକିତ୍ସାରେ ଆବଶ୍ୟକସ୍ଥଳେ ଡାକ୍ତର ଷ୍ଟେରଏଡ୍ ବ୍ୟବହାର କରନ୍ତି। ଏହା ଶରୀରରେ ଅତ୍ୟଧିକ ମାତ୍ରାର ପ୍ରଦାହକୁ ରୋକିଥାଏ। କିନ୍ତୁ ବର୍ତ୍ତମାନ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଉଦ୍ଦେଶ୍ୟରେ ବଡିବିଲ୍ଡର ବା ଜାତୀୟସ୍ତରର ଖେଳାଳି ବେନିୟମ ଭାବେ ଆନାବୋଲିକ୍ ଷ୍ଟେରଏଡ୍ ବ୍ୟବହାର କରୁଛନ୍ତି। ଏହି ଷ୍ଟେରଏଡ୍ ସମ୍ପୂର୍ଣ୍ଣ ନିଷେଧ। କୌଣସି ଅଭିଜ୍ଞତା ନଥାଇ ଦୀର୍ଘ ଦିନ ଧରି ଷ୍ଟେରଏଡ୍ ନେଲେ ଶରୀର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଏ।

ଆନାବୋଲିକ୍ ଷ୍ଟେରଏଡ୍ ନେବା ଦ୍ୱାରା ପୁରୁଷ ଏବଂ ମହିଳାଙ୍କର ଶାରୀରିକ ଏବଂ ମାନସିକ ସମସ୍ୟା ହୋଇପାରେ। ଷ୍ଟେରଏଡ୍ ରକ୍ତ ବାହିକାକୁ ପ୍ରଭାବିତ କରିବା ସହ ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମସ୍ତିଷ୍କାଘାତ, ଯକୃତଜନିତ ସମସ୍ୟା ଆଶଙ୍କାକୁ ବଢ଼ାଇଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା କ୍ଷମତାକୁ ଏହା ଦୁର୍ବଳ କରିଥାଏ। ପୁରୁଷଙ୍କଠାରେ ଶୁକ୍ରାଣୁ ସଂଖ୍ୟା ହ୍ରାସ, ନପୁଂସକତା, ଅସ୍ଥି ଦୁର୍ବଳ, ମହିଳାଙ୍କ ମାସିକ ଋତୁସ୍ରାବ ସମସ୍ୟା, ବ୍ରଣ, କେଶ ଝଡ଼ିବା, ମାନସିକ ଅବସାଦ, ଅତ୍ୟଧିକ କ୍ରୋଧ, ଅସ୍ଥିର ମନ ଆଦି ହୋଇଥାଏ। ଷ୍ଟେରଏଡ୍ ବ୍ୟବହାର ଅସୁରକ୍ଷିତ ଓ ଅବୈଧ। ଏହାବଦଳରେ ସୁସ୍ଥ ଆହାର, ବ୍ୟାୟାମ ଏବଂ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଜରୁରି।

## 'ସକାଳ'ର ସ୍ୱାସ୍ଥ୍ୟ

# ହନ୍ତା ଭୂତାଣୁ


**କରୋନା ପରେ ଅନେକ ଭୂତାଣୁଜନିତ ରୋଗ ଦେଖାଯାଇଛି। ତନ୍ମଧ୍ୟରୁ କିଛି ଭୂତାଣୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି। ନିକଟରେ ଆର୍ଜେଣ୍ଟିନାରୁ ବାହାରି ଥିବା ଏକ ଡଚ୍ କ୍ରୁଜ୍ ଶିପ୍‌ରେ ହନ୍ତା ଭୂତାଣୁ ସଂକ୍ରମଣ ମାମଲା ସାରା ବିଶ୍ୱରେ ଚିନ୍ତା ବଢ଼ାଇଛି। ଏହା ଏକ ଗମ୍ଭୀର ସଂକ୍ରାମକ ରୋଗ।**



ସଂକ୍ରମିତ ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ଭୂତାଣୁ ମଣିଷ ଶରୀରକୁ ସଂକ୍ରମିତ ହୋଇଥାଏ। ସଂକ୍ରମଣର ୧ରୁ ୮ ସପ୍ତାହ ପରେ ଜ୍ୱର, ମୁଣ୍ଡବିନ୍ଧା, ଥକ୍କାପଣ, ଶରୀର ଯନ୍ତ୍ରଣା, ପେଟ ସମସ୍ୟା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବଢ଼ିଲେ ନିଃଶ୍ୱାସ ନେବାରେ କଷ୍ଟ, ଫୁସ୍‌ଫୁସ୍‌ରେ ପାଣି ଜମିବା, ବୃକ୍କ ସମସ୍ୟା ସୃଷ୍ଟି କରିପାରେ। ଏହି ସମସ୍ୟା ଦୂର କରିବାକୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଆବଶ୍ୟକ। ମୂଷାଙ୍କଠାରୁ ଦୂରେଇ ରହିବା, ଘର ସଫା ସମୟରେ ସତର୍କ ରହିବା, ଖାଦ୍ୟକୁ ସର୍ବଦା ଘୋଡ଼ାଇ ରଖିବା ଭଲ। ଏହାସହ ହାତ ଧୋଇବା, ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ଏଡାଇବା ଭଳି ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟି ଭାଇରାଲ୍ ଔଷଧ ନ ଥିବାରୁ ରୋଗୀର ସ୍ୱାସ୍ଥ୍ୟ ସ୍ଥିତି ଅନୁସାରେ ଡାକ୍ତର ଚିକିତ୍ସା ଯୋଗାଇ ଦିଅନ୍ତି।

## ଘର ବଇଦ

# ମଧୁମେହର ଉପଚାର




- ରସ ସିନ୍ଦୂର, ଅର୍ଜ୍ଜୁନ ଛେଲି ଚୂର୍ଣ୍ଣ ଏବଂ ବଙ୍ଗଭସ୍ମ ସମଭାଗ ନେଇ ମର୍ଦ୍ଦନ କରିବେ। ଏହାର ସମଭାଗ ମିଶ୍ରି ମିଶାଇ ଶିମିଳି ଚେର ରସରେ ମର୍ଦ୍ଦନ କରି ବଟିକା କରିବେ। ବଟିକା ମାତ୍ରା ୨ରତିଠାରୁ ୪ରତି। ଦିନକୁ ଦୁଇଟି ବଟିକା ସକାଳ ଓ ସନ୍ଧ୍ୟାରେ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଶୁଦ୍ଧ ଗନ୍ଧକ, କାନ୍ତ ଲୌହ ଭସ୍ମ ପ୍ରତ୍ୟେକରୁ ଅଧରତି ମିଶ୍ରିତ କରି ତୁଳସୀ ପତ୍ର ରସ ଓ ମହୁରେ ମିଶାଇ ଖାଇଲେ ୩ ଦିନରେ ଉପକାର ପାଇବେ। ଏବଂ ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଆମ୍ବପତ୍ର ଅଥବା ଅଶୋକପତ୍ରର କ୍ୱାଥ ଖାଇଲେ ବହୁମୂତ୍ର ରୋଗର ଉପକାର ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଖରାଦିନିଆ ଝାଡ଼ାବାନ୍ତି

**ଖରାଦିନର ପ୍ରଚଣ୍ଡ ରୌଦ୍ରତାପ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଗଭୀର କୁପ୍ରଭାବ ପକାଇଥାଏ। ଏହି ଦିନେ ଝାଡ଼ାବାନ୍ତି ଏବଂ ଡିହାଇଡ୍ରେସନ୍ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥାଏ। ଝାଡ଼ାବାନ୍ତି ପୂର୍ବରୁ ଶରୀରରେ କିଛି ଲକ୍ଷଣ ଦେଖାଯାଇଥାଏ। ଉକ୍ତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**

ଗରମ ଦିନେ ପରିବେଶ ଉତ୍ତପ୍ତ ରହୁଥିବାରୁ ଜୀବାଣୁମାନେ ଶୀଘ୍ର ବଂଶବୃଦ୍ଧି କରନ୍ତି, ଖାଦ୍ୟ ଶୀଘ୍ର ନଷ୍ଟ ହୋଇଯାଏ। ଦୂଷିତ ଜଳ, ବାସି ଖାଦ୍ୟ କିମ୍ବା ରାସ୍ତା କଡ଼ର ଖୋଲା ଖାଦ୍ୟ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ଆରମ୍ଭ ହୁଏ। ଏହାଦ୍ୱାରା ଶରୀରରୁ ପାଣି ସହ ଇଲେକ୍ଟ୍ରୋଲାଇଟ୍‌ସ (ସୋଡିୟମ୍, ପୋଟାସିୟମ୍, କ୍ଲୋରାଇଡ) ବାହାରିଯାଇ ରୋଗୀ ଅତ୍ୟନ୍ତ ଦୁର୍ବଳ ହୋଇପଡନ୍ତି। ମୁଣ୍ଡ ବୁଲାଇବା, ରକ୍ତ ଝାଡ଼ା, ପରିସ୍ରା କମ୍ ହେବା, ଓଠ ଶୁଖିଯିବା ଏବଂ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯାଏ। ବୟସ୍କ ବ୍ୟକ୍ତି ଏବଂ ଛୋଟ ପିଲାଙ୍କ ପାଇଁ ଏହା ଅଧିକ ବିପଜ୍ଜନକ ହୋଇଥାଏ।

### ଘରୋଇ ଉପଚାର

ଶରୀରକୁ ଡିହାଇଡ୍ରେସନରୁ ରକ୍ଷା କରିବା ପାଇଁ ପ୍ରତି ୧୦ ରୁ ୧୫ ମିନିଟ୍‌ରେ ଥରେ ଅଳ୍ପ ଅଳ୍ପ କରି ଓଆରଏସ୍ ପିଇ ପାରିବେ। ପ୍ରସ୍ତୁତ ଦ୍ରବଣକୁ କେବଳ ୨୪ ଘଣ୍ଟା ମଧ୍ୟରେ ବ୍ୟବହାର କରାଯାଏ। ଏହାସହ ପଇଡ଼ ପାଣି, ଲେମ୍ବୁ ପାଣି, ଘୋଳଦହି, ବେଲ ସର୍ବତ, ପାଣି ପ୍ରଚୁର ପରିମାଣରେ ପିଇ ପାରିବେ। ଝାଡ଼ା ସମୟରେ ଉପବାସ ନ ରହି ଦହି ଭାତ, ସିଝା ଅମୃତଭଣ୍ଡା, ଆଳୁ ଚକଟା ଭଳି ହାଲୁକା ତଥା ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ଆବଶ୍ୟକ।

### ନିରାକରଣ

ସଂକ୍ରମଣରୁ ବଞ୍ଚିବା ପାଇଁ ଖାଇବା ପୂର୍ବରୁ ଏବଂ ଶୌଚାଳୟରୁ ଆସିବା ପରେ ସାବୁନରେ ହାତ ଧୋଇବା ଜରୁରି। ପିଇବା ପାଇଁ ଫୁଟା କିମ୍ବା ଫିଲ୍ଟର ପାଣି ବ୍ୟବହାର ହିତକର। ପିଲାଙ୍କୁ ପରିଷ୍କାର ରଖିବା ସହ ସେମାନଙ୍କ ବ୍ୟବହାର୍ଯ୍ୟ ଜିନିଷ ସଫା ରଖନ୍ତୁ। ଘର ତିଆରି ସତେଜ ଏବଂ ଗରମ ଖାଦ୍ୟ ଖାଇବା ଭଲ। ଫାଷ୍ଟଫୁଡ୍, ରାସ୍ତାକଡ଼ର କଟା ଫଳ, ଖୋଲା ଖାଦ୍ୟ ଏବଂ ବାସି ଖାଦ୍ୟ ଖାଇବା ଅନୁଚିତ। ଉପଚାର ସତ୍ତ୍ୱେ ଝାଡ଼ା ବାନ୍ତି ନ କମିଲେ, ମଳରେ ରକ୍ତ ପଡିବା ସହ ଜ୍ୱର ଲାଗି ରହିଲେ କିମ୍ବା ରୋଗୀ ଅଧିକ ଦୁର୍ବଳ ଅନୁଭବ କଲେ, ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରିବା ଅନୁଚିତ।



## ତିଳକଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଶାର୍ଦ୍ଦୁଳଙ୍କ ସଫଳ ବୋଲିଂ

# ମୁମ୍ବାଇ ବିଜୟୀ; ପଞ୍ଜାବର କ୍ରମାଗତ ୫ମ ପରାଜୟ

ଧର୍ମଶାଳା,୧୪।୫(ଏଜେନ୍ସି):

ତିଳକ ବର୍ମା ଓ ୱିଲ ଜ୍ୟାକ୍ସଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଆଇପିଏଲ୍‌ର ୫୮ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୫ମ ପରାଜୟ ସହ ଶ୍ରେୟସ ଆୟରଙ୍କ ପଞ୍ଜାବ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଦଳ ଏବେ ୧୨ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ମୁମ୍ବାଇ ଏଠାରେ ଚତୁର୍ଥ ବିଜୟ ହାସଲ କରି କିଛିଟା ଆତ୍ମ ସମ୍ମାନ ରକ୍ଷା କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୨୦୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୯.୫ ଓଭରରେ ୪ ରନ କରିଥିଲା। ଦଳ ପକ୍ଷରୁ ୨୫ ବଲ୍‌ରେ ୫୦ରନ୍ ପୂରଣ କରିଥିବା ତିଳକ ବର୍ମା ୩୩ ବଲ୍‌ର ସାମ୍ନା କରି ୬ଟି ଚୌକା ଓ ୬ଟି ଛକା ସହାୟତାରେ ସର୍ବାଧିକ ୭୫ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଶେଷଭାଗରେ ୱିଲ ଜ୍ୟାକ୍ସ ୧୦ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୫ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ରିୟାନ ରିକେଲଟନ୍ ୨୩ବଲ୍‌ରେ ୪୮, ରୋହିତ ଶର୍ମା ୨୬ବଲ୍‌ରେ ୨୫ ଓ ନଂ-୩ ନମନ ଧୀର ୬ବଲ୍‌ରେ ୯ ରନ୍ କରି ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ୨ଟି, ମାର୍କୋ ଜାନ୍‌ସେନ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।




| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| ଲକ୍ଷ୍ନୌ ବନାମ ଚେନ୍ନାଇ |
| ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |



ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଇନିଂସରେ ପ୍ରଥମ ୩ଜଣ ବ୍ୟାଟର ଯଥା ପ୍ରଭସିମରନ ସିଂହ ୫୭, ପ୍ରିୟାଂଶ ଆର୍ଯ୍ୟ ୨୨ ଓ କୁପର କନୋଲୀ ୨୧ରନ୍ କରିଥିଲେ। ୧୨ ଓଭର ଖେଳରେ ପଞ୍ଜାବ ଏକଦା ୧ ୱିକେଟରେ ୧୦୭ ରନ୍ କରିଥିଲାବେଳେ ଦଳ ୧୬ ରନ୍‌ରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଶେଷ ଭାଗରେ ଆଜମତୁଲ୍ଲା ଓମରଜାଇଙ୍କ ୧୭ ବଲ୍‌ରେ ୩୮, ଜାଭିୟର ବାର୍ଟଲେଟ ୭ ବଲ୍‌ରୁ ୧୮ ଓ ବିଷ୍ଣୁ ବିନୋଦ ୮ବଲ୍‌ରୁ ୧୫ ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩୯ ରନ୍‌ରେ ସର୍ବାଧିକ ୪ଟି ଓ ଦୀପକ ଚହର ୩୬ରନ୍‌ରେ ୨ଟି ୱିକେଟ ପାଇଥିଲେ।

ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ତାଙ୍କ ଅନୁପସ୍ଥିତିରେ ଦଳର ନେତୃତ୍ୱ ନେଇଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରାଯାଇ ନ ଥିଲା। ଏମାନଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରା ଦଳର ନେତୃତ୍ୱ ନେଇଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ଚେନ୍ନାଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| କୋଲକାତା | ୧୧ | ୪ | ୬ | ୧ | ୯ | -୦.୧୯୮ |
| ମୁମ୍ବାଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ସିଏସ୍‌କେକୁ ଆଉ ଏକ ଧକ୍କା

## ଓଭରଟନ ଆଉଟ, ଫରେଷ୍ଟର ଇନ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ୫ଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର କିଙ୍ଗ୍‌ସକୁ ଚଳିତ ଟୁର୍ଣ୍ଣାମେଣ୍ଟରେ ଆଉ ଏକ ଶକ୍ତ ଧକ୍କା ଲାଗିଛି। ସିଏସ୍‌କେର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଇଂଲଣ୍ଡ ଅଲରାଉଣ୍ଡର ଜାମି ଓଭରଟନ୍ ଆହତ ହୋଇ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ୨୫ ବର୍ଷୀୟ ଅଲରାଉଣ୍ଡର ଡିଆନ ଫରେଷ୍ଟରଙ୍କୁ ସାମିଲ କରିଛି। ଫରେଷ୍ଟରଙ୍କ ମାତ୍ର ୫ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି ଓ ସିଏସ୍‌କେ ତାଙ୍କୁ ୭୫ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରିଛି। ଚଳିତ ଆଇପିଏଲ୍‌ରେ ୧୪ଟି ୱିକେଟ ନେଇଥିବା ଓଭରଟନଙ୍କ ଜଙ୍ଘ ମାଂସପେଶୀରେ ଗଭୀର ଆଘାତ ଲାଗିଛି। ଅଧିକ ଚିକିତ୍ସା ଲାଗି ସେ ଇଂଲଣ୍ଡ ଫେରିଯାଇଛନ୍ତି। ଗତକାଲି ଆହତ ଫାଷ୍ଟ ବୋଲର ରାମକ୍ରିଷ୍ଣା ଘୋଷଙ୍କ ସ୍ଥାନରେ କର୍ଣ୍ଣାଟକ ଅଲରାଉଣ୍ଡର ମ୍ୟାକ୍‌ନେଲ ନୋରୋନାଙ୍କୁ ସାମିଲ କରିବା ଘୋଷଣା କରିବା ପରେ ଓଭରଟନ୍‌ଙ୍କ ଆହତ ସମସ୍ୟାର ରିପୋର୍ଟ ପଦାକୁ ଆସିଥିଲା।

## ବିରାଟ ବୟାନ: ଦିନେ ମୁଁ ଖେଳିବା ଛାଡ଼ିଦେବି...

ରାୟପୁର, ୧୪।୫ (ଏଜେନ୍ସି): ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତାରକା ବିରାଟ କୋହଲି ଆଇପିଏଲ୍‌ରେ ୯ମ ଶତକ ହାସଲ କରିଛନ୍ତି। ଗତକାଲି ଏଠାରେ କୋଲକାତା ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ କୋହଲି ୧୦୫ ରନର ଅପରାଜିତ ପାଳି ଖେଳି ଆରସିବିକୁ ୬ ୱିକେଟରେ ବିଜୟୀ କରାଇଥିଲେ। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋହଲି ଅବସରକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। କୋହଲି କହିଛନ୍ତି ଯେ କ୍ରମାଗତ ୨ଟି ମ୍ୟାଚରେ 'ଶୂନ'ରେ ଆଉଟ ହେବା ମୋତେ ଚିନ୍ତାରେ ପକାଇଥିଲା। ମୋ ଖେଳରେ କୌଣସି ତ୍ରୁଟି ନ ଥିଲା, କିନ୍ତୁ ଏହା ମୋତେ କଷ୍ଟ ଦେଇଥିଲା। ଏହା ସତ୍ତ୍ୱେ ମୁଁ ବ୍ୟାଟିଂ କରିବାକୁ ଭଲପାଏ। ଏଥିପ୍ରତି ମୋର ଗଭୀର ଆଗ୍ରହ ରହିଛି। ଏହି ସ୍ତରରେ ଆଜି ମଧ୍ୟ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ପ୍ରତିଯୋଗିତା କରିବା ମୋ ପାଇଁ ଏକ ବଡ଼ ସମ୍ମାନ। ମୁଁ ପଡ଼ିଆରେ ମୋର ସର୍ବସ୍ୱ ଦେବି। କାରଣ ଦିନେ ନା ଦିନେ ଏହା ଶେଷ ହୋଇଯିବ ବୋଲି କୋହଲି କହିଥିଲେ। କୋହଲି ଏହି ବୟାନରେ ସେ ନିକଟ ଭବିଷ୍ୟତରେ ସମସ୍ତ ଫର୍ମାଟରୁ ଅବସର ନେବାକୁ ସଙ୍କେତ ଦେଇଥିବା ଚର୍ଚ୍ଚା ହେଉଛି।

## ନାହିଦ ଏପ୍ରିଲ ମାସର ଶ୍ରେଷ୍ଠ କ୍ରିକେଟର୍



ଦୁବାଇ, ୧୪।୫ (ଏଜେନ୍ସି): ବାଂଲାଦେଶ ଦ୍ରୁତ ବୋଲର ନାହିଦ ରାଣା ଏପ୍ରିଲ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ ଲାଗି ନାହିଦଙ୍କୁ ଏହି ଆଇସିସି ଟ୍ରଫି ମିଳିଛି। ତିନି ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ରାଣା ୮ଟି ୱିକେଟ୍ ନେଇଥିଲେ। ଫଳରେ ବାଂଲାଦେଶ ୨-୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଐତିହାସିକ ସିରିଜ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ରାଣାଙ୍କ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି 'ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ' ଟ୍ରଫି ଜିତିଛନ୍ତି।

## କୋହଲିଙ୍କ ସମକକ୍ଷ ହେଲେ ରୋହିତ୍

ଧର୍ମଶାଳା, ୧୪।୫ (ଏଜେନ୍ସି): ଆଇପିଏଲ୍ ଇତିହାସରେ ସର୍ବାଧିକ ମ୍ୟାଚ୍ ଖେଳିବାରେ ବିରାଟ କୋହଲିଙ୍କ ସହ ସମକକ୍ଷ ହୋଇଛନ୍ତି ରୋହିତ ଶର୍ମା। ଗୁରୁବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଖେଳି ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା ଏହି କୀର୍ତ୍ତିମାନ କରିଛନ୍ତି। ଆଇପିଏଲ୍‌ରେ ରୋହିତଙ୍କ ଏହା ୨୭୯ତମ ମ୍ୟାଚ୍ ଥିଲା। ଦିନକ ତଳେ ଆରସିବି ତାରକା କୋହଲି କୋଲକାତା ବିପକ୍ଷ ମ୍ୟାଚ୍ ସହ ଆଇପିଏଲ୍‌ରେ ତାଙ୍କର ୨୭୯ତମ ମ୍ୟାଚ୍ ଖେଳିଥିଲେ। ଫଳରେ ଏବେ କୋହଲି ଓ ରୋହିତ ଏହି ତାଲିକାରେ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ଏହି ତାଲିକାରେ ମହେନ୍ଦ୍ର ସିଂ ଧୋନି (୨୭୮ ମ୍ୟାଚ୍), ଜାଡେଜା (୨୬୫), ଦୀନେଶ କାର୍ତ୍ତିକ (୨୫୭) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## କ୍ୱାର୍ଟରରେ ସିନ୍ଧୁ, ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ବ୍ୟାଙ୍କକ, ୧୪।୫ (ଏଜେନ୍ସି): ପାଞ୍ଚ ଲକ୍ଷ ଡଲାର (୪.୭୮ କୋଟି ଟଙ୍କା) ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ପିଭି ସିନ୍ଧୁ, ଲକ୍ଷ୍ୟ ସେନ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ପ୍ରମୁଖ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦୁଇଥରର ଅଲିମ୍ପିକ୍ସ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ରେ ୨୧-୧୩, ୨୧-୧୫ ସିଧାସଳଖ ଗେମରେ ଡେନମାର୍କର ଆମେଲି ଶ୍ଚୁଲଜଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁ ବିଶ୍ୱର ୩ ନମ୍ବର ଖେଳାଳି ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିବେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ୨୧-୧୨, ୨୧-୧୩ ସିଧାସଳଖ ଗେମରେ ଚାଇନାର ଝୁ ଜୁଆନଙ୍କୁ ହରାଇଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ମାଲେସିଆର ବ୍ରାଏନା ଜେରେମୀଙ୍କୁ ପରାସ୍ତ କରିଥିଲେ।




## ଟି-୨୦ରେ ୧୦ଟି ଶତକ ଓ ୧୪,୦୦୦ ରନ୍ ପୂରଣ | କୋହଲି ପ୍ରଥମ ଭାରତୀୟ




ରାୟପୁର,୧୨।୫(ଏଜେନ୍ସି): ଏଠାରେ ବୁଧବାର ଅନୁଷ୍ଠିତ କେକେଆର୍ ବିପକ୍ଷ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ଆର୍‌ସିବର ତାରକା ଖେଳାଳି ବିରାଟ କୋହଲି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଅପରାଜିତ ୧୦୫ ରନ୍ କରିବା ଫଳରେ ଆର୍‌ସିବି ୬ ୱିକେଟରେ ବିଜୟୀ ହୋଇଥିଲା। କୋହଲିଙ୍କର ଏହା ୨୭୯ତମ ମ୍ୟାଚ୍ ଥିଲା ଓ ସେ ଏହି ମ୍ୟାଚ୍‌ରେ ତାଙ୍କ ଟି-୨୦ କ୍ୟାରିୟରର ୧୦ମ ଶତକ ଓ ୧୪,୦୦୦ ରନ୍ ପୂରଣ ହୋଇଥିଲା। ଟି-୨୦ରେ ୧୦ଟି ଶତକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ତଥା ବିଶ୍ୱର ଚତୁର୍ଥ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ ୨୨ଟି, ପାକିସ୍ତାନର ବାବର ଆଜମ ୧୩ଟି ଓ ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ୧୦ଟି ଶତକ ହାସଲ କରିଛନ୍ତି। କୋହଲି ଯେଉଁ ୧୦ଟି ଶତକ ହାସଲ କରିଛନ୍ତି ତାହା ମଧ୍ୟରୁ ଆଇପିଏଲ୍‌ରେ ରହିଛି ୯ଟି। ଆଇପିଏଲ୍‌ରେ ଏହା ମଧ୍ୟ ଜଣେ ଖେଳାଳିଙ୍କ ଲାଗି ସର୍ବାଧିକ। ତାଙ୍କ ପରେ ଜୋସ୍ ବଟ୍ଲରର ୭ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଏହି ମ୍ୟାଚ୍‌ରେ କୋହଲି ୪୦୯ତମ ଇନିଂସରେ ୧୪,୦୦୦ ଟି-୨୦ ରନ୍ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ଦ୍ରୁତତମ। ତାଙ୍କ ପୂର୍ବରୁ ଗେଲ ୪୨୩ଟି ଇନିଂସରେ ୧୪,୦୦୦ ରନ୍ ପୂରଣ କରିଥିଲେ। ସେ ମଧ୍ୟ ଏହି ଫର୍ମାଟରେ ୧୪,୦୦୦ ରନ୍ ପୂରଣ କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି।

ଆଇପିଏଲ୍ ଇତିହାସରେ କ୍ରମାଗତ ଶୂନ୍‌'ରେ ଆଉଟ ହେବା ପରେ ଶତକ ହାସଲ କରିବାରେ କୋହଲି ମଧ୍ୟ ପ୍ରଥମ ଖେଳାଳି ହୋଇଛନ୍ତି। ବିଶ୍ୱରେ ଖେଳାଯାଇଥିବା ସମସ୍ତ ପ୍ରକାର ଟି-୨୦ରେ ୫ଜଣ ଖେଳାଳି ଏହି ସଫଳତା ପାଇଛନ୍ତି। ସେମାନେ ହେଲେ ୨୦୧୧ରେ ଡେଭିଡ ୱାର୍ଣ୍ଣର, ୨୦୨୨ରେ ରିଲି ରୁଷୋ, ୨୦୨୪ରେ ରୋହିତ ଶର୍ମା, ୨୦୨୪ରେ ସଞ୍ଜୁ ସାମସନ ଓ ୨୦୨୫ରେ ହାସନ ନୱାଜ୍ ଏହି ସଫଳତା ପାଇଛନ୍ତି।

## ଶ୍ରୀଜେଶଙ୍କ ସ୍ଥାନରେ ସୋୟେଜ୍


ଭାରତୀୟ କନିଷ୍ଠ ହକି ଦଳର କୋଚ୍

ନୂଆଦିଲ୍ଲୀ,୧୪।୫(ଏଜେନ୍ସି): ଅଭିଜ୍ଞତା କିମ୍ବା ସଫଳତା ଭାରତୀୟ ହକି ଦଳ ସହ କାମକରିବା ଯୋଗ୍ୟତାର ମାପକାଠି ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା ଗୋଲରକ୍ଷକ ପିଆର୍ ଶ୍ରୀଜେଶ। ଅଲିମ୍ପିକ୍ ପଦକ ବିଜେତା ତଥା ଭାରତକୁ ଦୀର୍ଘଦିନ ପ୍ରତିନିଧିତ୍ୱ କରିଥିବା ଶ୍ରୀଜେଶ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିବା ପରେ ତାଙ୍କୁ ଭାରତୀୟ କନିଷ୍ଠ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଥିଲା। ସେ ମଧ୍ୟ ତାଙ୍କ ଅଭିଜ୍ଞତାକୁ କାମରେ ଲଗାଇ ଭାରତରେ ଖେଳାଯାଇଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ଭାରତକୁ କାଂସ୍ୟ ପଦକ ଜିତାଇଥିଲେ। ୧୭ ମାସ ଦାୟିତ୍ୱରେ ରହିବା ପରେ ଏହାର ପୁରସ୍କାର ବିଳମ୍ବରେ ହେଉ ମଧ୍ୟ ଏବେ ମିଳିଛି। ତାଙ୍କ କାର୍ଯ୍ୟକାଳର ରାଜିନାମା ଶେଷ ହେବା ପରେ ହକି ଇଣ୍ଡିଆ ଆଉ ନବୀକରଣ କରିନାହିଁ। ଏହାକୁ ନେଇ ଶ୍ରୀଜେଶ କ୍ଷୋଭ ପ୍ରକାଶ କରିବା ପରେ ଆଜି ହକି ଇଣ୍ଡିଆ ପକ୍ଷରୁ ଫ୍ରାନ୍ସର ଫ୍ରେଡରିକ୍ ସୋୟେଜଙ୍କୁ ଭାରତୀୟ କନିଷ୍ଠ ହକି ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ହକି ଇଣ୍ଡିଆର କହିବା ଅନୁଯାୟୀ ଫରାସୀ ବ୍ୟକ୍ତି ସୋୟେଜଙ୍କର ୩୦ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ରହିଛି। ସେ ୧୫ବର୍ଷ ଖେଳିଥିଲାବେଳେ ଫ୍ରାନ୍ସ ଓ ସ୍ପେନ୍ ଜାତୀୟ ସିନିଅର ଦଳର ହେଡ୍ କୋଚ୍ ଭାବେ କାମ କରିଛନ୍ତି। କନିଷ୍ଠ ବିଶ୍ୱକପ୍‌ରେ ଫ୍ରାନ୍ସକୁ ୨୦୧୩ରେ ରୌପ୍ୟ ପଦକ ଜିତାଇଥିଲାବେଳେ ଗତବର୍ଷ ୧୮ ବର୍ଷରୁ କମ୍ ଦଳୁ ୟୁରୋପୀୟ ଚାମ୍ପିଅନସିପ୍‌ରେ ମଧ୍ୟ ଫ୍ରାନ୍ସକୁ କାଂସ୍ୟ ପଦକ ବିଜୟୀ କରାଇଥିଲେ। ଏଭଳି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍‌ଙ୍କୁ ପାଇ ହକି ଇଣ୍ଡିଆ ଭାରତର କନିଷ୍ଠ ଦଳକୁ ଏକ ବିରାଟ ଉପହାର।

## କ୍ରମାଗତ ମ୍ୟାଚ୍ ଜିତିବାରେ ଜୋକୋଭିଚ୍‌ଙ୍କୁ ଟପିଲେ ସିନ୍ନର

ରୋମ, ୧୪।୫ (ଏଜେନ୍ସି): ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ମ୍ୟାଚ୍ ଜିତିବାରେ ଇଟାଲୀର ଜାନିକ ସିନ୍ନର ବିଶ୍ୱରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ଇଟାଲିଆନ ଓପନ୍‌ର କ୍ୱାର୍ଟର ଫାଇନାଲ ମୁକାବିଲାରେ ଘରୋଇ ଖେଳାଳି ସିନ୍ନର ୬-୨, ୬-୪ ସିଧାସଳଖ ସେଟରେ ୧୨ତମ ସିଡ୍ ଆନ୍ଦ୍ରେ ରୁବଲେଭଙ୍କୁ ପରାସ୍ତ କରିଥିଲେ। ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସିନ୍ନରଙ୍କ ଏହା କ୍ରମାଗତ ୩୨ତମ ବିଜୟ ଥିଲା। ଗତବର୍ଷ ପ୍ୟାରିସ ମାଷ୍ଟର୍ସ ଦ୍ୱିତୀୟ ରାଉଣ୍ଡରୁ ସିନ୍ନରଙ୍କ ଏହି ବିଜୟ ଅଭିଯାନ ଜାରି ରହିଛି। ଏହାରି ମଧ୍ୟରେ ସେ କ୍ରମାଗତ ୫ଟି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତି ବିଶ୍ୱରେକର୍ଡ ମଧ୍ୟ କରିଛନ୍ତି। ସିନ୍ନର ସର୍ବିଆର କିମ୍ବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚଙ୍କୁ ପଛରେ ପକାଇଦେଇଛନ୍ତି।

## ନିଖତ ନିରାଶ | ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନରେ ବିଫଳ

ପଟିଆଲା, ୧୪।୫ (ଏଜେନ୍ସି): ଦୁଇଥରର ଅଲିମ୍ପିକ ଚାମ୍ପିଅନ ତଥା ଭାରତର ତାରକା ମହିଳା ବକ୍ସର ନିଖତ ଜରୀନଙ୍କୁ ବଡ଼ ଝଟକା ଲାଗିଛି। ଆଗାମୀ ଦୁଇଟି ମେଗା ଇଭେଣ୍ଟ ଏସୀୟ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିବାରେ ନିଖତ୍ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ମହିଳା ୫୧ କିଗ୍ରା ଟ୍ରାଏଲ୍ସର ସେମିଫାଇନାଲରେ ଜରୀନ ୧-୪ରେ ସାକ୍ଷୀ ଚୌଧୁରୀଙ୍କଠାରୁ ହାରି ବିଦାୟ ନେଇଛନ୍ତି। ଏହି ପରାଜୟ ସହ ଜରୀନଙ୍କ ଆଗାମୀ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ ଆଶା ମଉଳି ଯାଇଛି। ଭିୱାନୀ ବକ୍ସର ସାକ୍ଷୀ ଗତବର୍ଷ ଜୁଲାଇରେ ଅଷ୍ଟାନରେ ଅନୁଷ୍ଠିତ ୱାର୍ଲ୍ଡ ବକ୍ସିଂ କପ୍‌ରେ ୫୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସାକ୍ଷୀ ଏବେ ଫାଇନାଲରେ ମୀନାକ୍ଷୀ ହୁଡାଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ମୀନାକ୍ଷି ୨୦୨୩ ବିଶ୍ୱ ଚାମ୍ପିଅନ ନୀତୁ ଘଙ୍ଗାସଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ସାକ୍ଷୀ ଓ ମୀନାକ୍ଷିଙ୍କ ମଧ୍ୟରୁ ଯିଏ ବିଜୟୀ ହେବ ସେ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ବକ୍ସିଂର ୫୧ କିଗ୍ରା ବିଭାଗରେ ଭାରତରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବ।

## ଭିଣ୍ଟେଜ୍ କ୍ଲବ୍‌ରେ କ୍ରିକେଟ-ଫୁଟ୍‌ବଲ ସୁଯୋଗ

ଭୁବନେଶ୍ୱର,୧୪।୫(ସମିସ): କ୍ୟୁ ସ୍ପୋର୍ଟ୍ସ ଆୟୋଜନରେ ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସାଲିଆ ସାହିର ଭିଣ୍ଟେଜ୍ କ୍ଲବ୍‌ରେ କ୍ରିକେଟ ଓ ଫୁଟବଲ ଖେଳିବା ସୁଯୋଗ ସୃଷ୍ଟି ହୋଇଛି। ଫଳରେ ଏହି ଦୁଇ ଲୋକପ୍ରିୟ ଖେଳର ମଜା ଏହି କ୍ଲବ୍ ପରିସରରେ ଏବେ ନେଇ ହେବ। ମିନି ଟର୍ଫ ସ୍ପୋର୍ଟ୍ସ ଫାସିଲିଟି ଅଫ୍ ଭିଣ୍ଟେଜ୍ କ୍ଲବ୍‌କୁ ଆଜି ଏକାମ୍ର ବିଧାୟକ ବାବୁ ସିଂ ଆନୁଷ୍ଠାନିକ ଉଦ୍‌ଘାଟନ କରିବା ପରେ ଏହା ଭିଣ୍ଟେଜ୍ ସ୍ପୋର୍ଟ୍ସ ଆରେନାରେ ପରିବର୍ତ୍ତିତ ହୋଇଛି। ଉଦୀୟମାନ ଖେଳାଳିଙ୍କ ଲାଗି ଏହା ଏକ ବଡ଼ ସୁଯୋଗ ଓ ସେମାନେ ଏହାର ସୁଯୋଗ ନେବା ଉଚିତ ବୋଲି ଅତିଥିମାନେ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିତରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ବିଜେପି ଯୁବ ଉପସଭାପତି ଅସିତ ଚୌଧୁରୀଙ୍କ ସହ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଯୋଜକ ଗୋବିନ୍ଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



### ଶ୍ରୀଲଙ୍କାରେ 'ଏ' ଟିମ୍‌ର ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ୍

## ତିଲକ ଅଧିନାୟକ, ସୂର୍ଯ୍ୟବଂଶୀ ସାମିଲ

ମୁମ୍ବାଇ,୧୪।୫(ଏଜେନ୍ସି):

ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ 'ଏ' ଟିମ୍ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ଦଳରେ ସୂର୍ଯ୍ୟବଂଶୀଙ୍କ ଏହା ପ୍ରଥମ ପ୍ରବେଶ। ଯୁଥ୍ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ସୂର୍ଯ୍ୟବଂଶୀ ଫାଇନାଲରେ ୮୦ବଲ୍‌ରୁ ୧୭୫ରନ୍ କରି ଇଂଲଣ୍ଡକୁ ହରାଇଦେଇଥିଲେ। ଜୁନ୍ ୯ରୁ ୨୧ଯାଏ ଭାରତ-ଏ', ଶ୍ରୀଲଙ୍କା-ଏ' ଓ ଆଫଗାନିସ୍ତାନ-ଏ'କୁ ନେଇ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ତିଳକ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ତାଙ୍କ ଡେପୁଟି ଥିବା ରିୟାନ ପରାଗ, ଫାଷ୍ଟ ବୋଲର ଅଂଶୁ କାମ୍ବୋଜ ଏବଂ ତିଳକ କେବଳ ୩ଜଣ ଖେଳାଳି ଭାରତ ସିନିଅର ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରହିଛି। ଆଇପିଏଲ୍‌ରେ ବିସ୍ଫୋରକ ଓପନିଂ ଯୋଡି ପଞ୍ଜାବର ପ୍ରଭସିମରନ ସିଂ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଭାରତ-ଏ' ତାହାର ପ୍ରଥମ ମ୍ୟାଚ୍ ଶ୍ରୀଲଙ୍କା-ଏ' ସହ ଜୁନ୍ ୯ରେ ଖେଳିବ। ଜୁନ୍ ୨୧ରେ ଫାଇନାଲ ମୁକାବିଲା ପରେ ଶ୍ରୀଲଙ୍କା-ଏ' ସହ ଭାରତ-ଏ' ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଟେଷ୍ଟ ସିରିଜ୍ ଲାଗି ପରେ ଭାରତୀୟ ଦଳ ଘୋଷଣା କରାଯିବ।



**ଘୋଷିତ ଦଳ:** ତିଳକ ବର୍ମା (ଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ରିୟାନ ପରାଗ (ଉପଅଧିନାୟକ), ଆୟୁଷ ବଦୋନୀ, ନିଶାନ୍ତ ସିନ୍ଧୁ, ହର୍ଷ ଦୁବେ, ସୂର୍ଯ୍ୟାଂଶ ଶେଡ୍‌ଜେ, ପ୍ରଭସିମରନ ସିଂହ ଓ କୁମାର କୁଶାଗ୍ର (ଉଭୟ ୱିକେଟରକ୍ଷକ), ବିପରାଜ ନିଗମ, ଯଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ ଓ ଅର୍ଶାଦ୍ ଖାନ୍।

**ଖେଳସୂଚୀ:** ୯।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୧।୬- ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୩।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୧୫।୬-ଭାରତ-ଏ ବନାମ ଶ୍ରୀଲଙ୍କା-ଏ, ୧୭।୬- ଭାରତ-ଏ ବନାମ ଆଫଗାନିସ୍ତାନ-ଏ, ୧୯।୬- ଆଫଗାନିସ୍ତାନ-ଏ ବନାମ ଶ୍ରୀଲଙ୍କା-ଏ, ୨୧।୬- ଫାଇନାଲ।

ଏକାଦଶାହ ଉପଲକ୍ଷେ



୰କେଶବ ଚରଣ ଦଳାଇ
ଚକ୍ରଧରପୁର, ପାରାଦ୍ୱୀପଗଡ଼, ଜଗତସିଂହପୁର
ଆବିର୍ଭାବ : ୨୧.୦୪.୧୯୬୧
ତିରୋଧାନ : ୦୫.୦୫.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-: ଶୋକସନ୍ତପ୍ତ :-
ପତ୍ନୀ–ଉର୍ମିଳା, ପୁତ୍ର–ଅବିନାଶ, ପୁତ୍ରବଧୂ–ପୂଜାରାଣୀ, କନ୍ୟା–ସୌଦାମିନୀ, ଜ୍ୱାଇଁ–ଚନ୍ଦ୍ରକାନ୍ତ, ନାତି–ଆରୁଷ, ଶୁଭମ, ଓମ୍ ଏବଂ ବନ୍ଧୁ ଓ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS